



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-8 ♦BHUBANESWAR ♦WEDNESDAY ♦2 JULY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୮ ♦ଭୁବନେଶ୍ୱର ♦ବୁଧବାର ♦୨ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ମନ୍ତ୍ରୀଙ୍କ ଗୁଣ୍ଡାଗିରି; ଏନ୍‌ଏଚ୍ ଅଧିକାରୀଙ୍କୁ ପିଟିଲେ


■ **ସିମ୍‌ଲା, ୧।୭ (ଏଜେନ୍ସି):** ହିମାଚଳ ପ୍ରଦେଶର ପଞ୍ଚାୟତିରାଜ ମନ୍ତ୍ରୀ ଅନିରୁଦ୍ଧ ସିଂହ ବିଚ୍ ରାସ୍ତା ଉପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜଣେ ଅଧିକାରୀଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି । ଗତ ୩୦ ତାରିଖରେ ସିମ୍‌ଲା ଜିଲ୍ଲା ଭାଟକୁଫର ଅଞ୍ଚଳରେ ଏକ ୫ ମହଲା ବିଶିଷ୍ଟ କୋଠା ଭୁଶୁଡିବା ଘଟଣାର ଅନୁଧ୍ୟାନ କରିବାକୁ ଯାଇଥିବା ବେଳେ ମନ୍ତ୍ରୀ ଏନ୍‌ଏଚ୍‌ଏଆଇ ମ୍ୟାନେଜର (ଟେକ୍ନିକାଲ) ଅଚଲ ଜିନ୍ଦଲଙ୍କୁ ମାଡ଼ ମାରିଥିଲେ । ଘଟଣା ସମ୍ପର୍କରେ ଶ୍ରୀ ଜିନ୍ଦଲ ମନ୍ତ୍ରୀଙ୍କ ବିରୋଧରେ ଏତଲା ଦାୟର କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ତେବେ କେନ୍ଦ୍ର



ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ହସ୍ତକ୍ଷେପ ପରେ ମନ୍ତ୍ରୀ ଶ୍ରୀ ସିଂହଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଶ୍ରୀ ଜିନ୍ଦଲ ଏବଂ ସାଇଟ୍ ଇଞ୍ଜିନିୟର ଯୋଗେଶ ସୋମବାର ସକାଳେ ଏସ୍‌ଡିଏମ ମନଜିତ ଶର୍ମାଙ୍କ ସହ କୋଠା ଭୁଶୁଡ଼ିଥିବା ସ୍ଥଳରେ ପହଞ୍ଚିବା ସହ ଏହା ରାଜ୍ୟ ସରକାରଙ୍କ ଅଧୀନରେ ଯାଉଥିବା କହିଥିଲେ । ଏହା ଶୁଣିବା ମାତ୍ରେ ମନ୍ତ୍ରୀ ରାଗିଯାଇ ଇଞ୍ଜିନିୟରଙ୍କୁ ନିସ୍ତୁକ ପିଟିଥିଲେ । ବିରୋଧୀ ଦଳ ଏହାର ନିନ୍ଦା କରିବା ସହିତ ତାଙ୍କୁ ମନ୍ତ୍ରୀପଦରୁ ତୁରନ୍ତ ବିଦା କରିବାକୁ ଦାବି କରିଛନ୍ତି ।

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ନିଲମ୍ବନ କଲେ କୋର୍ଟ

■ **ବ୍ୟାଙ୍କକ୍, ୧।୭ (ଏଜେନ୍ସି):** ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କୁ ଦେଶର ସାମ୍ବିଧାନିକ କୋର୍ଟ ନିଲମ୍ବନ କରିଛନ୍ତି । ଏହି ଘଟଣା ଥାଇଲାଣ୍ଡ ରାଜନୀତିରେ ହଟଚମଟ ସୃଷ୍ଟି କରିଛି । କାମ୍ବୋଡ଼ିଆ ନେତାଙ୍କ ସହିତ ପ୍ରଧାନମନ୍ତ୍ରୀ ଫୋନ୍‌ରେ ହୋଇଥିବା ବାର୍ତ୍ତାଳାପ ପ୍ରଘଟ ହେବାପରେ କୋର୍ଟ ପ୍ରଧାନମନ୍ତ୍ରୀଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ନିଲମ୍ବନ କରିଛନ୍ତି । ଲିକ୍ ହୋଇଥିବା ଏହି ଟେଲିଫୋନ୍ କଲ୍‌ରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ଶାସକ ହୁନ୍ ସେନଙ୍କୁ 'ଅଙ୍କଲ' ବୋଲି ସମ୍ବୋଧିତ କରିବା ସହିତ ନିଜ ଦେଶର ଜଣେ ସାମରିକ ଅଧିକାରୀଙ୍କ



ବିରୋଧରେ ବିଷୋଦଗାର କରିଥିଲେ । ଏଭଳି ବାର୍ତ୍ତାଳାପ ନୈତିକତାର ଉଲ୍ଲଂଘନ ବୋଲି କୋର୍ଟ କହିଛନ୍ତି । ସାମ୍ବିଧାନିକ କୋର୍ଟ ୭-୨ ବହୁମତରେ ରାୟ ଶୁଣାଇଛନ୍ତି । ଗତ ମେ ମାସରେ ଥାଇଲାଣ୍ଡ ଓ କାମ୍ବୋଡିଆ ସୀମାରେ ସଂଘର୍ଷ ଚାଲିଥିବା ବେଳେ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ପ୍ରଧାମନ୍ତ୍ରୀ ହୁନ୍ ସେନଙ୍କୁ ଫୋନ୍ କରିଥିଲେ । ନିଜ ଦେଶର ଜଣେ ବରିଷ୍ଠ କମାଣ୍ଡରଙ୍କୁ ତାଙ୍କର ବିରୋଧୀ ବୋଲି ଶିନାୱାତ୍ରା କହିଥିଲେ । ଏହାକୁ ଥାଇଲାଣ୍ଡରେ ଲୋକେ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ ଏହି ମାମଲା କୋର୍ଟରେ ପହଞ୍ଚିଥିଲା ।

## ବିଜେପି ନେତାଙ୍କ ଆତଙ୍କରାଜ

# ସମୂହ ଛୁଟିରେ ଓଏଏସ୍

### ରାଜ୍ୟର ସବୁ ଜିଲ୍ଲାରେ ପ୍ରଶାସନିକ ଅଚଳାବସ୍ଥା

■ **ଭୁବନେଶ୍ୱର, ୧।୭ (ସମିସ):** ଓଏଏସ୍ ଅଧିକାରୀମାନେ ଆଜି କାର୍ଯ୍ୟବନ୍ଦ କରିଛନ୍ତି । ସମୂହ ଛୁଟିରେ ଯାଇଛନ୍ତି । ଫଳରେ ରାଜ୍ୟ ସାରା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ ବନ୍ଦ ରହିଛି । ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଅଧିକାରୀଙ୍କୁ ଘୋଷାରି ପିଟିବା ଘଟଣାରେ ସମ୍ପୃକ୍ତ ଓ ଏହାର ମାଷ୍ଟରମାଇଣ୍ଡ ଯେତେ ଶକ୍ତିଶାଳୀ ହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗତକାଲି ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ରାଜ୍ୟ ସାରା ଓଏଏସ ଅଧିକାରୀମାନେ ସମୂହ ଛୁଟିରେ ରହିଛନ୍ତି । ଓଏଏସ୍ ସଂଘର ଏହି ନିଷ୍ପତ୍ତିକୁ ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ ବି ସମର୍ଥନ କରିଛନ୍ତି ।

ସମସ୍ତ ୩୦ ଜିଲ୍ଲାରେ ସଂଘ ପକ୍ଷରୁ ଓଏଏସ୍ ଅଧିକାରୀମାନେ ଛୁଟିରେ ଯାଇଥିବା ବେଳେ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଓଏଏସ୍ ଅଧିକାରୀମାନେ କେବଳ ରଥଯାତ୍ରା ସମ୍ପର୍କିତ କାର୍ଯ୍ୟକୁ ଛାଡ଼ି ବାକି କୌଣସି କାମ କରି ନ ଥିବା ଜଣାପଡ଼ିଛି । ଏହାବ୍ୟତୀତ ରାଜ୍ୟର ସମସ୍ତ ଜିଲ୍ଲାର ଓଏଏସ୍ ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ

**ତେଜିଲା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ଗିରଫ ଦାବି**

**ପୁରୀରେ ମହାପ୍ରଭୁଙ୍କ ସେବା ଭିନ୍ନ ଅନ୍ୟ କାର୍ଯ୍ୟରୁ ନିବୃତ୍ତ**

**ସମର୍ଥନ ଦେଲା ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ**

ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାର ନିନ୍ଦା ପ୍ରସ୍ତାବ ପଠାଯାଇଛି । ରାଜ୍ୟରେ ଓଏଏସ୍ ଅଧିକାରୀମାନ ସମୂହ ଛୁଟିରେ ଯିବା ଯୋଗୁଁ ସାରା ରାଜ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି ।

ଅନ୍ୟପଟେ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଆହୂତ ଏହି ଆନ୍ଦୋଳନ ଡାକରାକୁ ରାଜ୍ୟର ବିଭିନ୍ନ କର୍ମଚାରୀ ସଂଘ ସମର୍ଥନ ଜଣାଇବା ସହିତ ସରକାରଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି । ଓଡ଼ିଶା ରାଜସ୍ୱ ଅମଲା ସଂଘ ଏହି ଘଟଣାର ଘୋର ନିନ୍ଦା କରିବା ସହ ଓଏଏସ ଅଫିସର ସଂଘ ପକ୍ଷରୁ ଗ୍ରହଣ କରାଯାଇଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି । ଏହି ମର୍ମରେ ପତ୍ର ମାଧ୍ୟମରେ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି ଯେ ଦିନକୁ ଦିନ ନିଜର ସ୍ୱାର୍ଥ ହାସଲ କରିବା ପାଇଁ କିଛି ମୁଷ୍ଟିମେୟ ଓ ଖଳ ପ୍ରକୃତିର ବ୍ୟକ୍ତି ବିଶେଷମାନେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଆକ୍ରମଣ କରୁଛନ୍ତି । ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି । ଏହି ଘଟଣାକୁ ରାଜ୍ୟ ସରକାର ଗମ୍ଭୀରତାର ସହିତ ଗ୍ରହଣ କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହାବ୍ୟତୀତ ରାଜ୍ୟ ଅର୍ଥ ସେବା ସଂଘ, ଓଡ଼ିଶା ସୂଚନା ସେବା ସଂଘ ଓ ଓଡ଼ିଶା କୃଷି ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି ।

ସୂଚନାଥାଉ କି ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଓଏଏସ୍ ସଂଘ ସହିତ ଆଲୋଚନା କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏହି ଘଟଣାରେ ମୁଖ୍ୟ ▶ପୃଷ୍ଠା-୭

## ତେଲଙ୍ଗାନା ବିସ୍ଫୋରଣ: ମୃତ୍ୟୁସଂଖ୍ୟା ୪୨

### ମୃତାହତଙ୍କ ମଧ୍ୟରେ ୨ ଓଡ଼ିଆ ଥିବା ସୂଚନା

■ **ଭୁବନେଶ୍ୱର୍, ୧।୭ (ସମିସ):** ତେଲେଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ରାସାୟନିକ କାରଖାନାରେ ଗତକାଲି ହୋଇଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୪୨କୁ ବୃଦ୍ଧିପାଇଛି । କାରଖାନା ପରିସରରୁ ବର୍ତ୍ତମାନ ସୁଦ୍ଧା ୩୧ଟି ମୃତଦେହ ଉଦ୍ଧାର କରାଯାଇଛି । ଗୁରୁତର ଆହତମାନଙ୍କ ମଧ୍ୟରୁ ଆଜି ହସ୍ପିଟାଲରେ ଆଉ ୫ ଜଣ ପ୍ରାଣ ହରାଇଛନ୍ତି । ଏହି ମୃତାହତ ଶ୍ରମିକମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା, ୟୁପି, ବିହାର ଓ ପଶ୍ଚିମବଙ୍ଗର ରହିଥିବା ଜଣାପଡ଼ିଛି । ବିସ୍ଫୋରଣରେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିବାରୁ ଏବେ ବି ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ପୋତି



**ଉଦ୍ଧାର କାର୍ଯ୍ୟ ତଦାରଖ ଲାଗି ଓଡ଼ିଶାରୁ ଗଲେ ଦୁଇ ଅଧିକାରୀ**

ହୋଇରହିଛନ୍ତି । ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି । ଏହି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ଲାଗି ଓଡ଼ିଶା ସରକାର ଦୁଇ ଜଣ ଅଧିକାରୀଙ୍କୁ ତେଲେଙ୍ଗାନା ପଠାଇଛନ୍ତି । ଏହି ଦୁଇ ଅଧିକାରୀ ହେଲେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ପ୍ରୀତିଶ ପଣ୍ଡା ଏବଂ ଡ. ଚନ୍ଦ୍ରଶେଖର ସାହୁ । ଦୁର୍ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିବା ସହିତ ଓଡ଼ିଆ ଶ୍ରମିକଙ୍କ ପରିବାର ଓ ସଂପର୍କୀୟଙ୍କୁ ▶ପୃଷ୍ଠା-୭

## ବିଜେପି ନେତାଙ୍କ ଧମକ

# ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ

■ **ବ୍ରହ୍ମପୁର, ୧।୭ (ସମିସ):** ରାଜଧାନୀର ବିଏମ୍‌ସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓଏଏସ୍ ତଥା ଅତିରିକ୍ତ କମିଶନରଙ୍କୁ ଗତକାଲି ବିଜେପି ନେତା ଓ କର୍ମୀମାନେ ନିସ୍ତୁକ ପିଟିଲେ । ଅଫିସ ଭିତରେ ଅଭିଯୋଗ ଶୁଣାଣି କରୁଥିବା ଅଧିକାରୀଙ୍କୁ ଅପହରଣ କରିବା ଲାଗି ଘୋଷାରି ଘୋଷାରି ପାର୍ଟିକୋରେ ଗାଡ଼ି ପର୍ଯ୍ୟନ୍ତ ନେଇ ଆସିଲେ । ଏହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି । ଏହି ସମୟରେ ଆଉ ଜଣେ ଯୁବ ନେତାଙ୍କ ଭାଇରାଲ ଅଡ଼ିଓ ବିଜେପିକୁ ଅକଳରେ ପକାଇଛି । ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ ଓ ଯାହା ଘଟିବ ତୁମେ ଦାୟୀ ରହିବ ବୋଲି ସମ୍ପୃକ୍ତ ବିଜେପି ଯୁବ ନେତା ରାଜପଥର ଗୋଟିଏ ଟୋଲଗେଟ୍ ଅଧିକାରୀଙ୍କୁ ଧମକ ଦେଉଥିବା ଅଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି ।

ରାଜ୍ୟରେ ବିଜେପି ସରକାର ଆସିବା ଦଳୀୟ ନେତାଙ୍କ ଉତ୍ପାତ ଗଞ୍ଜାମ ଜିଲ୍ଲାରେ ବଢ଼ିବାରେ ଲାଗିଛି । ଜିଲ୍ଲାରେ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇଛି ଓ ଶାସକ ଦଳର ନେତା, କର୍ମୀ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି । ▶ପୃଷ୍ଠା-୭

## ଗଞ୍ଜାମ ଅଶାନ୍ତ ଆଇନଶୃଙ୍ଖଳା କେଉଁଠି ?

# ଦିନକରେ ୩ ହତ୍ୟା

■ **ଛତ୍ରପୁର/କୋଦଳା/ବ୍ରହ୍ମପୁର, ୧।୭ (ସମିସ):** ଅଶାନ୍ତ ଗଞ୍ଜାମ । କଥାକଥାକେ ବୁଲୁଛି ଖଣ୍ଡା, କାତି;ଗଡୁଛି ମୁଣ୍ଡ । ହତ୍ୟାଠାରୁ ଆରମ୍ଭ କରି ଦୁଷ୍କର୍ମ, ଗଣଦୁଷ୍କର୍ମ, ରାହାଜାନି, ଲୁଟ୍, ଡକାୟତି ଭଳି ଆପରାଧିକ ଘଟଣା ଜିଲ୍ଲାରେ ନିତିଦିନିଆ ହୋଇଗଲାଣି । ଗତ ୨୪ ଘଣ୍ଟାରେ ହତ୍ୟାକାଣ୍ଡରେ ୩ଟି

**ସଂଘବଦ୍ଧ ଆକ୍ରମଣରେ ୨ ମୃତ**

**ଛୁରି ଭୁସି ପ୍ରେମିକାକୁ ହତ୍ୟା**

ମୁଣ୍ଡ ଗଡ଼ିଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି । ଛତ୍ରପୁର ଓ ବେଗୁନିଆପଡ଼ାରେ ସଂଘବଦ୍ଧ ଆକ୍ରମଣରେ ୨ ଜଣ ପ୍ରାଣ ହରାଇଥିବା ବେଳେ ବ୍ରହ୍ମପୁରରେ ପ୍ରେମିକର ଛୁରିମାଡ଼ରେ ପ୍ରେମିକାର ମୃତ୍ୟୁ ହୋଇଛି ।



ଅଭିଯୁକ୍ତ ପ୍ରେମିକ | ମୃତ ଯୁବତୀ

ସୂଚନାନୁଯାୟୀ, ଛତ୍ରପୁର ଥାନା ଅଧୀନ ଗୋବା ଗ୍ରାମ ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ମୃତକ ହେଲେ, ଗୋବା ଗ୍ରାମର ତୋଫାନ ସ୍ୱାଇଁ (୨୫) । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଛି । ମଙ୍ଗଳବାର ସକାଳୁ ଗୋବା ଗ୍ରାମ ନିକଟରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବାଇକ୍‌ରେ ଆସି ତୋଫାନଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ସୁଧୀର ସ୍ୱାଇଁ ଓ ଅନ୍ୟ କିଛି ▶ପୃଷ୍ଠା-୭

## ସ୍କୁଲ୍ ଶୌଚାଳୟରେ ନାବାଳିକାକୁ ଦୁଷ୍କର୍ମ

■ **ବ୍ରହ୍ମପୁର,୧।୭(ସମିସ):** ଗୋଳନ୍ଥରା ଥାନା ଅଞ୍ଚଳରେ ପୁଣି ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଛି । ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକଜଣଙ୍କ ପୀଡ଼ିତାଙ୍କ ସଂପର୍କୀୟ ଭାଇ ଭୁବନ ପ୍ରଧାନ (୨୨) ବୋଲି ଜଣାଯାଇଛି ।



ପୁଲିସ ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକାଙ୍କ ମା' ଓ ବାପା ଦିନ ମଜୁରିଆ ଭାବେ କାମକରନ୍ତି । କାମକୁ ଗଲା ବେଳେ ସେମାନେ ନିଜର ୩ପିଲାଙ୍କୁ ଘରେ ଛାଡ଼ି ଯାଇଥାନ୍ତି । ପୀଡ଼ିତାଙ୍କ ବୟସ ମାତ୍ର ୧୧ବର୍ଷ ୬ମାସ । ଗତ ୨୮ ତାରିଖ ପୂର୍ବାହ୍ନ ପ୍ରାୟ ୯ଟାରେ ପ୍ରତିଦିନ ଭଳି ପୀଡ଼ିତାଙ୍କ ମା ଓ ବାପା କାମକୁ ଯାଇଥିବା ବେଳେ ନାବାଳିକା ଝିଅ ଘରେ ଏକୁଟିଆ ଥିଲେ । ଦିନ ପ୍ରାୟ ୧୧ଟାରେ ▶ପୃଷ୍ଠା-୭

## ହେରାପଞ୍ଚମୀରେ ମହାପ୍ରଭୁଙ୍କ ମାନବୀୟ ଲୀଳା

# ନନ୍ଦିଘୋଷ ରଥ ଭାଙ୍ଗିଲେ ଲକ୍ଷ୍ମୀ ସାଆନ୍ତାଣୀ

■ **ପୁରୀ, ୧।୭ (ସମିସ):** ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପ ମଣ୍ଡପରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧା ବିଗ୍ରହ । ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ମହାପ୍ରଭୁଙ୍କ ନୀତିକାନ୍ତି । ଜନ୍ମବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ । ରଥଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ । ଦାରୁବିଗ୍ରହଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ । ମଙ୍ଗଳବାର ଗୁଣ୍ଡିଚା ମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି ।

ମହାପ୍ରଭୁ ଏବଂ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କ ବିବାହ ସରିଥିଲା । ହେଲେ ଗଇଁଠାଳ ଫିଟି ନଥିଲା । ଅର୍ଥାତ୍ ବିବାହ କର୍ମ ଅଧାରେ ରହିଛି । ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଲେ । ବିଭିନ୍ନ ପଥି ସେବନ କରି ଆରୋଗ୍ୟଲାଭ କଲେ । ଦ୍ୱିତୀୟା ତିଥିରେ ମହାପ୍ରଭୁ ଲକ୍ଷ୍ମୀଙ୍କୁ ସାକ୍ଷାତ୍ ନ କରି ଭାଇ-ଭଉଣୀଙ୍କୁ ସାଥୀରେ ଧରି ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି । ବିରହ ବେଦନାରେ ଥିବା ମା' ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଫେରାଇନେବା ଲାଗି ଆସିଥିଲେ । ମହାପ୍ରଭୁ ଦର୍ଶନ ଦେଲେ, କିନ୍ତୁ ମହାଲକ୍ଷ୍ମୀଙ୍କ ଫେରିବା ଅନୁରୋଧକୁ ରଖିଲେ ନାହିଁ । ଏଥିରେ ରୋଷ କରି ଲକ୍ଷ୍ମୀ ସାଆନ୍ତାଣୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶକୁ ଭାଙ୍ଗି ଦେଇ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ । ଫେରିବା ସମୟରେ ପନ୍ତି ଭୋଗ ଗ୍ରହଣ କରିଥିଲେ ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ହୋଇଥିଲା । ଏହାପରେ ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀଗୁଣ୍ଡିଚା ଅଭିମୁଖେ ▶ପୃଷ୍ଠା-୭






## ରଥଯାତ୍ରା ମହାବିଭ୍ରାଟ

# କାହାକୁ ସୁରକ୍ଷା ଦେଉଛନ୍ତି ସରକାର

### ଓପିଏସ୍, ଓଏପିଏସ୍‌ଙ୍କୁ ନିଲମ୍ବନ କରି ହାତ ଝାଡ଼ିଦେଲେ

■ **ଭୁବନେଶ୍ୱର, ୧।୭ (ସମିସ):** ରଥଯାତ୍ରା ମହାବିଭ୍ରାଟ ଓ ଶରଧାବାଲି ଦଳାଚକଟା ମୃତ୍ୟୁକୁ ୩ ଦିନ ବିତିଲାଣି । ଏଯାଏ ଜିଲ୍ଲାପାଳ ଓ ଏସ୍‌ପିଙ୍କ ବଦଳି, ଜଣେ ଓପିଏସ୍ ଓ ଜଣେ ଓଏପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରି ସରକାର ନିଜ ଦାୟିତ୍ୱ ସାରି ଦେଇଛନ୍ତି । ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପ ସାରା ରାଜ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେଉଁ ଅଜ୍ଞାତ ରହସ୍ୟକୁ ଢାଙ୍କିବାକୁ ଓ କାହାକୁ ସୁରକ୍ଷା ଦେବାକୁ ସରକାର ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି ।

ମହାପ୍ରଭୁଙ୍କ ମୋଦକ ଚୋରିଠାରୁ ଆରମ୍ଭ କରି ନନ୍ଦିଘୋଷ ରଥଟଣାରେ ଅହେତୁକ ବିଳମ୍ବ, ଦଳାଚକଟା ମୃତ୍ୟୁ ଆଦି ଏତେ ସବୁ ବିଭ୍ରାଟ ପଛରେ ମାତ୍ର ୨ ଜଣ ଓପିଏସ୍ ଅଧିକାରୀ ଦାୟୀ ବୋଲି ସରକାର ପ୍ରମାଣ କରିବାକୁ ଚାହୁଁଛନ୍ତି । ଯଦି ଏହି ଦୁଇ ଅଧିକାରୀଙ୍କ ପାଇଁ ଏତେସବୁ ଅଘଟଣ ଘଟିଛି; ତେବେ ୨୧ ଜଣ ଏସ୍‌ପି ଓ କମାଣ୍ଡାଣ୍ଟ ପାହ୍ୟାର ଅଧିକାରୀ, ୪୧ ଜଣ ଅତିରିକ୍ତ ଏସ୍‌ପି , ୯୬ ଡିଏସ୍‌ପି, ୧୭୧ ଇନ୍ସପେକ୍ଟର, ୨୦୫ ପ୍ଲାଟୁନ୍ ସଶସ୍ତ୍ର ପୁଲିସ, ୫ କମ୍ପାନୀ ଆର୍‌ପିଏଫ୍, ୧୦ ହଜାର ପୁଲିସ ଓ ଗଣ୍ଡାଗଣ୍ଡା ମନ୍ତ୍ରୀଙ୍କୁ ନେଇ ଗଠିତ କମିଟି କ'ଣ କରୁଥିଲେ?

**ମହାପ୍ରଭୁଙ୍କ ଟ୍ୱିଟର ଆକାଉଣ୍ଟ ଖୋଜୁଛନ୍ତି ଭକ୍ତ**

କାହିଁକି ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଥିଲା, କାହିଁକି ଏତେ ପୁଲିସ ନିଯୁକ୍ତି ଦିଆଯାଇଥିଲା, ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ କାହିଁକି ନିଯୁକ୍ତି ପାଇଥିଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ତେଣୁ ସରକାର ସବୁ ଅପାରଗତାକୁ ଢାଙ୍କିବାକୁ ନିଲମ୍ବନକୁ ଅସ୍ତ୍ର କରିଛନ୍ତି ଓ ସମସ୍ତଙ୍କୁ ଭୂଆଁ ବୁଲାଇବାକୁ ଉଦ୍ୟମ କରିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି ।

ସେହିପରି ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅପାରଗତା ହିଁ ୩ ଜଣ ଭକ୍ତଙ୍କ ପ୍ରାଣ ନେଇଥିବା ସାଧାରଣ ଲୋକ ଅଭିଯୋଗ କରୁଛନ୍ତି । ନିଜେ ଶୋଇବାକୁ ଯିବା ନିମନ୍ତେ ଅଧିକାରୀମାନେ ମହାପ୍ରଭୁଙ୍କ ସଅଳ ପହଡ଼ ପକାଇବାକୁ ନିର୍ଦ୍ଦେଶ ଦେଇଥିବା ପୁରୀବାସୀ ଅଭିଯୋଗ କରିଛନ୍ତି ।

ସବୁଠାରୁ କୌତୁହଳର ବିଷୟ ହେଉଛି ଏହି ଘଟଣାରେ ସବୁଠାରୁ ବିବାଦୀୟ ହୋଇଛି ଶ୍ରୀମନ୍ଦିର ପ୍ରଶାସନ ଓ ମନ୍ତ୍ରୀସ୍ତରୀୟ କମିଟି । ରଥଯାତ୍ରା ଅଘଟଣ ପରେ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ କ୍ଷମାପ୍ରାର୍ଥନା କରିଛନ୍ତି । ମାତ୍ର ରଥଯାତ୍ରା ପରିଚାଳନା ନିମନ୍ତେ ବାସ୍ତବ ଉତ୍ତରଦାୟୀ ଶ୍ରୀମନ୍ଦିର ପ୍ରଶାସନ ଓ ମନ୍ତ୍ରିସ୍ତରୀୟ କମିଟିର ତୁଣ୍ଡ ଫିଟୁନାହିଁ । ବିଶୃଙ୍ଖଳା ପାଇଁ ମହାପ୍ରଭୁ ଓ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାର ସାହସ ସେମାନେ ଜୁଟାଇ ପାରିନାହାନ୍ତି । ଅନ୍ୟପକ୍ଷରେ ଟ୍ୱିଟର୍‌ରେ ମୁଖ୍ୟମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନାକୁ ମଧ୍ୟ ସାଧାରଣରେ ସମାଲୋଚନା କରାଯାଇଛି । ବରିଷ୍ଠ ନେତା ବିଜୟ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଟ୍ୱିଟ୍ ମହାପ୍ରଭୁ ଜଗନ୍ନାଥଙ୍କୁ କିଏ ପଢ଼ାଇବ ବୋଲି ସରକାରଙ୍କୁ କଟାକ୍ଷ କରିଛନ୍ତି । ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀସ୍ତରୀୟ କମିଟି ବଡ଼ଦାଣ୍ଡରେ ▶ପୃଷ୍ଠା-୭






## ଉତ୍ତର ଗାଜାରେ ଇସ୍ରାଏଲ ଆକ୍ରମଣ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅସ୍ତ୍ରବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ ଇସ୍ରାଏଲ ପୁଣିଥରେ ଗାଜା ଉପରେ ବଡ଼ଧରଣର ଆକ୍ରମଣ କରିଛି। ସୋମବାର ହୋଇଥିବା ଏହି ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ତେବେ ଉତ୍ତର ଗାଜାରେ ଥିବା ହମାସ ଠିକଣା ଉପରେ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ଏହି ଆକ୍ରମଣରେ ଅତିକମ୍‌ରେ ୨୦ ଜଣ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ଅନ୍ୟପଟେ ଏହି ଆକ୍ରମଣରେ ଅଧିକାଂଶ ହମାସ ଆତଙ୍କବାଦୀ ମୃତ୍ୟୁ ବରଣ କରିଛନ୍ତି ବୋଲି ଇସ୍ରାଏଲ କହିଛି। ମାର୍ଚ୍ଚ ପରଠାରୁ ଯୁଦ୍ଧ ଆରମ୍ଭ ହେବା ପରେ ଉତ୍ତର ଗାଜାକୁ ଖାଲି କରିବାକୁ କୁହାଯାଇଥିଲା। ସିଜ୍ ଫାୟାର ନେଇ କ୍ଷେତ୍ର ପସ୍ତୁତ ହୋଇଥିବା ବେଳେ ଇସ୍ରାଏଲର ଏଭଳି ଆକ୍ରମଣକୁ ନେଇ ପ୍ରଶ୍ନ ଉଠିଛି।

## ମାସେ ପାଇଁ ସୁରକ୍ଷା ପରିଷଦର ଅଧ୍ୟକ୍ଷ ହେଲା ପାକିସ୍ତାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ପାକିସ୍ତାନ ଗୋଟିଏ ମାସ ଅର୍ଥାତ ଜୁଲାଇ ମାସ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଛି। ୨୦୨୫ ଜାନୁଆରୀରୁ ପାକିସ୍ତାନ ଦୁଇବର୍ଷ ପାଇଁ ସୁରକ୍ଷା ପରିଷଦରେ ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଥିଲା। ଅଧ୍ୟକ୍ଷ ଭାବେ ପାକିସ୍ତାନ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ସହ ଅନ୍ତର୍ଜାତୀୟ ନିୟମକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିବ ବୋଲି କହିଛି। ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ଆମ୍ବାସାଡର ଅସିମ ଇଫ୍‌ତିକାର ଅହମ୍ମଦ ସୁରକ୍ଷା ପରିଷଦର ବିଭିନ୍ନ ବୈଠକରେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇବେ। ଇତିମଧ୍ୟରେ ଜୁଲାଇ ମାସର କାର୍ଯ୍ୟ ନେଇ ଅସିମ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସ୍‌ଙ୍କୁ ଭେଟି ଅବଗତ କରାଇଛନ୍ତି। ଉଲ୍ଲେଖଥାଉ କି, ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାନ ପାଇଥିବା ୧୫ ସଦସ୍ୟ ଆଲଫାବେଟିକାଲ ଅର୍ଡରରେ ପାଳିଭିତ୍ତିରେ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥାନ୍ତି। ପୂର୍ବରୁ ପାକିସ୍ତାନ ସୁରକ୍ଷା ପରିଷଦରେ ୭ଥର ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଛି।

## ବମ୍ବେ ଆଇଆଇଟିରେ ୧୪ ଦିନ କଟାଇଲେ ନକଲି ଛାତ୍ର

ମୁମ୍ବଇ, ୧।୭(ଏଜେନ୍ସି): ବମ୍ବେ ଆଇଆଇଟିରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ୨୨ ବର୍ଷୀୟ ଜଣେ ନକଲି ଛାତ୍ର ଆଇଆଇଟି କ୍ୟାମ୍ପସରେ ବେଆଇନ ଭାବେ ୧୪ ଦିନ ରହିଥିଲେ। ବିଲାଲ ଅହମ୍ମଦ ତେଲି ନାମକ ଏହି ବ୍ୟକ୍ତି କଡ଼ା ସୁରକ୍ଷା ବଳୟକୁ ଭେଦ କରି କ୍ୟାମ୍ପସ ଭିତରକୁ ପସିବାରେ ସକ୍ଷମ ହୋଇଥିଲେ। ତାଙ୍କୁ ପୁଲିସ ଗିରଫ କରିଛି। ଜୁନ୍ ୨୬ରେ କ୍ୟାମ୍ପସରେ ବିଲାଲ ଏକ ସୋଫାରେ ଶୋଇଥିବାର ଦେଖାଯାଇଥିଲା। ସୁରକ୍ଷାକର୍ମୀ ତାଙ୍କ ପରିଚୟ ପଚାରିବା ପରେ ସେ କୌଣସି ଉତ୍ତର ନ ଦେଇ ଦୌଡ଼ିବାକୁ ଲାଗିଥିଲେ। ଏହାପରେ ସିସିଟିଭି ଫୁଟେଜର ଯାଞ୍ଚ କରାଯାଇଥିଲା ଓ ସେ ନକଲି ଛାତ୍ର ଥିବା ଜଣା ପଡ଼ିଥିଲା। କିନ୍ତୁ ସେ ୧୪ ଦିନଧରି କ୍ୟାମ୍ପସରେ ବୁଲାବୁଲି କରିଥିଲା। ସେ ମଧ୍ୟ ୨୧ଟି ଇମେଲ ଆଇଡି ସୃଷ୍ଟି କରିଥିଲା। ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ଜୁଲାଇ ୭ ପର୍ଯ୍ୟନ୍ତ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଯାଇଛି। କ୍ୟାମ୍ପସରେ ସେ ନିଜକୁ ଜଣେ ପିଏଚ୍‌ଡି ଛାତ୍ରର ପରିଚୟ ଦେଉଥିଲା। ବିଲାଲ ପାଖରେ ନକଲି ଦସ୍ତାବିଜ ମଧ୍ୟ ଥିଲା। ସେ ଗତବର୍ଷ ମଧ୍ୟ କ୍ୟାମ୍ପସରେ ଗୋଟିଏ ମାସ ରହିଥିଲା ବୋଲି ପୁଲିସ୍‌କୁ କହିଛି। କିନ୍ତୁ ସେ ନକଲି ଛାତ୍ର ବୋଲି କେହି ଚିହ୍ନିପାରି ନଥିଲେ।

### ହିନ୍ଦୁ ଯୁବତୀଙ୍କୁ ଦୁଷ୍କର୍ମ
## ବାଂଲାଦେଶରେ ତେଜିଲା ବିରୋଧ

ଢ଼ାକା, ୧।୭(ଏଜେନ୍ସି): ବାଂଲାଦେଶର କୁମିଲ୍ଲାର ମୁରାଦନଗରରେ ଗତ ଜୁନ୍ ୨୬ରେ ଜଣେ ୨୧ ବର୍ଷୀୟ ହିନ୍ଦୁ ଯୁବତୀ ଦୁଷ୍କର୍ମ ଶିକାର ହେବା ପରେ ଏହାକୁ ନେଇ ଆନ୍ଦୋଳନ ଜୋର ଧରିଛି। ହିନ୍ଦୁ ଓ ମାନବାଧିକାର ସଂଗଠନ ବାଂଲାଦେଶର ବିଭିନ୍ନ ସହରରେ ଉଗ୍ର ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳରେ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାର୍ଟି ଅୱାମୀ ଲିଗ୍ ଓ ଅନ୍ୟତମ ପୂର୍ବତନ ପ୍ରଧାନମନ୍ତ୍ରୀ ଖଲିଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଅଭିଯୁକ୍ତ ଫଜର ଅଲିଙ୍କୁ ପରସ୍ପରର ନେତା ବୋଲି ଆକ୍ଷେପ କରିଛନ୍ତି। ସେପଟେ ବାଂଲାଦେଶ ପୁଲିସ୍ ଓ ମହମ୍ମଦ ୟୁନୁସ୍‌ଙ୍କ ସମର୍ଥକମାନେ ଏହି ଘଟଣାକୁ ପରକୀୟପ୍ରୀତି ବୋଲି ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏହାପରେ ସଂଖ୍ୟାଲଘୁ ହିନ୍ଦୁ ସମୁଦାୟ ମଧ୍ୟରେ ଆକ୍ରୋଶ ଖେଳିଯାଇଥିଲା। ରାତିରେ ଢାକା ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଏହାକୁ ବିରୋଧ କରି ରାଲି ବାହାର କରିଥିଲେ। ତେବେ ଏହି ମାମଲା ପରକୀୟାପ୍ରୀତି ନୁହଁ ବୋଲି କୁମିଲ୍ଲା ପୁଲିସ ତରଫରୁ ସ୍ପଷ୍ଟ କରାଯାଇଛି।

## ବିନା କାମରେ ଘରୁ ବାହାରୁଛନ୍ତି କାହିଁକି?

ଭୋପାଳ, ୧।୭(ଏଜେନ୍ସି): ଗତ ଶୁକ୍ରବାର ଇନ୍ଦୋର-ଦିୱାସ୍ ରାଜପଥରେ ଅସମ୍ଭବ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା। ୮ କିମି ବ୍ୟାପୀ ୪୦ ଘଣ୍ଟାର ଏହି ଜାମ୍‌ରେ ୪, ୦୦୦ ଗାଡି ଫସି ରହିଥିଲା। ଏଥିରେ ଫସି ୩ ଜଣ ଲୋକ ପ୍ରାଣ ହରାଇଥିଲେ ଓ ହଜାର ହଜାର ଲୋକ ହନ୍ତସନ୍ତ ହୋଇଥିଲେ। କିନ୍ତୁ ଏହି ଘଟଣାରେ ନିଜର ତ୍ରୁଟି ସ୍ୱୀକାର କରିବା ବଦଳରେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଏ ନେଇ ହୋଇଥିବା କୋର୍ଟ ଶୁଣାଣିରେ ଅଜବ ଯୁକ୍ତି ଉପସ୍ଥାପନ କରିଛି। ଲୋକେ ବିନା କାର୍ଯ୍ୟରେ ଏତେ ଶୀଘ୍ର ଘରୁ କାହିଁକି ବାହାରୁଛନ୍ତି ବୋଲି ଏନ୍‌ଏଚ୍‌ଏଆଇର ଓକିଲ ପ୍ରଶ୍ନ କରିଛନ୍ତି।

# ହିମାଚଳରେ ବାଦଲଫଟା ବର୍ଷା; ୪ ମୃତ, ୧୬ ନିଖୋଜ



ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଦେଶର ଅଧିକାଂଶ ଭାଗରେ ମୌସୁମୀ ଜନିତ ପ୍ରବଳ ବର୍ଷା ଲାଗି ରହିଛି। ଭୀଷଣ ବର୍ଷା ଯୋଗୁଁ ଅନେକ ରାଜ୍ୟରେ ଭୂସ୍ଖଳନ ହେଉଛି। ବନ୍ୟା ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଫଳରେ ସ୍ଥିତି ଅଣାୟତ୍ତ ହୋଇଯାଇଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟ ବନ୍ଦ ହୋଇ ଯାଇଥିବାରୁ ଶତାଧିକ ଗାଡ଼ିମୋଟର ଅଟକି ରହିଛନ୍ତି। ଅନେକଙ୍କ ଘରେ ପାଣି ପଶିଯାଇଛି। ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ବର୍ଷା ଯୋଗୁଁ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଦୁଇ ରାଜ୍ୟରେ ତିନି ହେଲା ଭୀଷଣ ବର୍ଷା ଜାରି ରହିଛି। ହିମାଚଳ ମଣ୍ଡିର ୧୧ଟି ସ୍ଥାନରେ ବାଦଲ ଫଟା ବର୍ଷା ହୋଇଛି।

- ଭାସିଗଲା ପୋଲ
- ପ୍ରୟାଗରାଜରେ ବି ବନ୍ୟା
- ଅଲୱରରେ ଘରେ ପଶିଲା ପାଣି

ଏଥିଯୋଗୁଁ କୁକଲାହରେ ପୋଲ ସହିତ ଅନେକ ଗାଡ଼ି ଭାସି ଯାଇଛି। ଚାରିଆଡେ ଘର ବଦଳରେ ଅବଶେଷ ଦେଖିବାକୁ ମିଳୁଛି। ମଣ୍ଡି ସହରରେ ନାଳ ଗୁଡିକ ଫୁଲି ଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩ ଜଣ ପ୍ରାଣ ହରାଇଥିବାବେଳେ ୧୦ରୁ ଅଧିକ ନିଖୋଜ ହୋଇଯାଇଛନ୍ତି। ୧୦ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମନାଲି-ମଣ୍ଡି ଫୋରଲେନ ସଡ଼କରେ ଥିବା ସୁଡଙ୍ଗର ପ୍ରବେଶ ପଥରେ ପାହାଡ ଧସି ଅବଶେଷ ଗଦା ହୋଇଛି।

ଉତ୍ତରାଖଣ୍ଡରେ ଭୂସ୍ଖଳନ ହୋଇ ରାସ୍ତା ଉପରେ ପଡ଼ିଛି। ଏଥିଯୋଗୁଁ ଜନଜୀବନ ବ୍ୟାହତ ହୋଇଛି। କୋଟଦ୍ୱାର-ବଦ୍ରିନାଥ ମାର୍ଗରେ ଥିବା ସତପୁଲି ନିକଟରେ ଭୂସ୍ଖଳନ ହେବା ଯୋଗୁଁ ପୌଡି-ମେରଠ ରାଜପଥକୁ ବନ୍ଦ କରିଦିଆଯାଇଛି। ଉତ୍ତରକାଶୀରେ ଭୂସ୍ଖଳନ ଯୋଗୁଁ ଯମୁନୋତ୍ରି ରାସ୍ତା ବନ୍ଦ ରହିଛି। ରାଜସ୍ଥାନର ଅଲୱରରେ ସୋମବାର ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ରାସ୍ତାରେ ଦୁଇ ଫୁଟର ପାଣି ଜମା ହୋଇଛି। ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗଙ୍ଗା-ଯମୁନା ଯୋଗୁଁ ବନ୍ୟା ଆସିଛି।

# ଥମୁନି କର୍ଣ୍ଣାଟକ କଂଗ୍ରେସ କଳି

ବେଙ୍ଗାଲୁରୁ, ୧।୭ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱ କଳି ଛିଣ୍ଡିବାର ନା ଧରୁନି। ରାଜ୍ୟରେ ସବୁକିଛି ଠିକ୍ ଅଛି ବୋଲି କଂଗ୍ରେସ ବାର୍ତ୍ତା ଦେବାକୁ ପ୍ରୟାସ କରୁଛି। ମୁଖ୍ୟମନ୍ତ୍ରୀ ବଦଳାଇବାର କୌଣସି ଯୋଜନା ନାହିଁ ବୋଲି ମଧ୍ୟ କୁହାଯାଉଛି। ଦିନକ ତଳେ ସିଦ୍ଧରମୈୟା ଏବଂ ଶିବକୁମାର ଏକାଠି କାମ କରିବାକୁ ସହମତି ପ୍ରକାଶ କରିଥିଲେ। ମତପାର୍ଥକ୍ୟ ଖବରକୁ ଖଣ୍ଡନ କରିଥିଲେ। ମାତ୍ର ୨୪ ଘଣ୍ଟା ନ ହେଉଣୁ ପୁଣି ସ୍ଥିତି ବଦଳି ଯାଇଛି। ଏକ ଭାଇରାଲ ଭିଡିଓ ଏହି ନିଆଁକୁ ପୁଣି ଜୋରଦାର କରିଦେଇଛି।



- ପୁଣି ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ
- ଉପ-ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ବିଧାୟକଙ୍କ ଦାବି
- ଶହେ ବିଧାୟକଙ୍କ ସମର୍ଥନ ଅଛି

କର୍ଣ୍ଣାଟକ କଂଗ୍ରେସ ପ୍ରଭାରୀ ରଣଦୀପ ସୁର୍ଜେୱାଲା ବେଙ୍ଗାଲୁରୁରେ ପହଞ୍ଚି ବିଧାୟକଙ୍କ ସହ କ୍ରମାଗତ ଭାବେ ଚର୍ଚ୍ଚା କରୁଛନ୍ତି। ମାତ୍ର ଏହାର କୌଣସି ପ୍ରଭାବ ପଡୁନାହିଁ। ଏବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦ କଂଗ୍ରେସ ପାଇଁ କଣ୍ଟା ପାଲଟିବାରେ ଲାଗିଛି। ତିନି ଥରର ବିଧାୟକ ବିଆର ପାଟିଲଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ମାଣ୍ଡ୍ୟା ବିଧାୟକ କ୍ରିଷ୍ଣାରାଜ ପେଟେଙ୍କୁ ସେ କହୁଛନ୍ତି ଯେ ସିଦ୍ଧରମୈୟାଙ୍କ ଲଟେରି ଲାଗିଯାଇଛି। ମୁଁ ତାଙ୍କୁ ସୋନିଆ ଗାନ୍ଧୀଙ୍କ ସହ ନେଇ ଭେଟ କରାଇଥିଲି। ତାଙ୍କ ଭାଗ୍ୟ ଭଲ ଅଛି। ତେଣୁ ସେ ମୁଖ୍ୟମନ୍ତ୍ରୀ ହେଲେ। ମୋର କୌଣସି ଗଡ୍‌ଫାଦର କିମ୍ବା ଗଡ୍ (ଭଗବାନ) ନାହାନ୍ତି। ମୁଁ ସୁର୍ଜେୱାଲାଙ୍କୁ ଭେଟି ଯାହା କହିବାର ଥିଲା ତାହା କହିଦେଲି। ସେ ଧୈର୍ଯ୍ୟର ସହ ସବୁ ଶୁଣିଥିଲେ। ଦେଖାଯାଉ ଆଗକୁ କ'ଣ ହେଉଛି।

ବିବାଦର ସମାଧାନ କରିବାକୁ ବେଙ୍ଗାଲୁରୁ ଆସିଥିବା ସୁର୍ଜେୱାଲା ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନର ହେବାର କୌଣସି ଯୋଜନା ନାହିଁ କହିବାର କିଛି ଘଣ୍ଟା ପରେ ଏହି ଭିଡିଓ ଭାଇରାଲ ହୋଇଛି। ଶିବକୁମାରଙ୍କ ସମର୍ଥକ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରୁଛନ୍ତି। ତେବେ ଏହି ଘୋଷଣା କରିବା ସମୟରେ ସେ ସୁର୍ଜେୱାଲାଙ୍କ ପାଖରେ ବସିଥିଲେ। ପରେ ଶିବକୁମାର କହିଥିଲେ ଯେ ବିଧାୟକମାନେ ମୋ ପାଇଁ କୁହନ୍ତୁ ବୋଲି ଚାହୁଁ ନାହିଁ। ୨୦୨୮ ରେ ଦଳକୁ ପୁଣିଥରେ କ୍ଷମତାସୀନ କରିବା ପାଇଁ ମୁଁ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଶିବକୁମାରଙ୍କ ଜଣେ ଘନିଷ୍ଠ ବିଧାୟକ ଇକବାଲ ହୁସୈନ କହିଛନ୍ତି ଯେ ପ୍ରାୟ ଶହେ ବିଧାୟକ ମୁଖ୍ୟମନ୍ତ୍ରୀ ବଦଳାଯାଉ ବୋଲି ଚାହୁଁଛନ୍ତି। ଯଦି ପରିବର୍ତ୍ତନ ନ ହୁଏ ତେବେ ୨୦୨୮ ରେ କଂଗ୍ରେସ ହାରିଯିବ। ସୁର୍ଜେୱାଲାଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯିବ। ଶିବକୁମାର ଦିନରାତି ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ଏବେ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ସୁଯୋଗ ଦିଆଯିବା ଉଚିତ।

ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଥିଲେ ।।ଯେ ମୁଖ୍ୟମନ୍ତ୍ରୀ ବଦଳାଇବା ନିଷ୍ପତ୍ତି ହାଇକମାଣ୍ଡ ନେବେ। ହାଇକମାଣ୍ଡଙ୍କ ମୁଣ୍ଡରେ କ'ଣ ଚାଲିଛି ତାହା କେହି ଜାଣି ନାହାନ୍ତି। ତେଣୁ ଏହି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି କରିବା ଅନୁଚିତ।




## ୯୦୦ ଫୁଟ୍ ତଳକୁ ଖସିଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ଦୁଇଦିନ ପରେ ଆଉଏକ ଏୟାର ଇଣ୍ଡିଆର ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଜୁନ୍ ୧୪ରେ ଏୟାର ଇଣ୍ଡିଆର ଏକ ବିମାନ ଅଚାନକ ୯୦୦ ଫୁଟ୍ ତଳକୁ ଖସିଆସିଥିଲା। ଦିଲ୍ଲୀରୁ ଏହି ବିମାନ ଅଷ୍ଟ୍ରିଆ ରାଜଧାନୀ ଭିଏନା ଯାଉଥିଲା। ଦିଲ୍ଲୀ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବା ପରେ ହିଁ ବିମାନ ତଳକୁ ଖସିବାରେ ଲାଗିଥିଲା। ତେବେ ଏହି ବିମାନ ୯ ଘଣ୍ଟା ୮ ମିନିଟ୍‌ର ଉଡାଣ ପରେ ଭିଏନାରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଥିଲା। ଏହି ଘଟଣା ଯାଞ୍ଚ୍ ଆରମ୍ଭ ହୋଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ବିମାନର ଦୁଇ ପାଇଲଟଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟକ (ଡିଜିସିଏ)କୁ ଅବଗତ କରାଯାଇଛି ବୋଲି କୁହାଯାଇଛି। ରେକର୍ଡରୁ ତଥ୍ୟ ସଂଗ୍ରହ କରାଯାଇଛି ଓ ଯାଞ୍ଚ ଚାଲୁ ରହିଛି ବୋଲି କୁହାଯାଇଛି।

## ଆଇଏନ୍‌ଏସ୍ ତମାଲ ନୌସେନାରେ ସାମିଲ



ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଭାରତୀୟ ନୌସେନାରେ ଆଉ ଏକ ଅତ୍ୟାଧୁନିକ ଗୁପ୍ତ ଯୁଦ୍ଧପୋତ ସାମିଲ ହୋଇଛି। ଏହି ଲଢୁଆ ଜାହାଜ ହେଉଛି 'ଆଇଏନ୍‌ଏସ୍ ତମାଲ'। ଏହାକୁ ରୁଷିଆର କଲିନିଗ୍ରାଡ୍‌ରେ ମଙ୍ଗଳବାର କମିଶନ କରାଯାଇଛି। କମିଶନିଂ ଉତ୍ସବରେ ଭାଇସ ଆଡମିରାଲ୍ ସଞ୍ଜୟ ଜେ ସିଂ ଅଧ୍ୟକ୍ଷତା କରିଥିଲେ। ରୁଷିଆ ହିଁ ଭାରତକୁ ଏହି ଲଢୁଆ ଜାହାଜ ପ୍ରଦାନ କରିଛି। ରୁଷ୍ ତରଫରୁ ଅଷ୍ଟମ କ୍ରିଭାକ କ୍ଲାସ ତଥା ଦ୍ୱିତୀୟ ତୁଲସି- କ୍ଲାସ ଲଢୁଆ ଜାହାଜ ଭାରତକୁ ମିଳିଛି। ୨୦୧୬ରେ ଭାରତ ଓ ରୁଷିଆ ମଧ୍ୟରେ ୨୧, ୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି ହୋଇଥିଲା ଓ ତମାଲ ହେଉଛି ଏହାର ଅଂଶବିଶେଷ। ଆଇଏନ୍‌ଏସ୍ ତମାଲରେ ୨୬ ପ୍ରତିଶତ ସ୍ୱଦେଶୀ ଜ୍ଞାନକୌଶଳ ସାମିଲ ହୋଇଛି। ଏହା ଘଣ୍ଟାପ୍ରତି ୫୫ କିମି ବେଗରେ ଗତି କରିପାରିବ। ଏହାର ଓଜନ ୩, ୯୦୦ ଟନ। ଏଥିରେ ଓଜନଦାର ଅସ୍ତ୍ର ସମେତ ବିକଶିତ ସେନ୍ସର ଓ ଗୋଟିଏ ହେଲିକପ୍ଟର ନେଇ ଯିବାର ବ୍ୟବସ୍ଥା ରହିଛି। ୧୨୫ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଜାହାଜରେ ଗୋଟିଏ ଅଧା ଫୁଟବଲ ପଡ଼ିଆ ରହିପାରିବ। ଏହାକୁ ରାଡାର ଠାବ କରିବା ଅସମ୍ଭବ। ଏହା ଭାରତ ମହାସାଗର ଓ ଆରବ ସାଗରରେ ନିୟୋଜିତ ହେବା ସହ ପାକିସ୍ତାନ ସୀମାକୁ ନୀରିକ୍ଷଣ କରିବ।

### ହେପାଜତରେ ଗାର୍ଡଙ୍କ ମୃତ୍ୟୁ ମାମଲା; ମାଡ୍ରାସ ହାଇକୋର୍ଟଙ୍କ ଭର୍ତ୍ସନା
# କ୍ଷମତା ନିଶାରେ ପୁଲିସ ମାତାଲ

ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁ ପୁଲିସ କ୍ଷମତା ନିଶାରେ ମାତାଲ ହୋଇଯାଇଛି। କ୍ଷମତାରେ ଅନ୍ଧ ହୋଇ ପୁଲିସ କ୍ରୂର ପାଲଟି ଯାଉଛି। ରାଜ୍ୟ ନିଜ ଲୋକଙ୍କୁ ହତ୍ୟା କରୁଛି ବୋଲି ମାଡ୍ରାସ ହାଇକୋର୍ଟ କହିଛନ୍ତି। ତାମିଲନାଡୁ ଶିବଗଙ୍ଗା ଜିଲ୍ଲାରେ ପୁଲିସ ହେପାଜତରେ ପ୍ରାଣ ହରାଇଥିବା ମନ୍ଦିର ସୁରକ୍ଷାକର୍ମୀ ଅଜିତ କୁମାର (୨୭)ଙ୍କ ମାମଲା ଉପରେ ନିଜ ଆଡୁ ବିଚାର କରି ପୁଲିସ ଏବଂ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ ଅଜିତଙ୍କ ଶରୀରରେ ୪୪ଟି କ୍ଷତ ଚିହ୍ନ ଥିବା ଜଣାପଡ଼ିଛି। ଏହା ବିଚଳିତ କରିଦେଉଛି ବୋଲି ବିଚାରପତି ଏସଏମ ସୁବ୍ରମଣ୍ୟନ କହିଛନ୍ତି। ତାଙ୍କ ଉପରେ ଚାରିଆଡୁ ଆକ୍ରମଣ କରାଯାଇଥିଲା। ଏଥିପାଇଁ ଅଜିତଙ୍କ ମୃତ୍ୟୁ ହୋଇଥିଲା। ସାଧାରଣ ହତ୍ୟାକାରୀ ବି ଏଭଳି କ୍ଷତ ଚିହ୍ନି ପାରିବ ନାହିଁ। ପୁଲିସ ମିଳିମିଶି ତାଙ୍କୁ ମାରିଥିଲେ। ସାକ୍ଷରତା ହାର କମ୍ ଥିବା କିଛି ଉତ୍ତର ଭାରତୀୟ ରାଜ୍ୟରେ ବି ଏଭଳି ଘଟଣା ଦେଖିବାକୁ ମିଳେନାହିଁ। ତାମିଲନାଡୁ ସବୁଥିରେ ଆଗରେ ଅଛି ବୋଲି ସରକାର କହୁଛନ୍ତି। ତାହେଲେ ଏଭଳି ଘଟଣା ଘଟିବାକୁ କାହିଁକି ଦିଆଯାଉଛି? କୌଣସି ଥାନାରେ ଏଭଳି ହେବା ଅନୁଚିତ। ଅଜିତଙ୍କ କୌଣସି ଆପରାଧିକ ରେକର୍ଡ ମଧ୍ୟ ନ ଥିଲା। ଏହା ସତ୍ତ୍ୱେ ତାଙ୍କୁ ମାରି ଦିଆଗଲା। ବିନା ଏତଲାରେ ଏହି ମାମଲା ସ୍ୱତନ୍ତ୍ର ଟିମ୍ ହାତକୁ କେମିତି ଗଲା? ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସୂଚନା ଅନୁଯାୟୀ ଗତ ୨୭ ତାରିଖରେ ଚୋରି ଅଭିଯୋଗରେ ଅଜିତଙ୍କୁ ଗିରଫ କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଦିନକ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ତାଙ୍କୁ ପିଟୁଥିବାର ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା। ୩୦ରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୀଡ଼ିତ ପରିବାର ହାଇକୋର୍ଟ ଯାଇଥିଲେ। ପୁଲିସ ଏହି ମାମଲାରେ ୫ ଜଣ କର୍ମଚାରୀଙ୍କୁ ଗିରଫ କରିଥିଲା। ଶିବଗଙ୍ଗା ଏସ୍‌ପିଙ୍କୁ ହଟା ଯାଇଥିଲା। ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଅଜିତଙ୍କ ମାଆଙ୍କ ଆଧାରରେ ଏତଲା କାହିଁକି ରୁଜୁ କରାଯାଇ ନ ଥିଲା? ଘଟଣାର ସିସିଟିଭି ଫୁଟେଜ କୁଆଡେ ଗଲା? ଅଜିତଙ୍କ ଭାଇଙ୍କୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଏବଂ ସରକାରୀ ଚାକିରି ଦେବାର ପ୍ରତିଶ୍ରୁତି ବିବାହ ହଲ୍‌ରେ କାହିଁକି ନିଆଯାଇଥିଲା? ଏହି ମାମଲାର ସିବିଆଇ ଯାଞ୍ଚ କରିବାକୁ କୋର୍ଟ କହିଥିଲେ। ବେଆଇନ ମୃତ୍ୟୁର କାରଣ ପାଲଟି ଥିବା ବଡ଼ ଅଧିକାରୀଙ୍କଠାରୁ ନେଇ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅବସରପ୍ରାପ୍ତ ବିଚାରପତି ଜନ୍ ସୁନ୍ଦରଲାଲ ସୁରେଶଙ୍କ ନେତୃତ୍ୱରେ ନ୍ୟାୟିକ ଯାଞ୍ଚ କରିବାକୁ କହିଛନ୍ତି।

## ଛାତି ଉପରେ ବସି ନର୍ସିଂ ଛାତ୍ରୀଙ୍କ ଗଳା କାଟିଲା ପ୍ରେମିକ

ଭୋପାଳ, ୧।୭(ଏଜେନ୍ସି): ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାରେ ଏକ ଅଭାବନୀୟ ତଥା ବିଚଳିତ କଲା ଭଳି ଘଟଣା ଘଟିଛି। ଜିଲ୍ଲା ହସ୍ପିଟାଲ୍‌ରେ ଅଭିଷେକ କୋଷ୍ଟି ସର୍ବସମ୍ମୁଖରେ ଜଣେ ନର୍ସିଂ ଛାତ୍ରୀଙ୍କ ଛାତି ଉପରେ ବସି ଗଳା କାଟି ତାଙ୍କୁ ହତ୍ୟା କରିଛି। ଜୁନ୍ ୨୭ରେ ହିଁ ଏହି ଘଟଣା ଘଟିଛି। ସନ୍ଧ୍ୟା ଚୌଧୁରୀ ନାମକ ଏହି ଛାତ୍ରୀ ଜଣକ ଛଟପଟ ହେଉଥିବା ବେଳେ ସେଠାରେ ଉପସ୍ଥିତ ଲୋକ ତାଙ୍କୁ ସାହାଯ୍ୟ କରିବାକୁ ଆସି ନଥିଲେ। କିନ୍ତୁ ସେ ଛଟପଟ ହୋଇ ମରିବା ପର୍ଯ୍ୟନ୍ତ ଭିଡିଓ ବନାଇଥିଲେ। ଏହି ବୀଭତ୍ସ ଘଟଣାର ଭିଡିଓ ଏବେ ସାମ୍ନାକୁ ଆସିଛି। ଯୁବକ ଜଣକ ସନ୍ଧ୍ୟାଙ୍କ ପ୍ରେମିକ ବୋଲି କୁହାଯାଉଛି। ସନ୍ଧ୍ୟା ଏହି ହସ୍ପିଟାଲରେ ଭୋକେସନାଲ ଟ୍ରେନିଂ ନେଉଥିଲେ । ଏହି ଘଟଣାକୁ ଜଣେ ଡାକ୍ତର ମୋବାଇଲରେ ରେକର୍ଡିଂ କରିଥିଲେ। କଳା ସାର୍ଟ ପିନ୍ଧିଥିବା ଅଭିଷେକ ସନ୍ଧ୍ୟାଙ୍କୁ ପ୍ରଥମେ ଚାପୁଡା ମାରି ତଳେ ପକାଇଦେଇଥିଲେ। ଏହାପରେ



ଛାତି ଉପରେ ବସି ସେ ସନ୍ଧ୍ୟାଙ୍କ ଗଳା କାଟିଥିଲା। ଏହି ସବୁ ଘଟଣା ଦିନ ଦ୍ୱିପହରରେ ହସ୍ପିଟାଲର ଏମର୍ଜେନ୍ସି ୱାର୍ଡରେ ହିଁ ଘଟିଥିଲା।

# ଟ୍ରମ୍ପଙ୍କ ଧମକ; ମସ୍କଙ୍କୁ ଦକ୍ଷିଣ ଆଫ୍ରିକା ତଡ଼ିଦେବି

**ବନ୍ଧୁ ପାଲଟିଲା ବଇରୀ**

- ବେପାର ବନ୍ଦ ହୋଇଗଲେ କିଛି କରିପାରିବେନି ମସ୍କ
- କାର୍ ବିକିବେ ନା ଉତ୍‌କ୍ଷେପଣ ହେବ ଉପଗ୍ରହ
- ଇଲେକ୍‌ଟ୍ରିକ୍ ଗାଡ଼ି କିଣିବା ପାଇଁ ସମସ୍ତଙ୍କୁ ବାଧ୍ୟ କରିବା ଭୁଲ୍
- ୨୦ ବର୍ଷରେ ମସ୍କଙ୍କୁ ମିଳିଛି ୩୧ ଲକ୍ଷ କୋଟିର ସହାୟତା

ୱାସିଂଟନ, ୧।୭ (ଏଜେନ୍ସି): ବ୍ୟାବସାୟିକ ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି। ସ୍ଥିତି ଏପରି ବିଗିଡି ଯାଇଛି ଯେ ଉଭୟେ ପରସ୍ପରକୁ ଧମକ ଦେବାରେ ଲାଗିଛନ୍ତି। ପୁରୁଣା ବନ୍ଧୁତ୍ୱକୁ ଭୁଲି ଯାଇଛନ୍ତି। ନିର୍ବାଚନରେ ସହାୟତା କରିଥିବାର କଥା ବି ପାସୋରି ଯାଇଛନ୍ତି। ସମ୍ପର୍କ ଏତେ ଖରାପ ହୋଇଯାଇଛି ଯେ ସର୍ବ ସମ୍ମୁଖରେ ଦୁଇ ପୁରୁଣା ମିତ୍ର ପରସ୍ପର ବିରୋଧରେ ଭୟଙ୍କର ଟିପ୍ପଣୀ ଦେବାରେ ଲାଗିଛନ୍ତି। ଆମେରିକା ରାଷ୍ଟ୍ରପତି ତଥା ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପୁରୁଣା ବନ୍ଧୁ ତଥା ଷ୍ଟାରଲିଙ୍କର ମାଲିକ ଏଲନ ମସ୍କଙ୍କ କ୍ଷେତ୍ରରେ ଏଭଳି ଘଟିଛି। ଦିନେ ମସ୍କଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା ଟ୍ରମ୍ପ ଏବେ ତାଙ୍କର ଘୋର ବିରୋଧୀ ହୋଇ ଯାଇଛନ୍ତି। ସରକାରଙ୍କ ନୀତିକୁ ସମାଲୋଚନା କରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆଜି ବ୍ୟବସାୟୀ ମସ୍କଙ୍କୁ ଟ୍ରମ୍ପ ନିଶାଣ କରିଛନ୍ତି। ସେ



କହିଛନ୍ତି ଯେ ରିଆତି ବନ୍ଦ ହୋଇଗଲେ ମସ୍କଙ୍କୁ ନିଜ କମ୍ପାନୀ ବନ୍ଦ କରିବାକୁ ପଡ଼ିବ। ତାଙ୍କୁ ଦକ୍ଷିଣ ଆଫ୍ରିକା ଫେରିଯିବାକୁ ପଡିବ। ରିଆତି ବନ୍ଦ କରିଦେଲେ ଟେସ୍‌ଲା ଇଲେକ୍‌ଟ୍ରିକ କାର୍ ଉତ୍ପାଦନ କରିପାରିବନି। ସ୍ପେସ୍‌ଏକ୍ସ ରକେଟ୍ ଏବଂ ଉପଗ୍ରହ ମଧ୍ୟ ଉତ୍‌କ୍ଷେପଣ କରିପାରିବ ନାହିଁ।

ଟ୍ରମ୍ପ ଦାବି କରିଛନ୍ତି ଯେ ସରକାରୀ ରିଆତିରୁ ମସ୍କ ଯେତିକି ଟଙ୍କା ପାଇଛନ୍ତି ସେତିକି ଆଉ କେହି ପାଇ ନାହାନ୍ତି। ମାମଲାର ଯାଞ୍ଚ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ଦେଶର ଅର୍ଥ ସଞ୍ଚୟ ହେବ। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରପତି ପଦ ପାଇଁ ସମର୍ଥନ କରିବା ପୂର୍ବରୁ ମୁଁ ଇଭି ଯାନର ବିରୋଧୀ ବୋଲି ସେ ଜାଣିଥିଲେ। ଇଲେକ୍‌ଟ୍ରିକ ଗାଡ଼ି ଭଲ, କିନ୍ତୁ ସମସ୍ତଙ୍କୁ ଏହା କିଣିବା ପାଇଁ ବାଧ୍ୟ କରିବା ଭୁଲ୍। ସୂଚନାଯୋଗ୍ୟ ଯେ ଆମେରିକା ମସ୍କଙ୍କୁ ଗତ ୨୦ ବର୍ଷରେ ୩୧ ଲକ୍ଷ କୋଟି ଟଙ୍କାର ସହାୟତା ଦେଇଛି। ଏହା ପୂର୍ବରୁ ଗତ ଶନିବାର ଟ୍ରମ୍ପଙ୍କ 'ବିଗ୍ ବ୍ୟୁଟିଫୁଲ ବିଲ୍'କୁ ମସ୍କ ପୁଣିଥରେ ବିରୋଧ କରି ଏହା ଆମେରିକାର ଲକ୍ଷ ଲକ୍ଷ ଚାକିରି ଖାଇଦେବ ବୋଲି କହିଥିଲେ। ଆମେରିକାରେ ନୂଆ ଦଳ ଗଢ଼ିବେ ବୋଲି କହିଥିଲେ ମସ୍କ।

# ଆଜି ତିନିରଥର ଦକ୍ଷିଣ ମୋଡ଼



ପୁରୀ, ୧।୭ (ସମିସ): ଭାଇ-ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଏବେ ଜନ୍ମବେଦୀରେ ଲୀଳା କରୁଛନ୍ତି। ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଅଛନ୍ତି ତିନିରଥ।

- ସରିଲା ତିନିରଥ ଯାଞ୍ଚ
- ତାଳଧ୍ୱଜ ରଥର ୯ ଚକରେ ଲାଗିଲା ୧୮ ଖଣ୍ଡ ପ୍ଲେଟ୍

ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଏଥିପାଇଁ ବୁଧବାର ତିନିରଥର ହେବ ଦକ୍ଷିଣ ମୋଡ଼। ଅର୍ଥାତ୍ ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବୈଷୟିକ ଟିମ୍ ଦ୍ୱାରା ମଙ୍ଗଳବାର ତିନିରଥର ଯାଞ୍ଚ କରାଯାଇଛି। ତିନିରଥର ମହାରଣା ସେବକ, ଭୋଇ ସେବକ, କମାର ସେବକଙ୍କ ଉପସ୍ଥିତିରେ ଆବଶ୍ୟକ ଛୋଟମୋଟ ମରାମତି ହୋଇଛି। ରଥଯାତ୍ରାରେ ତିନିରଥ ପ୍ରାୟ ୨.୬କିମି ବଡ଼ଦାଣ୍ଡରେ ଗଡ଼ିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ରଥ ଟାଣିଥିଲେ। ତେଣୁ ରଥରେ କେଉଁଠି କ'ଣ ତ୍ରୁଟି ଥାଇପାରେ, ସେଥିଲାଗି ମଙ୍ଗଳବାର ପୂର୍ତ୍ତ ବିଭାଗ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। କେତେକ ଜାଗାରେ କଣ୍ଟା ଖସିଥିବା ବେଳେ



ତାହାକୁ ବାଡ଼ାଯାଇଛି। ଫାଟ ଜାଗାରେ ପହିପାତିଆ ଓ ଲୁହା କ୍ଲାମ୍ପ୍ ଦିଆଯାଇ ମରାମତି ହୋଇଛି। ବଡ଼ ଠାକୁରଙ୍କର ତାଳଧ୍ୱଜ ରଥର ୯ଚକରେ ୧୮ଖଣ୍ଡ ପହିପାତିଆ (ପ୍ଲେଟ୍) ଏବଂ ନନ୍ଦିଘୋଷ ରଥରେ ୨ଖଣ୍ଡ ପହିପାତିଆ ବାଡ଼ିଆ ଯାଇଛି। ଗୋଟିଏ ପ୍ଲେଟ୍‌ର ଚଉଡ଼ା ୬ ଇଞ୍ଚ ଏବଂ ଲମ୍ବ ୨ଫୁଟ୍ ରହିଥିଲା। ଏହାକୁ ଚକ ପହି ଫାଙ୍କ ଜାଗାରେ ଦୁଇପଟେ ଦିଆଯାଇ ସେଟ୍ କରାଯାଇଛି। ସେହିପରି ଖସିଥିବା ବଳାକୁ ଠିକ୍ ଭାବେ ଲଗାଯାଇଥିବା ବେଳେ ଅନ୍ୟ ଛୋଟମୋଟ ଯାହା ବି ତ୍ରୁଟି ଥିଲା, ତାହାର ସମାଧାନ କରାଯାଇଛି। ଏଥିପାଇଁ ରେଲୱେ ଜଗ୍ ବ୍ୟବହାର କରାଯାଇଥିଲା। ଏହାସହ ବଡ଼ଦାଣ୍ଡରେ ବାଲି ବି ପକାଯାଇଛି। ଆସନ୍ତାକାଲି ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ଦକ୍ଷିଣ ମୋଡ଼ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ରଥ ଆଜ୍ଞାମାଳ ବିଜେ ପରେ ଦକ୍ଷିଣ ମୋଡ଼ ହେବ ବୋଲି ସ୍ଥିର କରାଯାଇଛି। ସୂଚନାଥାଉ କି, ଦକ୍ଷିଣୀ ମୋଡ଼ ପୂର୍ବରୁ ବୈଷୟିକ ଟିମ୍ ଦ୍ୱାରା ପ୍ରତିବର୍ଷ ପରି ଏବର୍ଷ ମଧ ଏହି ଯାଞ୍ଚ କରାଯାଇଥିଲା।

## ଆଜିଠୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ରାସଲୀଳା

ପୁରୀ,୧।୭(ସମିସ): ଚତୁର୍ଦ୍ଧାବିଗ୍ରହ ଏବେ ଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ଭକ୍ତ। ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଆଗେଇ ଚାଲିଛି। ବୁଧବାରଠାରୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆରମ୍ଭ ହେବ ତିନିଦିନିଆ ରାସଲୀଳା। ଗୋପୀମାନଙ୍କ ସହିତ ରାସଲୀଳା କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସବୁ ଯୁଗର ଦେବତା। ସେ ସତ୍ୟ ଯୁଗର ନୃସିଂହ ଓ ବାମନ। ତ୍ରେତୟା ଯୁଗର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରମ ଆଉ ଦ୍ୱାପର ଯୁଗର ରସରାଜ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ସହିତ ବୃନ୍ଦାବନରେ ରାସଲୀଳା କରୁଥିଲେ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ମନ କଥା ଜାଣିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଭଗବାନଙ୍କୁ କ'ଣ ସୁଖ ଲାଗେ ସେହିଭଳି କାର୍ଯ୍ୟ କରୁଥିଲେ ଗୋପୀମାନେ। ତେଣୁ ଏଠାରେ ମଧ ଶ୍ରୀଗୁଣ୍ଡିଚା ମଣ୍ଡପ ତିନିଦିନ ଧରି ରାସମଣ୍ଡପରେ ପରିଣତ ହୁଏ। ମହାପ୍ରଭୁ ପତିତପାବନ ଯାତ୍ରା କରିବା ପାଇଁ ଜନ୍ମବେଦୀକୁ ଆସିଥିବା ସମୟରେ ଗୋପୀମାନଙ୍କ ସହିତ ଏହି ମଣ୍ଡପରେ ରାସ ରସରେ ମଗ୍ନ ହୁଅନ୍ତି। ସେଥିପାଇଁ ସାଙ୍ଗରେ ପ୍ରିୟତମା ପତ୍ନୀ ମହାଲକ୍ଷ୍ମୀଙ୍କୁ ଆଣି ନ ଥା'ନ୍ତି। ତଥାପି ହେରାପଞ୍ଚମୀ ଦିନ ଲକ୍ଷ୍ମୀ ଠାକୁରାଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥା'ନ୍ତି। ଠାକୁରଙ୍କଠାରୁ ଆଜ୍ଞାମାଳ ପାଇବା ପରେ ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଯାଇଥା'ନ୍ତି। ଏହା ପରଦିନଠାରୁ ଅର୍ଥାତ୍ ଆଷାଢ଼ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଶ୍ରୀଗୁଣ୍ଡିଚା ମଣ୍ଡପରେ ଗୋପୀମାନଙ୍କ ସହିତ ରାସଲୀଳା ଅନୁଷ୍ଠିତ ହୋଇଥାଏ। ଏହି ତିନିଦିନ ପ୍ରତ୍ୟହ ସନ୍ଧ୍ୟାଧୂପ ବଢ଼ିଲେ ମଦନମୋହନ ଜଗମୋହନ ସିଂହାସନ ଉପରେ ବିଜେ କରନ୍ତି। ସେଠାରେ ଶର୍କରା, କୋରା ଆଦି ଭୋଗ ସର୍ପାମଣୋହୀ ହୁଏ। ଏହାପରେ ବନ୍ଦାପନା କରାଯାଏ। ଏହାକୁ ରାସ ନୀତି ବୋଲି କୁହାଯାଏ। ଏହିଭଳି ଭାବେ ତିନିଦିନ ଧରି ରାସବିହାରୀ ଶ୍ରୀଜଗନ୍ନାଥ ବର୍ଷାକାଳୀନ ରାସଲୀଳା ଶ୍ରୀଗୁଣ୍ଡିଚା ମଣ୍ଡପରେ କରିଥା'ନ୍ତି। ମହାପ୍ରଭୁଙ୍କର ଏହି ରାସଲୀଳାକୁ ଯେଉଁମାନେ ଭକ୍ତିପୂର୍ବକ ଦର୍ଶନ କରନ୍ତି ସେମାନେ ଅନନ୍ତ ପୁଣ୍ୟର ଅଧିକାରୀ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

## ନଦୀ ପାର୍ ବେଳେ ଭାସି ଗଲେ; ୨ ମୃତ



ଖଇରପୁଟ,୧।୭(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ନାଲିଗୁଡ଼ା କଲୋନୀ ନଦୀରେ ଭାସି ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗାଁର ଲବ ଡେରା (୪୫) ଓ ଶୁକ୍ରି ଫଟକା(୪୦)। ଖଇରପୁଟ ଦମକଳ ବାହିନୀ ଉଭୟଙ୍କ ମୃତଦେହକୁ ଉଦ୍ଧାର କରିଛି। ସୂଚନାନୁସାରେ, ଲବ ଓ ଶୁକ୍ରୁ ଗତକାଲି ଜମିକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳେ ବର୍ଷା ଯୋଗୁଁ ନଦୀର ସୁଅ ବଢ଼ି ଯାଇଥିଲା। ଫଳରେ ଉଭୟ ନଦୀ ପାର୍ ହେବା ବେଳେ ସୁଅରେ ଭାସି ଯାଇଥିଲେ। ଗାଁଲୋକେ ଖୋଜାଖୋଜି କରି ଲବଙ୍କ ମୃତଦେହ ଉଦ୍ଧାର କରିଥିଲେ। ଆଜି ସକାଳେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଶୁକ୍ରିଙ୍କ ମୃତଦେହ ଠାବ କରିଥିଲା। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କାନ୍ଥ ବାଡ଼ରେ ସାଂସଦଙ୍କ ନିଖୋଜ ପୋଷ୍ଟର




ପୁରୀ, ୧।୭(ସମିସ): ଶରଧାବାଲିରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ଏବଂ ରଥଯାତ୍ରାରେ ବହୁ ଭକ୍ତ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଆସି ଯଦି ଜୀବନ ଚାଲିଯାଉଛି, ତେବେ ସରକାର, ପ୍ରଶାସନ କରୁଛନ୍ତି କ'ଣ। ଜନପ୍ରତିନିଧି କୁଆଡ଼େ ଗଲେ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କର ଦେଖାନାହିଁ। ଏଭଳି ଏକ ଚର୍ଚ୍ଚା ଭିତରେ ପୁରୀ ସହରର ବିଭିନ୍ନ କାନ୍ଥବାଡ଼ରେ ଲାଗିଛି ସାଂସଦଙ୍କ ନିଖୋଜ ପୋଷ୍ଟର। ପୋଷ୍ଟର୍‌ରେ ସାଂସଦ ଡ. ପାତ୍ରଙ୍କ ଫଟୋ ଥିବା ବେଳେ ସାଂସଦ ପୁରୀ ନିଖୋଜ ବୋଲି ଲେଖାଯାଇଛି। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି।

## ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ

# ଧର୍ମକୁ ଆଖିଠାର: ବିଜେପିରୁ ୫ ନିଲମ୍ବିତ

ଭୁବନେଶ୍ୱର,୧।୭(ସମିସ): ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜେ ପ୍ରତିଶ୍ରୁତି ଦେଇଥିଲେ। ଆକ୍ରମଣ ପଛରେ ମୁଖ୍ୟ ନାୟକ କୁହାଯାଉଥିବା ଜଗନ୍ନାଥ ପ୍ରଧାନଙ୍କ ସହ ସମସ୍ତ ଆକ୍ରମଣକାରୀଙ୍କ ବିରୋଧରେ ଉଭୟ ଦଳ ଏବଂ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଓଏଏସ୍ ସଂଘ ଓ ରାଜ୍ୟବାସୀ ଆଶା ରଖିଥିଲେ। ମାତ୍ର ଏପରି ସ୍ପର୍ଶକାତର ଘଟଣାରେ ଦଳ ଯେପରି ଆଭିମୁଖ୍ୟ ରଖିଛି, ତାହା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ରାଜ୍ୟ ସଭାପତି ଆକ୍ରମଣରେ ସଂପୃକ୍ତ ଥିବା ୫ ଜଣଙ୍କୁ ନିଲମ୍ବିତ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି। ରାଜ୍ୟରେ କେବେ ଘଟି ନଥିବା ଏପରି ବର୍ବରୋଚିତ ଆକ୍ରମଣ ଘଟଣାରେ ନିଲମ୍ବନ ଯଥେଷ୍ଟ କି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବରିଷ୍ଠ ଓଏଏସ ଶ୍ରୀ ସାହୁଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ କଡ଼ା ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏପଟେ ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ଏବଂ ଓଏଏସ ସଂଘ ଆଲୋଚନା ବେଳେ ଅପରାଧୀ ଯେତେ ଶକ୍ତିଶାଳୀ ହୁଅନ୍ତୁ ନାଁ କାହିଁକି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ। ଯାହାଫଳରେ ରତ୍ନାକରଙ୍କୁ ଉଚିତ୍ ନ୍ୟାୟ ମିଳିବ ବୋଲି ଆଶା କରାଯାଉଥିଲା। ମାତ୍ର ମଙ୍ଗଳବାର ରାଜ୍ୟ ବିଜେପି ସଭାପତି ଆକ୍ରମଣକାରୀଙ୍କୁ ନିଲମ୍ବନ କରିବା ପରେ ରାଜ୍ୟ ବିଜେପିର ଉଚ୍ଚାରଣ ଏବଂ ଆଚରଣକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେବଡ଼ ଜଘନ୍ୟ କାଣ୍ଡରେ ନିଲମ୍ବନ ଯଥେଷ୍ଟ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଦଳ ଏପରି ସମ୍ବେଦନଶୀଳ ଘଟଣାକୁ ସତରେ ଗୁରୁତର ସହ ନେଇଥାନ୍ତା, ତାହେଲେ ସମସ୍ତ ଅଭିଯୁକ୍ତଙ୍କୁ ଅତିକମରେ ବହିଷ୍କାର କରିଥାନ୍ତା, ମାତ୍ର ଦଳ ସେପରି କିଛି କଲାନାହିଁ। ସେହିପରି ପରଦା ପଛରେ ଥିବା ଦଳର ନେତା ଜଗନ୍ନାଥ ପ୍ରଧାନଙ୍କ ଦେହରେ ହାତ ମାରିବାକୁ ଦଳର ସଭାପତି ସାହସ ଜୁଟାଇ ପାରିଲେ ନାହିଁ। ଯଦି ୫ ଜଣଙ୍କ ସହ ସଭାପତି ଜଗନ୍ନାଥଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ। ଗତ ସରକାର ସମୟରେ ବିଜେଡିର ଜଣେ ବିଧାୟକ ସରୋଜ ମେହେର ଜଣେ ଜେଇଙ୍କୁ ଉଠବସ କରିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତାଙ୍କୁ ଜେଲ୍ ପଠାଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଘଟିଥିବା ଘଟଣାରେ ତତ୍କାଳୀନ ବିଧାୟକଙ୍କୁ ଦଳରୁ ବହିଷ୍କାର କରିଥିଲେ। ମାତ୍ର ଗତକାଲି ଘଟଣାରେ ବିଜେପିର କାର୍ଯ୍ୟାନୁଷ୍ଠାନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପିର ନନିଲମ୍ବନ ଆଦେଶ ଧର୍ମକୁ ଆଖିଠାର ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଉ ୨ଜଣ ଗିରଫ

ଭୁବନେଶ୍ୱର,୧।୭(ସମିସ): ବିଏମ୍‌ସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ଘଟଣାରେ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ଝାରପଡ଼ାର ସଞ୍ଜୀବ ମିଶ୍ର ଓ ଲକ୍ଷ୍ମୀସାଗରର ସଚ୍ଚିକାନ୍ତ ସ୍ୱାଇଁ। ଦୁହେଁ ବିଜେପିର ଆଗଧାଡ଼ିର କର୍ମୀ ଏବଂ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି କୁହାଯାଉଛି। ଅପରପକ୍ଷେ ଗତକାଲି ଗିରଫ ହୋଇଥିବା ଅପରୂପ, ରଶ୍ମି ଓ ଦେବାଶିଷଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ମାତ୍ର ଏହି ଘଟଣାର ପ୍ରଚ୍ଛଦପଟରେ ଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନାଯୋଗ୍ୟ, ଗିରଫ ଯୁବକମାନେ ବିଏମ୍‌ସି କାର୍ଯ୍ୟାଳୟରେ ଜଗନ୍ନାଥ ପ୍ରଧାନଙ୍କ ନାମ ନେଇ ଅତିରିକ୍ତ କମିସନରଙ୍କୁ ପିଟିଥିଲେ ବୋଲି ଅଭିଯୋଗ ହୋଇଛି।

## ରଥଯାତ୍ରାକୁ ବିଜେପି ଦଳୀୟ ଉତ୍ସବ କରିଛି: କଂଗ୍ରେସ



ଭୁବନେଶ୍ୱର,୧।୭(ସମିସ): ବିଏମସିର ଅତିରିକ୍ତ କମିଶନଙ୍କୁ ବିଜେପି କର୍ମୀ ମାଡ଼ ମାରିବା ଘଟଣାକୁ ନେଇ ବର୍ଷିଲେ ପିସିସି ସଭାପତି ଭକ୍ତ ଚରଣ ଦାସ। ବିଏମସିରେ ଜନଶୁଣାଣି ଚାଲିଥିବା ବେଳେ ବିଜେପିର ଜଣେ କର୍ପୋରେଟର ଓ ୧୦ ଜଣ କର୍ମୀ ଅତିରିକ୍ତ କମିଶନରଙ୍କୁ ମାଡ ମାରିଲେ। ମାଡ଼ ମାରିଥିବା କର୍ମୀମାନେ ଭୁବନେଶ୍ୱର ମଧ୍ୟମ ବିଜେପି ବିଧାୟକ

- କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ ହେଉ ରଥଯାତ୍ରା ବିଭ୍ରାଟ
- ମୁଖ୍ୟମନ୍ତ୍ରୀଙ୍କଠାରୁ ସାହସ ପାଇ ବିଜେପି କର୍ମୀ ଉତ୍ପାତ ହେଉଛନ୍ତି

ପ୍ରାର୍ଥୀଙ୍କ ନାଁ ନେଉଥିଲେ। ଏଭଳି ସ୍ଥିତି ଯୋଗୁଁ ସରକାରୀ ଅଧିକାରୀମାନେ ବିଜେପି ନେତାଙ୍କର ଗୋଲାମ ହୋଇଗଲେଣି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜେ ସରକାରୀ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଓ କର୍ମୀମାନଙ୍କୁ ବସାଉଛନ୍ତି। ତେଣୁ ପୂରା ଓଡ଼ିଶାରେ ଆଜି ଏପରି ପରିସ୍ଥିତି ହେଇଛି ବୋଲି ପିସିସି ସଭାପତି କହିଛନ୍ତି। ସରକାରୀ ଅଧିକାରୀଙ୍କୁ ବିଜେପିକରଣ କରିବାକୁ ଶାସକ ଦଳ ଚାହୁଁଛି ବୋଲି ଶ୍ରୀ ଦାସ ଉଲ୍ଲେଖ କରି ଏଥିରେ ଲୋକମାନେ ନ୍ୟାୟ ପାଇବେ ନାହିଁ। ପୂରା ଓଡ଼ିଶାରେ ସରକାରୀ ଅଧିକାରୀ ମାନେ ଆଜି ଅପମାନିତ ହୋଇଛନ୍ତି। ଓଡିଶାରୁ ସରକାରୀ ଅଧିକାରୀ ମାନଙ୍କୁ ସରକାର କ୍ଷମା ମାଗିବା ସହ ବିଜେପିର ପରାଜିତ ପ୍ରାର୍ଥୀଙ୍କୁ ଗିରଫ କରାଯାଉ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୁରୀ ରଥଯାତ୍ରାରେ ମହାବିଭ୍ରାଟ ପ୍ରସଙ୍ଗରେ ମଧ ରାଜ୍ୟ ସରକାରଙ୍କ ଉପରେ ଶ୍ରୀ ଦାସ ବର୍ଷିଛନ୍ତି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସରକାରୀ ପ୍ରସ୍ତୁତି କଥା କହିଥିଲେ। ହେଲେ ବିଜେପି ଦଳର ୧୫ଶହ କର୍ମକର୍ତ୍ତା ରଥରେ ସାମିଲ ହେବେ, ସେ କଥା କହି ନ ଥିଲେ। ରଥଟଣା ସମୟରେ ବିଜେପି କର୍ମୀମାନେ ଅବ୍ୟବସ୍ଥା କରିଦେଲେ। ରଥଯାତ୍ରାକୁ କେବଳ ଦଳୀୟ ଉତ୍ସବ କରିବା ପାଇଁ ବିଜେପି ଏମିତି କରିଛି। ଭିଡ଼ ନିୟନ୍ତ୍ରଣକୁ ପ୍ରଶାସନ ଗୁରୁତ୍ୱ ନ ଦେଇ ଭିଆଇପିଙ୍କୁ ଗୁରୁତ୍ୱ ଦେଇଥିବାରୁ ଏଭଳି ବିଭ୍ରାଟ ହୋଇଛି। ତେଣୁ ରଥଯାତ୍ରା ମହାବିଭ୍ରାଟ ପାଇଁ ଜଣେ କାର୍ଯ୍ୟରତ ବିଚାରପ୍ରତିଙ୍କ ଦ୍ୱାରା ତଦନ୍ତ କରାଯାଉ। ଉନ୍ନୟନ କମିଶନଙ୍କ ତଦନ୍ତରେ କିଛି ସୁଫଳ ମିଳିବନି। ଯିଏ କମିଟିର ସଦସ୍ୟ, ସେ କିପରି ତଦନ୍ତ କରିବେ। ଓଡିଆ ଅସ୍ମିତା ଓ ଓଡ଼ିଆ ପ୍ରାଣ ଦେବତା କ'ଣ ନ୍ୟାୟ ପାଇବେ ଏହି ତଦନ୍ତରୁ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଚାରପତିଙ୍କ ଦ୍ୱାର ତଦନ୍ତ କରାଗଲେ ନ୍ୟାୟ ମିଳିବ ବୋଲି ଶ୍ରୀ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜା, ରାଜ୍ୟ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ଓ ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟିନେଲେ ୧୦ ଲକ୍ଷର ଗହଣା

ବୈଶିଙ୍ଗା, ୧।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବିଶ୍ରାମପୁର ଗ୍ରାମର ଭବଜିତ ପ୍ରଧାନଙ୍କ ଘରୁ ମଙ୍ଗଳବାର ଦୁର୍ବୃତ୍ତମାନେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ପିଉସୀଙ୍କ ଦେହ ଅସୁସ୍ଥ ଥିବାରୁ ଘରେ ତାଲା ପକାଇ ଭବଜିତ ସପରିବାରେ କେନ୍ଦୁଆଖୁଣ୍ଟା ଗ୍ରାମକୁ ଯାଇଥିଲେ। ଅପରାହ୍ଣରେ ସେ ଫେରିବା ବେଳକୁ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରିଲ ଭାଙ୍ଗି ଶୋଇବା ଘର ଆଲମିରାର ଲକର୍ ଭାଙ୍ଗି ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ଏ ସଂପର୍କରେ ସେ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## ଜେଲ୍ ଗଲେ ଜମିଦାର ଯୁଗ୍ମ ନିର୍ଦ୍ଦେଶକ



ଆୟଠାରୁ ୨୧୨ ପ୍ରତିଶତ ଅଧିକ ସମ୍ପତ୍ତି

ଭୁବନେଶ୍ୱର,୧।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କୁ ମଙ୍ଗଳବାର ଗିରଫ କରିଛି ଭିଜିଲାନ୍ସ। ଠାବ ସମ୍ପତ୍ତିର ଉତ୍ତର ଦେଇ ନ ପାରିବାରୁ ତାଙ୍କ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି। ଗିରଫ ପରେ ମେଡ଼ିକାଲ ପରୀକ୍ଷା କରାଯାଇ ତାଙ୍କୁ ଭବାନୀପାଟଣା ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୟାନିଧିଙ୍କ ପାଖରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ଆୟଠାରୁ ୨୧୨ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସୂଚନାଯୋଗ୍ୟ ସୋମବାର ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁରରେ ଥିବା ତାଙ୍କର ୮ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କର ୮୪ ଏକର ଜମି, ୪୬ ଏକରରେ ଥିବା ଦୁଇଟି ଫାର୍ମ ହାଉସ ସମେତ ବହୁ ସମ୍ପତ୍ତି ଠାବ କରିଥିଲେ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ

କଟକ, ୧।୭(ସମିସ): ଚୁକ୍ତିଭିତ୍ତିକ ନିଯୁକ୍ତି ହେତୁ ଜଣେ ମହିଳା କର୍ମଚାରୀଙ୍କୁ ପ୍ରସୂତି ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଏହା ମାନବିକତା ଓ ନାରୀତ୍ୱ ପ୍ରତି ଘୃଣ୍ୟେସ୍ୱଦ। ହାଇକୋର୍ଟ ଆଜି ଏକ ମାମଲାର ବିଚାର କରି ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ସରକାରଙ୍କ ପକ୍ଷରୁ ରୁଜୁ ଏକ ରିଟ୍ ଆବେଦନକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁଠାରେ ନାରୀମାନଙ୍କୁ ସମ୍ମାନିତ କରାଯାଏ, ସେଠାରେ ଦେବତାମାନେ ବି ଆନନ୍ଦିତ ହୁଅନ୍ତି। ମହିଳା କଲ୍ୟାଣ ସମ୍ପର୍କିତ ରାଜ୍ୟ ନୀତିରେ ଏଭଳି କଥାକୁ ଗୁରୁତ୍ୱ ଦିଆଯିବା ଉଚିତ। ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧା ପ୍ରଦାନ ସଂକ୍ରାନ୍ତରେ ଜଣିକିଆ ବିଚାରପତିଙ୍କ ଆଦେଶକୁ ଦୁଇଜଣିଆ ଖଣ୍ଡପୀଠ କାଏମ ରଖିବା ସହ ଆସନ୍ତା ୮ ସପ୍ତାହ ମଧ୍ୟରେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କ ପ୍ରସୂତିକାଳୀନ ଛୁଟି ସୁବିଧା ଆବେଦନ ଖାରଜ ହେବାରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରସୂତି ଛୁଟି ସମ୍ପର୍କିତ ଆଇନ ଉପରେ ତର୍ଜମା କରି ପ୍ରତିପକ୍ଷଙ୍କୁ ପ୍ରସୂତି ଛୁଟିର ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶ ବିରୋଧରେ ଏହି ରିଟ୍ ଦାୟର କରିଥିଲେ। ସରକାରଙ୍କ ଯୁକ୍ତି ଥିଲା ଯେ ପ୍ରତିବାଦୀ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ସେ ପ୍ରସୂତି ଛୁଟିର ଲାଭ ପାଇବାକୁ ହକଦାର ନୁହଁନ୍ତି।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା

# ବ୍ରିଟିଶ ଅତ୍ୟାଚାରଠୁ ବଳିଗଲା ବିଜେପିର ଆକ୍ରମଣ: ବିଜେଡି

ଭୁବନେଶ୍ୱର,୧।୭(ସମିସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ସ୍ପଷ୍ଟ ଦିବାଲୋକରେ ବିଜେପି ନେତାଙ୍କ ଦ୍ୱାରା ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ବ୍ରିଟିଶ ଅତ୍ୟାଚାରଠାରୁ ବଳିଯାଇଛି। କ୍ଷମତା ନିଶାରେ ବିଜେପି ନେତା ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିବାକୁ ଉଦ୍ୟମ କରୁଛନ୍ତି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ଆକ୍ରମଣକାରୀଙ୍କ ଉପରେ ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି ହୋଇଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଅଭିଯୋଗ କରିଥିଲେ ଯେ ଆକ୍ରମଣକାରୀମାନେ ହେଉଛନ୍ତି ଶାସକ ବିଜେପିର କାର୍ଯ୍ୟକର୍ତ୍ତା। ସେମାନେ କହିଥିଲେ ଯେ ବିଜେପି ନେତା ତଥା ଗତ ନିର୍ବାଚନରେ ଭୁବନେଶ୍ୱର(ମଧ୍ୟ) ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଏଭଳି କାଣ୍ଡ ଘଟିଛି। ଏହି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ନଗ୍ନ ନମୁନା ଏବଂ ଶାସକ ବିଜେପିର ଅତ୍ୟାଚାର ମନୋବୃତ୍ତିର ପରିଚୟ। ଶ୍ରୀ ପଣ୍ଡା କହିଥିଲେ ଯେ ବିଏମସିର ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଯେପରି ଆକ୍ରମଣ କରାଗଲା ତାହା ଚଳଚ୍ଚିତ୍ରରେ ପ୍ରଦର୍ଶିତ ହେଉଥିବା ଗୁଣ୍ଡାରାଜ ଦୃଶ୍ୟଠାରୁ କୌଣସି ଗୁଣରେ

- ଶାନ୍ତିପ୍ରିୟ ଓଡ଼ିଶାକୁ କ୍ଷମତା ନିଶାରେ ଅଶାନ୍ତ କରୁଛି ବିଜେପି
- ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ

କମ୍ ନୁହେଁ। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ସ୍ପଷ୍ଟ ଦିବାଲୋକରେ ଏଭଳି ଘଟଣା ଘଟିବା, ସମଗ୍ର ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିବା ସହ ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ରାଜ୍ୟ ଓଏଏସ୍ ସଂଘ ଏହି ଘଟଣାରେ ପ୍ରଦାନ କରିଥିବା ସ୍ମାରକପତ୍ରରେ ଗତ ଏକ ବର୍ଷରେ ବିଭିନ୍ନ ସ୍ଥାନରେ ସେମାନଙ୍କ ଉପରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି ବୋଲି ଅଭିଯୋଗ କରିବା ସହ ସେମାନଙ୍କ ସୁରକ୍ଷା ଓ ସମ୍ମାନ ବିପଦରେ ପଡିଛି ବୋଲି ଉଲ୍ଲେଖ କରିଛନ୍ତି। ଗତ ଏକ ବର୍ଷ ଧରି ରାଜ୍ୟର ପ୍ରଶାସନିକ ଢାଞ୍ଚା ଉପରେ ଯେଉଁଭଳି ଭାବେ ଆକ୍ରମଣ କରାଯାଉଛି, ତାହା ଗ୍ରହଣୀୟ ନୁହେଁ।

ବିଏମସି ମେୟର ସୁଲୋଚନା ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିବା




ଜଣେ ବରିଷ୍ଠ ଅଧିକାରୀଙ୍କୁ ଅଫିସରୁ ଘୋଷାଡ଼ି ଆଣି ଯେଉଁଭଳି ବର୍ବରୋଚିତ ଆକ୍ରମଣ କରାଗଲା, ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଘଟଣାରେ ଛଅ ସାତ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ପୁଲିସ କେବଳ ପାଞ୍ଚ ଜଣଙ୍କୁ ଗିରଫ କରିଛି। ତେଣୁ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ଓ ଯାହାଙ୍କ ପ୍ରରୋଚନାରେ ଏହି ଘଟଣା ଘଟିଛି, ତାଙ୍କୁ ଗିରଫ କରି ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ୧୦୯ ଦଫା ଲଗାଯାଉ ବୋଲି ସେ ଦାବି କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା କହିଥିଲେ ଗତ ୩୦ ବର୍ଷ ଭିତରେ ଏଭଳି ଅମାନବୀୟ କାଣ୍ଡ କେବେ ଘଟିନଥିଲା। ଏଭଳି ଏକ ହୃଦୟ ବିଦାରକ ଘଟଣା ବ୍ରିଟିଶ ଅତ୍ୟାଚାରଠୁ ମଧ ବଳିଯାଇଛି। ଘଟଣାସ୍ଥଳରେ ଦୁଇ ଜଣ ମହିଳା କର୍ପୋରେଟର ବୁଝାସୁଝା କରିବାକୁ ଚେଷ୍ଟା କରିବା ବେଳେ ସେମାନେ ମଧ ଆକ୍ରମଣକାରୀଙ୍କ ଦ୍ୱାରା ଆହତ ହୋଇଛନ୍ତି। ବିଧାୟକ ସୁଶାନ୍ତ କୁମାର ରାଉତ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ଡେପୁଟି ମେୟର ମଞ୍ଜୁଲତା କହଁର ମଧ ଉପସ୍ଥିତ ଥିଲେ।

# ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ହାତରେ କରମଙ୍ଗା ସେବା ସମବାୟ ସମିତି ଦାୟିତ୍ୱ

**● ଶୋଷଣର ଶିକାର ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ଚାଷୀ**

ନୟାହାଟ,୧।୭ (ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଞ୍ଚଣା କରମଙ୍ଗା ସେବା ସମବାୟ ସମିତିରେ ବ୍ୟାପକ ଅନିୟମିତତା ସାଙ୍ଗକୁ ଚାଷୀ ଶୋଷଣର ଶିକାର ହେବା ବିଷୟରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଇ-ମେଲ୍ ଯୋଗେ ମଙ୍ଗଳବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ଉକ୍ତ ସମବାୟ ସମିତିରେ ନିଯୁକ୍ତି ପାଇଥିବା ସମ୍ପାଦିକା ଅଫିସକୁ ନ ଆସି ଘରେ ରହୁଥିବାବେଳେ ସେଠାରେ ଥିବା ଚତୁର୍ଥଶ୍ରେଣୀ କର୍ମଚାରୀ ପ୍ରତାପ କୁଅଁର ଅଫିସ ଚଳାଇଥା'ନ୍ତି। ପ୍ରକୃତ ଚାଷୀଙ୍କ ପଞ୍ଜିକୃତ ନ କରି ମୋଟା ଅଙ୍କରେ ଅର୍ଥ ନେଇ ଅଣଚାଷୀଙ୍କୁ ପଞ୍ଜିକୃତ କରାଇ ସେମାନଙ୍କଠାରୁ ଧାନ ଉଠାଯାଉଛି। ଅଣଚାଷୀଙ୍କୁ ଭାଗଚାଷୀ କରାଇ କାଗଜପତ୍ରରେ ଦର୍ଶାଇ କର୍ମଚାରୀ ଜଣକ ମାଲାମାଲ ହେଉଥିବା ଅଭିଯୋଗ ହେଉଛି।

ମଙ୍ଗଳବାର କିଛି ଚାଷୀ ପ୍ରତାପଙ୍କୁ ପଞ୍ଚେଣାଠାରେ ମାଡ଼ମାରିବା ପାଇଁ ଗୋଡ଼ାଇବାରୁ ସେ ଜୀବନ ବିକଳରେ ଲୁଚି ଯାଇଥିଲେ। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ, ମୁଁ ତିରୁଣା ଯାଉଥିଲି। ମୋତେ ହଠାତ୍ ବାଡ଼େଇବା ପାଇଁ ଚାଷୀ ଗୋଡ଼େଇଲେ। ସେମାନଙ୍କ ଧାନ ଉଠେଇବାରେ ବିଳମ୍ବ ହେବାରୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ ବୋଲି କହିବା ସହ ଲାଞ୍ଚ ନେବା ଘଟଣାକୁ ପ୍ରତାପ ଅସ୍ୱୀକାର କରିଛନ୍ତି। ସମ୍ପାଦିକାଙ୍କ ବିଷୟରେ ପଚାରିବାରୁ ସେ ସବୁବେଳେ ଆସନ୍ତିନି, ବେଳେବେଳେ ଆସନ୍ତି ବୋଲି କହିଛନ୍ତି। ଏଠାରେ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ସମ୍ପାଦିକା କେବେ ଆସନ୍ତି ନାହିଁ; ଚତୁର୍ଥଶ୍ରେଣୀ କର୍ମଚାରୀ ଚଳାଉଛନ୍ତି ଅଫିସ। ଏ ସମ୍ପର୍କରେ ଚାଷୀ ଭାସ୍କର ସାହୁ, ବିଦ୍ୟୁଲତା ସାହୁ, କୈଳାସ ମହାନ୍ତି, ବାସୁଦେବ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ବିଜୟ ବିଶ୍ୱାଳ, ଦୀପକ ସାହୁ ଓ ଘନ ବେହେରା ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଚାଷୀ ପୁରୀ ଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ ଓ ଗୋପ ବ୍ଲକ୍ କୃଷି ଅଧିକାରୀଙ୍କ ନିକଟରେ କରମଙ୍ଗା ଓ ପାଞ୍ଚେଣା ସମବାୟ ସମିତି ଚାଷୀ ଶୋଷଣ ଘଟଣାର ତଦନ୍ତ ପାଇଁ ଦାବି କରିଛନ୍ତି।

# ଅସହାୟ ବୃଦ୍ଧାଙ୍କ ଶୁଦ୍ଧିକ୍ରିୟା କଲେ ବ୍ୟବସାୟୀ

ବଳଙ୍ଗା,୧।୭ (ସମିସ): ଜଣେ ଅସହାୟ ବୃଦ୍ଧାଙ୍କ ଶେଷକୃତ୍ୟ ସମ୍ପନ୍ନ ସହିତ ଶୁଦ୍ଧିକ୍ରିୟା କାର୍ଯ୍ୟ ସମ୍ପନ୍ନ କରିଛନ୍ତି ବଳଙ୍ଗା ବଜାରର ବ୍ୟବସାୟୀ ପ୍ରଫୁଲ୍ଲ କୁମାର ସାହୁ। ବୃଦ୍ଧାଙ୍କୁ ମୁଖାଗ୍ନି ଦେଇ ଅନ୍ୟ ବ୍ୟବସାୟଙ୍କ ସହଯୋଗରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଇଥିଲେ।

ସୂଚନା ମୁତାବକ, ଅସହାୟ ଶୁକ ପ୍ରଧାନ ବଳଙ୍ଗା ବଜାରରେ ଦୀର୍ଘଦିନ ହେବ ରହିଆସୁଥିଲେ। ନିଜର ବୋଲି କେହି ନ ଥିବାବେଳେ ବଳଙ୍ଗା ବଜାରର କେତେଜଣ ବ୍ୟବସାୟୀଙ୍କ କାମ କରି ନିଜର ପେଟ ପୋଷିବା ସହ ଦୋକାନ ବାରଣ୍ଡାରେ ଶୋଇ ଦିନ କାଟିଥାନ୍ତି। ଶୁକଙ୍କ ଦେହ ଖରାପ ହେବାରୁ ହଇରାଣ ହରକତ ହେଉଥିବାବେଳେ ବଳଙ୍ଗା ଗ୍ରାମର ପ୍ରଫୁଲ୍ଲ ସାହୁ ନିଜ ମା' ଭଳି ସ୍ନେହ ଦେଇ ପ୍ରତ୍ୟେକ ଦିନ ଖାଇବା ପାଇଁ ଦିଅନ୍ତି। ଶୁକଙ୍କ ଦେହ ଖରାପ ଥିବାବେଳେ ପ୍ରଫୁଲ୍ଲ ତାଙ୍କୁ ଭୁବନେଶ୍ୱର ମେଡିକାଲ ଯିବା କଥା କହିବାରୁ ସେ ଭୟରେ ଲୁଚିଯା'ନ୍ତି। କାଳେ ତାଙ୍କୁ ନେଇ ଭୁବନେଶ୍ୱରରେ ଛାଡ଼ିଦେବେ। ଶେଷରେ ତାଙ୍କର ମୃତ୍ୟୁ ହୋଇଗଲା। ନବକିଶୋର ମଲ୍ଲିକ, ରମେଶ ପ୍ରଧାନ, ପ୍ରକାଶ ସାହୁ, ଶାନ୍ତନୁ ଶତପଥି, ସଞ୍ଜିବ କୁମାର ସାହୁ ଓ ଉପର ବଜାର ବ୍ୟବସାୟୀମାନଙ୍କ ସହଯୋଗରେ ହିନ୍ଦୁ ରୀତିନୀତି ଅନୁସାରେ ଦଶାହ କାର୍ଯ୍ୟ କରାଯାଇଥିଲା।

# ଜାତୀୟ ହ୍ୟୁମାନ୍ ରାଇଟ୍ସ ଓଡ଼ିଶା ଶାଖା ପକ୍ଷରୁ ଖାଦ୍ୟ, ପାନୀୟ ବଣ୍ଟନ




ନିମାପଡ଼ା,୧।୭ (ସମିସ): ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଜାତୀୟ ହ୍ୟୁମାନ୍ ରାଇଟ୍ସ ଓଡ଼ିଶା ଶାଖା ତରଫରୁ ପୁରୀକୁ ଆସିଥିବା ଭକ୍ତମାନଙ୍କୁ ସୁଷମ ଖାଦ୍ୟ ଓ ପାନୀୟଜଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ହ୍ୟୁମାନ୍ ରାଇଟ୍ସ ଚେୟାରମ୍ୟାନ୍ ଡ. ସ୍ୱର୍ଣ୍ଣମୟୀ ରାଉତ, ରାଜ୍ୟ ଉପଦେଷ୍ଟା ସୌଦାମିନୀ ଦାସ, ରାଜ୍ୟ ସଭାପତି ବାସୁଦେବ ସେଠୀ, ରାଜ୍ୟ ଉପସଭାପତି ସନ୍ତୋଷୀ ଝାଲ୍ଲୀ, ରାଜ୍ୟ ସମ୍ପାଦକ ନୃସିଂହ ଚରଣ ମାନସିଂ, ସହସମ୍ପାଦକ ପ୍ରଦୀପ୍ତ ନାୟକ, ପୁରୀ ଜିଲ୍ଲା ସଭାପତି ଜୟଶ୍ରୀ ପାତ୍ର, ସଭାନେତ୍ରୀ ବୀଣା ଷଡ଼ଙ୍ଗୀ, ଝିଲ୍ଲି ଦାସ, ରୀତା ତ୍ରିପାଠୀ, ସରୋଜିନୀ ସ୍ୱାଇଁ, ରଶ୍ମିତା ବେହେରା, ପୁଷ୍ପିତା ସାହୁ, ଦୀପକ ସାହୁ, ସୁଦର୍ଶନ ପ୍ରଧାନ, ଗୋପୀନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଧକ୍ଷ ଓ ବରିଷ୍ଠ କିରାଣିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କଣାସ,୧।୭ (ସମିସ): କଣାସଠାରେ ଅବସ୍ଥାପିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡମ୍ବରୁଧର ଛୁଆଳସିଂହ ଏବଂ ମୁଖ୍ୟ କିରାଣି ପ୍ରଶାନ୍ତ କୁମାର ପ୍ରଧାନଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ବିଦ୍ୟାଳୟ ପରିସରରେ ଅଧ୍ୟାପିକା ସଞ୍ଜୁ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହିବା ସହିତ ନିମନ୍ତ୍ରିତ ଅତିଥିଭାବେ ପୂର୍ବତନ ଅଧକ୍ଷ ସୁନିଲୀ କୁମାର ମିଶ୍ର, ପୂର୍ବତନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ଉଭୟ ଅଧକ୍ଷ ଓ ମୁଖ୍ୟ କିରାଣିଙ୍କୁ ବିଦାୟସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ତାଙ୍କ ଅଭିଭାଷଣରେ ଶ୍ରୀ ଛୁଆଳସିଂହଙ୍କ ସାହସିକ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅକ୍ଷୟ ସ୍ୱାଇଁ, ପ୍ରଶାନ୍ତ କୁମାର ପଲାଇ, ପ୍ରମୋଦ କୁମାର ହୋତା, ଗଦାଧର ଶତପଥୀ, ସସ୍ମିତା ହାତୀ, ବିପିନ ବିହାରୀ ବାରିକ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରଭାଷ କୁମାର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧକ୍ଷଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଡେଲାଙ୍ଗ,୧।୭ (ସମିସ): ଡେଲାଙ୍ଗ ହାଟ ବଜାରସ୍ଥିତ ଡେଲାଙ୍ଗ ମହାବିଦ୍ୟାଳୟର ସଭାକକ୍ଷରେ ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ବଳିୟାରସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ସ୍ନେହାଞ୍ଜଳୀ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଥମ ଅଧକ୍ଷ ଭାସ୍କରଚନ୍ଦ୍ର ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଅଭୟ ଚରଣ ରାଉତରାୟ, ଘନଶ୍ୟାମ ସ୍ୱାଇଁ, ଶରତ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ସୁକାନ୍ତ କୁମାର ପଣ୍ଡା, ଅତୁଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଅଧକ୍ଷ ଶ୍ରୀ ବଳିୟାରସିଂହଙ୍କ ଛାତ୍ରବତ୍ସଳତା ଓ ମହାବିଦ୍ୟାଳୟ ସହିତ ଘନିଷ୍ଠତା ସମ୍ପର୍କରେ ଅଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦାୟୀ ଅଧକ୍ଷଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମନୋରଞ୍ଜନ ରଣସିଂହ, ଜିତେନ୍ଦ୍ର ମଲ୍ଲିକ, ଅଧ୍ୟାପିକା ତନ୍ମୟୀ ମହାପାତ୍ର, ଗୀତାଞ୍ଜଳୀ ସାହୁ, ସୁମଞ୍ଜୁଳା ବିଶ୍ୱାଳ, ଭୂମିକା ଜାଲି, ସୁକାନ୍ତୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନନ୍ତ ବାସୁଦେବଙ୍କ ରଥ ଭାଙ୍ଗିଲେ ମା' ଲକ୍ଷ୍ମୀ



ନୟାହାଟ,୧।୭ (ସମିସ): ମଙ୍ଗଳବାର ହେରାପଞ୍ଚମୀରେ ସିଙ୍ଗପାନିଆଁ ଗ୍ରାମର ମା' ଲକ୍ଷ୍ମୀ ଏକ ଶୋଭାଯାତ୍ରାରେ ବାଜା ବାଣ ସହିତ ବାରିହାଟରେ ଥିବା ଗୁଣ୍ଡିଚା ମନ୍ଦିରକୁ ଆସି ରାଗରେ ରଥ ଚାରିପାଖେ ସାତଥର ପରିକ୍ରମା କରି ରଥରୁ ଖଣ୍ଡେ କାଠ ଭାଙ୍ଗି ନେଇ ନିଜ ବାସସ୍ଥଳୀକୁ ଫେରିଯାଇଥିଲେ।

## ଫେଲ୍ ମାରିଚି ଡବଲ ଇଞ୍ଜିନ୍ ସରକାର

# ସଠିକ୍ ସମୟରେ ମିଳୁନି ସପ୍ଲାଇ ପାଣି





ଅସ୍ତରଙ୍ଗ,୧।୭ (ସମିସ): ଅସ୍ତରଙ୍ଗ ବ୍ଲକ୍ ପାଟଳଦା ଗ୍ରାମ ପଞ୍ଚାୟତର ଆଦିକନ୍ଦପୁର ଗ୍ରାମ ଯେଉଁଠି ପ୍ରାୟ ୩୦୦ ଲୋକ ପିଇବା ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ଏହି ଜଳସଂକଟ ଦୂର କରିବା ପାଇଁ ବିଜେଡି ସରକାର ୨୦୦୫ରେ ରାଜ୍ୟର ସର୍ବବୃହତ୍ ଗ୍ରାମାଞ୍ଚଳ ପାନୀୟ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ କରିଥିଲେ। ପ୍ରାଚୀ ନଦୀରୁ ପାଣି ଉଠାଇ ମୂଳାଗଡ଼ଠାରେ ବିଶୋଧନ କରି ପାଇପ୍ ଯୋଗେ ଯୋଗାଇ ଦିଆଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀ ଏବଂ ଗୁଡୁବଣିଠାରେ ଥିବା ପାଣିଟାଙ୍କିର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ପିଇବା ପାଣି ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଫଳରେ ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଯେହେତୁ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି କେତେବେଳେ ଆସିବ କେବେ ଆସିବ ତା'ର କିଛି ସମୟ ନିର୍ଦ୍ଧାରିତ ନ ଥିବାବେଳେ ଲୋକମାନେ ହାଣ୍ଡି, ବାଲ୍‌ଟି ଧରି ଟ୍ୟାପ୍ ପାଖରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କଲେ ମଧ୍ୟ ନିରାଶ ହେବାକୁ ପଡୁଛି। ବହୁ ସମୟରେ ଅଳ୍ପ ସମୟ ପାଇଁ ପାଣି ଆସେ, ସେ ପୁଣି ଧୀରେ ଧୀରେ। ସେହି ସମୟରେ କିଏ ଆଗ ପାଣି ନେବ ସେଥିପାଇଁ ପରସ୍ପର ମଧ୍ୟରେ ଝଗଡ଼ା ଲାଗିଥାଏ। ପାଣି ଧୀରେ ଧୀରେ ଆସୁଥିବାରୁ ପ୍ରତିଯୋଗିତାରେ ପାଣି ସଂଗ୍ରହ କରିବା ଦେଖିବାକୁ ମିଳିଛି।

ଗ୍ରାମରେ ଥିବା ନଳକୂଅରୁ ଲୁଣି ଏବଂ ଆଇରନ୍‌ଯୁକ୍ତ ପାଣି ବାହାରୁଥିବାରୁ ତାହା ବ୍ୟବହାରଯୋଗ୍ୟ ନୁହେଁ। ସେହି ସମୟରେ ଲୋକମାନେ ଜାର୍‌କିନ୍, ବୋତଲ ଧରି ୨ କିଲୋମିଟର ଦୂର ଯାଆନ୍ତି ପାଣି ଆଣିବାକୁ। ଅନେକ ଲୋକ ଏତେ ଦୂରରୁ ପାଣି ଆଣି ନ ପାରି ସେହି ଆଇରନ୍‌ଯୁକ୍ତ ପାଣିକୁ ବ୍ୟବହାର କରି ବିଭିନ୍ନ ପେଟ ରୋଗରେ ପୀଡ଼ିତ ହେଉଛନ୍ତି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ସତ୍ୟ ମହାନ୍ତି କେତେବେଳେ କେଉଁ ମନ୍ତବ୍ୟ ଦିଅନ୍ତି ସେ ନିଜେ ଜାଣିପାରନ୍ତି ନାହିଁ। କେତେବେଳେ କୁହନ୍ତି, ମୁଁ ଜାଣିନି ବୁଝିକି କହିବି ତ ଏବେ କହୁଛନ୍ତି ଟାଙ୍କି ସଫା ହେଉଛି ସେଇଥିପାଇଁ ଗ୍ରାମରେ ପାଣି ପହଞ୍ଚି ପାରୁନାହିଁ। କିନ୍ତୁ ଅସ୍ତରଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟରେ ଦିନରାତି ପାଣି ଭାସୁଛି। ଏଠାରେ ସୂଚନା ଥାଉକି, ପିଇବା ପାଣି ଯୋଗାଣର ଅନ୍ୟ କୌଣସି ବ୍ୟବସ୍ଥା ନ କରି କାକଟପୁରରୁ ଯେଉଁ ପାଣି ଲୋକଙ୍କ ସମସ୍ୟା ଦୂର ପାଇଁ ଆସୁଛି ତାହା ଏମିତି ବିଭିନ୍ନ ବାହାନା କରି ଯୋଗାଣ ବନ୍ଦ ହେବ ତାହେଲେ ଗ୍ରାମବାସୀ କିପରି ବଞ୍ଚିବେ। ତେଣୁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ବ୍ଲକ୍ ପ୍ରଶାସନ ପାଣି ଯୋଗେଇଦେବା ପାଇଁ ସମୟ ଧାର୍ଯ୍ୟ, ନିୟମିତ ଜଳଯୋଗାଣ, କୌଣସି କାରଣ ବଶତଃ ଯଦି ଜଳଯୋଗାଣ ବନ୍ଦ ରହେ ତାହେଲେ ଆଦିକନ୍ଦପୁର ଗ୍ରାମବାସୀଙ୍କୁ ପୂର୍ବ ସୂଚନା ଦେବା, ଟାଙ୍କି ଦ୍ୱାରା ଗ୍ରାମକୁ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା କରିବା, ପାନୀୟଜଳ ଯେଉଁମାନେ ଅପବ୍ୟବହାର କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଓ ଗ୍ରାମବାସୀ ଭୋଗୁଥିବା ଜଳକଷ୍ଟକୁ ଆଖି ଆଗରେ ରଖି ଜଳଯୋଗାଣର ସୁପରିଚାଳନା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ସପରିବାରେ ରାଜରାସ୍ତାରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏଠାରେ ସୂଚନାଥାଉ କି, ପାନୀୟଜଳ ଯୋଗାଣରେ ସ୍ଥାନୀୟ ସରପଞ୍ଚଙ୍କ କୌଣସି ଭୂମିକା ରହୁନଥିବାବେଳେ ପାଣି ଟାଙ୍କିରେ ନିୟୋଜିତ କର୍ମଚାରୀ କିଛି ଅର୍ଥ ନେଇ ନିଜ ଇଚ୍ଛା ଅନୁସାରେ ଜଳ ଛାଡ଼ୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**➤ ସମୟ ଅନୁସାରେ ଆସୁନି ପାଣି**
**➤ ବାଲ୍‌ଟି, ମାଠିଆ ଧରି ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ**
**➤ କେଉଁଠି ଜଳର ଅପଚୟ ହେଉଛି ତ କେଉଁଠି ଟୋପାଏ ମିଳୁନି**

# ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ନଗଦ ଟଙ୍କା ଲୁଟ୍

ଚାରିଛକ,୧।୭ (ସମିସ): ଚାରିଛକ ଥାନା ଅନ୍ତର୍ଗତ ଭାଣପୁର ଗ୍ରାମର ରବୀନ୍ଦ୍ର ନାଥ କରଙ୍କ ଘରୁ ସୋମବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ରବୀନ୍ଦ୍ର ପରିବାର ସହ ଘର ତାଲା ପକାଇ ଭୁବନେଶ୍ୱର ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ସୋମବାର ରାତିରେ କିଛି ଦୁର୍ବୃତ୍ତ ଘରର ମୁଖ୍ୟ ଦ୍ୱାର ଗ୍ରୀଲ୍ ତାଲା ଭାଙ୍ଗି ୩ଟି ଆଲମିରା ତାଲା ଭାଙ୍ଗି ସେଥିରେ ଥିବା ନଗଦ ୯୦ ହଜାର ଟଙ୍କା, ଗୋଟିଏ ସୁନାଚେନ୍, ୫ଟି ସୁନା ମୁଦି, ୨ଟି ହାତପଲା ସମେତ କିଛି ସାମଗ୍ରୀ ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ରବୀନ୍ଦ୍ରଙ୍କ ପୁଅ ସନ୍ତୋଷ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଏବଂ ଚାରିଛକ ଥାନା ଏଏସ୍‌ଆଇ କୈଳାସ ପ୍ରଧାନ ଓ ସବିତା କୁମାରୀ ଦେବୀ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସନ୍ଦେହରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# କଣାସ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଣାସ,୧।୭ (ସମିସ): କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦୀପ ଯୁଝାରସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସୋମବାର କଣାସ ଥାନା ପରିସରରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସମାଜସେବୀ ହାଡ଼ିବନ୍ଧୁ ପାଢ଼ୀ, କଣାସ ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ସୁଶିଲକାନ୍ତ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଡେଲାଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଘନଶ୍ୟାମ ବାରିକ, ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସାମ୍ବାଦିକ ଶ୍ରୀକାନ୍ତ ପାଟଯୋଷୀ, ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା, ଏଏସ୍‌ଆଇ ପ୍ରଦୀପ କୁମାର ଯୁଝାରସିଂହ ଉପସ୍ଥିତ ଥିଲେ। ଏହି ସଭାରେ ଗଡ଼ସାନପୁଟ, ଗଡ଼ବଡ଼ପୁଟ, ତ୍ରିଲୋଚନପୁର, ପାଣ୍ଡିଆକେରା, ବିଜିପୁର, ସରପଞ୍ଚ ପ୍ରତିନିଧିମାନେ ଯୋଗଦେଇଥିବା ବେଳେ ବଡ଼ାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ, ବଡ଼ାସ ଗ୍ରାମ୍ୟ କମିଟି ସଭାପତି ସୁବୋଧ ଦାସ, ନୀଳାସେବା ପ୍ରତିଷ୍ଠାନ କୃଷ୍ଣଚନ୍ଦ୍ର ନିଶଙ୍କ ଉପସ୍ଥିତ ରହି ତାଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାଲିଘାଇ ଛକ, କଣାସ କୁଶ୍ୱେରୀ ବଜାର, ଗୋଲା ବଜାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୪ଜଣ ଗୃହରକ୍ଷୀ ନିକଟରେ ଅବସର ନେଇଥିବାରୁ ଆଇଆଇସି ଶ୍ରୀ ଯୁଝାରସିଂହ ସେମାନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାଜସେବୀ ହରିହର ଭୋଳ ମଞ୍ଚ ପରିଚାଳନା କରିଥିଲେ।

# ୭ ୬ତମ ବନ ମହୋତ୍ସବ ପାଳିତ




ଚାରିଛକ,୧।୭ (ସମିସ): ଚାରିଛକ ନିକଟସ୍ଥ ରତନପୁର ଗ୍ରାମ ପଞ୍ଚାୟତର ବନମାଳୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧକ୍ଷ ଡ. କେଦାରନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି। ବନ ମହୋତ୍ସବ ଉପଲକ୍ଷେ ଔଷଧୀୟ ଚାରା ଯଥା- ଅର୍ଜୁନ, ଅଶୋକ, ବେଲ, ଗଙ୍ଗଶିଉଳି, ଶିଶୁ, ବ୍ରାହ୍ମୀ, ଜୁଆଣି, ଅଶ୍ୱଗନ୍ଧା, ତେଜପତ୍ର, ଡାଳଚିନି, ପିପ୍ପଳି, ବଉଳ, ଉଦମ୍ବର, ଗୋଖରା, ନଡ଼ିଆ, ଗୁଆ, ଓଲଟ ଦେବଦାରୁ, କୃଷ୍ଣଚୁଡ଼ା, ରାଧାଚୁଡ଼ା, କାଠ ବାଦାମ, ଅଶୋକା ପ୍ରଭୃତି ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ସଦସ୍ୟ ଆଶୁତୋଷ ସାହୁ, ପ୍ରଶାନ୍ତ କଟିକିଆ, ସ୍କୁଲ୍‌ର ପ୍ରଧାନଶିକ୍ଷକ କିଶୋର ଜେନା, ସହକାରୀ ଶିକ୍ଷକ ଜଇ ଉଲ୍ଲା ସାହା, ରାଜଲକ୍ଷ୍ମୀ ସାହୁ, ରାଜଶ୍ରୀ ନାୟକ, କବିତା ମହାରଣା, ମମତାରାଣୀ ସାହୁ ପ୍ରଭୃତି ସହଯୋଗ କରିଥିଲେ।

# ୫.୩୦ ଲକ୍ଷର ବ୍ରାଉନ୍‌ସୁଗର ଜବତ; ଅଭିଯୁକ୍ତ ଗିରଫ

ଗୋପ,୧।୭ (ସମିସ): କୋଣାର୍କ ଥାନା ଅଧୀନ ମାଧିପୁର ଛକ ନିକଟରେ ବ୍ରାଉନ୍‌ସୁଗର ବିକ୍ରି ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ପୁରୀ ଅବକାରୀ ଅଧିକାରୀ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ଥାନା ଅଧୀନ ମାଧିପୁର ଛକଠାରେ ଚଢ଼ଉ କରାଯାଇ ମାନସ ସେଠ୍ ନାମକ ଜନୈକ ଯୁବକଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସେକ୍ ୱାରିସ୍, ସବିତା ସାହୁ ପ୍ରମୁଖ ଚଢ଼ଉ କରିଥିବାବେଳେ ମାନସଙ୍କଠାରୁ ୫୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସ୍ଥିର ହୋଇଥିବାବେଳେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନିଆରା ଢଙ୍ଗରେ ଅବସରକାଳୀନ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୧।୭ (ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଦାସ ବିଦ୍ୟାଧରପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୁରୁ ଗୌରବ ଉମା ଶଙ୍କର ମିଶ୍ରଙ୍କୁ ଏକ ନିଆରା ଢଙ୍ଗରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ ଶ୍ରୀ ମିଶ୍ରଙ୍କୁ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାଜା ବଜାର ଓ ବାଣ ଫୁଟାଇ ଦାସ ବିଦ୍ୟାଧରପୁର, ପାଟଣାସାହି, ଡାହାଲପଡ଼ା ଓ ବସନ୍ତପୁର ଗ୍ରାମ ସମେତ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ନିଜ ନିଜ ଗ୍ରାମରେ ପରିକ୍ରମା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ବ୍ଲକ୍ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଚୌଧୁରୀ ମୋତିଲାଲ ରାୟ ମୁଖ୍ୟବକ୍ତା, ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ରଥ ଓ ଲକ୍ଷ୍ମୀଧର ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶିକ୍ଷକ କବି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବଳରାମ ଦାସ ଗାଦି ଓ ବିଦ୍ୟାପୀଠରେ ବୃକ୍ଷରୋପଣ



ଗୋପ,୧।୭ (ସମିସ): ଗୋପ ବ୍ଲକ୍ ଅଧୀନ ବେଦପୁର ପଞ୍ଚାୟତସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ବଳରାମ ଦାସଙ୍କ ସମାଧି ପୀଠରେ କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ଓ 'ସମାଜ' ପକ୍ଷରୁ ସେବା ସେବକ ସପ୍ତାହ ପାଳନ କରାଯାଇଥିବାବେଳେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଭଳି ନିକଟସ୍ଥ ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠରେ ମଧ୍ୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସୂର୍ଯ୍ୟ ଆଳତି ଟ୍ରଷ୍ଟର ସଭାପତି ପ୍ରଫୁଲ୍ଲ ପାତ୍ର, ଟ୍ରଷ୍ଟର ସଭ୍ୟ ତଥା ଗବେଷକ ସଞ୍ଜୟ କୁମାର ବରାଳ, ପରିବେଶବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଶତପଥୀ, ଶିକ୍ଷାବିତ୍ ରବୀନ୍ଦ୍ର ନାଥ ପ୍ରଧାନ, କୋଣାର୍କ ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଶାନ୍ତ ସ୍ୱାଇଁ, ବୃକ୍ଷ ମଣିଷ ତଥା ପରିବେଶବିତ୍ ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କଣାସରେ ପାନୀୟଜଳ ସମସ୍ୟା ଉତ୍କଟ

# ଟ୍ୟାଙ୍କର ଯୋଗେ ଜଳଯୋଗାଣ ବନ୍ଦ



କଣାସ,୧।୭ (ସମିସ): ପୁରୀ ଜିଲ୍ଲାର କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ଏଠାରେ ବର୍ଷସାରା ପାନୀୟଜଳ ସମସ୍ୟା ଲାଗିରହୁଛି। ପ୍ରଶାସନ ପକ୍ଷରୁ ୯ ଶହରୁ ଊର୍ଦ୍ଧ୍ୱ ନଳକୂଅ ଏବଂ ୬୦ରୁ ଊର୍ଦ୍ଧ୍ୱ ଗଭୀର କୂଅ ଖନନ କରାଯାଇଥିବା ବେଳେ ଅର୍ଦ୍ଧାଧିକ ନଳକୂଅରୁ ଲୁଣିପାଣି ବାହାରୁଛି। ସେଗୁଡ଼ିକ ଅଚଳ ହୋଇ ପଡ଼ିରହିଥିବାବେଳେ ଗ୍ରୀଷ୍ମ ସମୟରେ ଜଳପତନ କମିଯାଉଥିବାରୁ ଗଭୀର କୂଅ ମଧ୍ୟ ଶୁଖିଯାଉଛି। ସେଥିପାଇଁ ପ୍ରଶାସନ ଦୟା, ରାଜୁଆ, ମକରା, ଲୁଣାନଦୀର ବେଣାଗାଁ, ପାଣ୍ଡିଆକେରା, ଢୋଲପାଟଣା, ଗଡ଼ବଡ଼ପୁଟ, ଜଙ୍କିଆ, ଗଡ଼ିଶାଗୋଦା, ବିଜିପୁର, ଗୋପିନାଥପୁର, ସୁନାଖଳା, ଅଡାଳ, ତୁପୁରିଙ୍ଗିଠାରେ ପାଇପ୍ ଜଳ ପ୍ରକଳ୍ପ ବସାଇ କେତୋଟି ହାତଗଣତି ଗ୍ରାମକୁ ଜଳ ଯୋଗାଉଥିଲେ। ଗ୍ରୀଷ୍ମଋତୁରେ ପାନୀୟଜଳ ସମସ୍ୟା ଉତ୍କଟ ହେଉଥିବାରୁ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ସରପଞ୍ଚମାନଙ୍କ ଦ୍ୱାରା ଏପ୍ରିଲ୍ ୧ରୁ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ନିଜ ନିଜ ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ମଙ୍ଗଳବାରଠାରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ହୋଇଯାଇଛି। ଅନିୟମିତ ବର୍ଷା ଯୋଗୁଁ ପାନୀୟଜଳ ସମସ୍ୟା ପ୍ରତ୍ୟେକ ପଞ୍ଚାୟତରେ ଉତ୍କଟ ହୋଇପଡ଼ିଛି। ନଦୀଜଳରେ ଭୁବନେଶ୍ୱର ସହରର ନର୍ଦ୍ଦମାଜଳ ମିଶୁଥିବାରୁ ନଦୀଜଳ ଦୂଷିତ ହୋଇପଡ଼ିଥିବାରୁ ପାଇପ୍ ଯୋଗେ ଯୋଗାଉଥିବା ଜଳକୁ ଜନସାଧାରଣ ପାନୀୟ ରୂପେ ବ୍ୟବହାର କରୁ ନ ଥିବାରୁ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ତତ୍ ସହିତ ବିଦ୍ୟୁତ୍ ସରବାରାହ ଅନେକ ସମୟ ଧରି କଟିଯାଉଥିବାରୁ ପାଇପ୍ ଜଳଯୋଗାଣରେ ବ୍ୟାଘାତ ଘଟୁଛି। ପାଇପ୍ ଜଳ ପାଇବା ପାଇଁ ଜନସାଧାରଣ ନିଜର ବାଲ୍‌ଟି, ଗରା ଧରି ଗାଁ ଦାଣ୍ଡରେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ବସିରହୁଛନ୍ତି।

ମଙ୍ଗଳବାର ବଡ଼ାସ ଗ୍ରାମପଞ୍ଚାୟତର ବାଲିପାଟଣା ଗ୍ରାମରେ ପ୍ରତି ପରିବାର ଗାଁ ଦାଣ୍ଡରେ ଜଳ ନେବାପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି, ମେଗା ପାନୀୟଜଳ ପ୍ରକଳ୍ପ ୩ରୁ ୪ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। ଆଉ କଣାସ ବ୍ଲକ୍‌ରେ ପାନୀୟଜଳ ସମସ୍ୟା ରହିବ ନାହିଁ।



୧/୭/୨୦୨୫ (ମଙ୍ଗଳବାର) **ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ:** ଟ. ୧,୮୯,୨୮୩/-, ସୁନା: ୦୧.୦୦୦ ଗ୍ରାମ୍, ରୁପା: ୧୪.୪୦୦ ଗ୍ରାମ୍

● ଏମିତି ବି ହୋଇଥିଲା...

# ବିମାନରେ ବାହୁଡ଼ିଥିଲେ ଦାରୁଦିଅଁ

**ପୁରୀ,୧।୭ (ସମିସ):** ଏମିତି ବି ହୋଇଥିଲା। ଚତୁର୍ଦ୍ଧାବିଗ୍ରହ ଆଡ଼ପ ମଣ୍ଡପକୁ ରଥରେ ଯାଇଥିଲେ। ହେଲେ ରଥରେ ବାହୁଡ଼ି ପାରି ନ ଥିଲେ। ୮ ମାସ ପରେ ବିମାନରେ ବାହୁଡ଼ି ଥିଲେ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର କୁହନ୍ତି, ଇତିହାସରୁ ଜଣାଯାଏ ବଡ଼ଦେଉଳ ଉପରେ ଅନେକଥର ଆକ୍ରମଣ ହୋଇଛି। ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ଛାଡ଼ି ୨୨ ଥର ବାହାରେ ଲୀଳା କରିଛନ୍ତି। ଏହି ଆକ୍ରମଣଗୁଡ଼ିକ ମଧ୍ୟରୁ ୧୬୧୦ ଖ୍ରୀଷ୍ଟାବ୍ଦରେ କେଶୋଦାସ ମାରୁ ଶ୍ରୀମନ୍ଦିର ଲୁଣ୍ଠନ କରିଥିଲେ। କୋଶୋଦାସ ନିଜେ ଥିଲେ ରାଜପୁତ୍ର। କେତେକ ହିନ୍ଦୁ ସୈନ୍ୟଙ୍କୁ ଧରି ସେ କଟକରୁ ଶ୍ରୀମନ୍ଦିର ଲୁଣ୍ଠନ କରିବାକୁ ପୁରୀ ଆସିଥିଲେ। କେଶୋଦାସ ମୋଗଲ ଦରବାରରେ ନିଜର ପ୍ରତିଆରା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ଆକ୍ରମଣ ଓ ଲୁଣ୍ଠନ କରି ତତ୍କାଳୀନ ଗଜପତି ପୁରୁଷୋତ୍ତମଦେବଙ୍କ ସ୍ୱାଧୀନ କାର୍ଯ୍ୟଧାରାକୁ ନଷ୍ଟ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। କେଶୋଦାସଙ୍କ ଆକ୍ରମଣ ବିଷୟରେ ମାଦଳା ପାଞ୍ଜି ୬୫ ପୃଷ୍ଠାରେ ଉଲ୍ଲେଖ ଅଛି, ଏ ମହାରାଜାଙ୍କ ଯାତ୍ରୀପଣେ କେଶୋଦାସ ମାରୁ ଆସି ଗୁଣ୍ଡିଚା ଯାତ୍ରା ଦେଖି ଦୁଇ ଦେଉଳ ଧଇଲା। ପରମେଶ୍ୱର ଗୁଣ୍ଡିଚା ଘରେ ବିଜେ କରିଥିଲେ। ତିନିରଥ ପୋଡ଼ିଦେଲା। ପରମେଶ୍ୱରଙ୍କୁ ଚଉଦୋଳରେ ବିଜେ କରାଇଲେ। ୮ ମାସ ପରିଯନ୍ତେ ଦରବନ୍ଧାରେ ରହିଲା। ପରମେଶ୍ୱରଙ୍କୁ ଶୀତଳ ଭୋଗ ମଣୋହୀ ହେଉଥିଲା। ରାଜାଙ୍କ ସଙ୍ଗେ ପିରତୀ ହୋଇଗଲା। ଗୁଣ୍ଡିଚା ଘରଠାରେ ଅନେକ ମାଇଲା।

କେଶୋଦାସ ମାରୁ ଜାତିରେ ହିନ୍ଦୁ ଥାଇ ଛଦ୍ମବେଶରେ ଗୁଣ୍ଡିଚା ଯାତ୍ରା ଦେଖିବାକୁ ଆସି ଠାକୁରମାନଙ୍କ ତିନିରଥକୁ ପୋଡ଼ିଦେଲେ। ରାଜା ପୁରୁଷୋତ୍ତମଦେବଙ୍କ ସହିତ ସନ୍ଧି ସ୍ଥାପନ କରିବ ବୋଲି ଆଶା ଦେଇ ବିଶ୍ୱାସଘାତକତା କଲେ। ସେ ପୁରୁଷୋତ୍ତମଦେବଙ୍କ ଅନେକ ସୈନ୍ୟଙ୍କୁ ହତ୍ୟା କଲେ। ଏହି ସମୟରେ ଭାର୍ଗବୀ ନଦୀର ଦୋବନ୍ଧା ଘାଟରେ ଚାପ ଉପରେ ଠାକୁରମାନେ ୮ ମାସ ରହିଲେ। ଏହା ଥିଲା ଶ୍ରୀମନ୍ଦିର ଉପରେ ଏକ ବଡ଼ ଲୁଣ୍ଠନ। ଏହି ଲୁଣ୍ଠିତ ଧନ ଦିଲ୍ଲୀ ବାଦ୍‌ଶାହାଙ୍କ ପର୍ଯ୍ୟନ୍ତ ଯାଇଥିଲା ବୋଲି ଇତିହାସରୁ ଜଣାଯାଏ। ଏଥିରୁ ଜଣାପଡୁଛି କେଶୋଦାସ ଠାକୁରମାନେ ଆଡ଼ପ ମଣ୍ଡପରେ ଥିବା ସମୟରେ ଆକ୍ରମଣ କରିଥିଲେ। ଚତୁର୍ଦ୍ଧାବିଗ୍ରହଙ୍କ ବାହୁଡା ଯାତ୍ରା ହୋଇ ନ ଥିଲା। ସମସ୍ତଙ୍କ ନଜର ଗୁଣ୍ଡିଚା ଘରଠାରେ କେନ୍ଦ୍ରୀଭୂତ ଥିଲା। ଏହି ସମୟରେ ସେ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିବା ଛଳନାରେ ଛଦ୍ମବେଶରେ ଅନେକ ରାଜପୁତ ସୈନ୍ୟଙ୍କୁ ସାଙ୍ଗରେ ଆଣି ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ଲୁଣ୍ଠନ କରିଥିଲେ। ଏଥିସହ ଗୁଣ୍ଡିଚା ଘରେ ଥିବା ତିନିରଥକୁ ପୋଡ଼ି ଦେଇଥିଲେ। ତେଣୁ ସେହିବର୍ଷ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ହୋଇପାରି ନ ଥିଲା। ଶ୍ରୀମନ୍ଦିର ମଧ୍ୟ ୮ ମାସ ପର୍ଯ୍ୟନ୍ତ ଶୂନ୍ୟ ରହିଥିଲା। ସେତେବେଳେ ମହାପ୍ରଭୁ ୮ ମାସ ବାହାରେ ରହିଥିବାରୁ ମହାପ୍ରସାଦ ମଧ୍ୟ ହୋଇପାରି ନ ଥିଲା। ରଥଗୁଡ଼ିକ ପୋଡ଼ି ଯାଇଥିବାରୁ ୮ ମାସ ପରେ ଠାକୁରମାନଙ୍କୁ ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ ବୋଲି ଗବେଷକ ଡ. ଦାଶ କହିଛନ୍ତି।


ହେରାପଞ୍ଚମୀ ଅବସରରେ ଲକ୍ଷ୍ମୀ ମା' ଯାଉଛନ୍ତି ଗୁଣ୍ଡିଚା ମନ୍ଦିର


ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି ସମ୍ପନ୍ନ

**ମହାପ୍ରଭୁ ବଡ଼ଦେଉଳ ଛାଡ଼ିବାରେ ସ୍ୱତନ୍ତ୍ର ପରମ୍ପରା**

# ଭୂଦେବୀ, ଶ୍ରୀଦେବୀ ମାଧବଙ୍କୁ ପୂଜାର୍ଚ୍ଚନା

**ପୁରୀ,୧।୭ (ସମିସ):** ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କୁ ଛାଡ଼ି ଜନ୍ମବେଦୀକୁ ବାହାରି ଯାଇଛନ୍ତି ମହାପ୍ରଭୁ। ଏହି ସମୟରେ ଭୂଦେବୀ, ଶ୍ରୀଦେବୀ ଓ ମାଧବଙ୍କ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଛି। ଜୟବିଜୟ ଦ୍ୱାର ସମ୍ମୁଖ ପଲଙ୍କରେ ମହାଲକ୍ଷ୍ମୀ, ମା' ସ୍ୱରସ୍ୱତୀଙ୍କ ସହ ପଛରେ ମାଧବ ବିଜେ ହୋଇଛନ୍ତି। ଲକ୍ଷ୍ମୀ ଠାକୁରାଣୀଙ୍କ ସମ୍ମୁଖରେ ପଡ଼ି ରହିଛି 'ପଡ଼ି' ଚାଙ୍ଗୁଡ଼ି। ସେଥିରେ କଖାରୁ, କଳମ ଶାଗ, ଅରୁଆ ଚାଉଳ, ନଡ଼ିଆ ରହିଛି। ପାଳିଆ ସେବକମାନେ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରୁଛନ୍ତି। ମହାପ୍ରଭୁ ଭାଇ-ଭଉଣୀଙ୍କୁ ସାଙ୍ଗରେ ନେଇ ଯିବା ପରେ ମହାଲକ୍ଷ୍ମୀ ଏବେ ଅଭିମାନରେ ରହିଛନ୍ତି। ଏତିକି ଜିନିଷରେ କିପରି ଚଳିବେ ମହାଲକ୍ଷ୍ମୀ! ଜୟ ବିଜୟ ଦ୍ୱାର ସମ୍ମୁଖରେ ଠାକୁରାଣୀଙ୍କ ଏଭଳି ମାନବୀୟ ଲୀଳାରେ ସେବା କରୁଛନ୍ତି ସିଂହାରୀ ସେବକ। ଏଥିସହିତ ମେକାପ, ମହାଜନ, ପଢ଼ିଆରୀ, ମୁଦୁଲି ସେବକ ମଧ୍ୟ ରହିଛନ୍ତି। ୧୨ ଦିନ ପର୍ଯ୍ୟନ୍ତ ଜାରି ରହିବ ଠାକୁରାଣୀଙ୍କ ଏଭଳି ପୂଜାର୍ଚ୍ଚନା। ଶ୍ରୀଜଗନ୍ନାଥଙ୍କ ପ୍ରସ୍ଥାନ ପରେ ମା' ଲକ୍ଷ୍ମୀ ଠାକୁରାଣୀ ବିରହ ବେଦନାରେ ରହିଛନ୍ତି। ମହାପ୍ରଭୁ ତାଙ୍କ ଚଳିବା ବ୍ୟବସ୍ଥା କରି ନ ଥିବାରୁ ପଡ଼ି ଚାଙ୍ଗୁଡ଼ି ରଖି ଠାକୁରାଣୀ ନିଜର ପ୍ରତିପୋଷଣ କରୁଛନ୍ତି। ହେରା ପଞ୍ଚମୀରେ ଠାକୁରାଣୀ ନିଜେ ଗୁଣ୍ଡିଚା ମନ୍ଦିର ଯାଇ ଠାକୁରଙ୍କୁ ଦେଖିବା ସହ ରାଗ ତମତମରେ ନନ୍ଦିଘୋଷ ରଥ ଟିକେ ଭାଙ୍ଗି ଫେରିବେ। ଏତିକିରେ ମଧ୍ୟ ଠାକୁରାଣୀଙ୍କ ରାଗ ଶାନ୍ତ ହେବ ନାହିଁ ପୁଣି ନୀଳାଦ୍ରିବିଜେ ଉତ୍ସବରେ ବାଟ ଓଗାଳି ପାରମ୍ପରିକ କଳି ହେବ। ରସଗୋଲା ଦେଇ ଧର୍ମପତ୍ନୀଙ୍କ ମନ ତୋଷିଲେ ମହାପ୍ରଭୁ ରତ୍ନସିଂହାସନରେ ବିଜେ କରନ୍ତି ବୋଲି ଠାକୁରାଣୀଙ୍କର ଜଣେ ସେବକ କହିଛନ୍ତି।

# ଶ୍ରୀଜଗନ୍ନାଥାୟନରେ 'ଶ୍ରୀଜଗନ୍ନାଥ'

**ପୁରୀ,୧।୭ (ସମିସ):** ଶ୍ରୀଜଗନ୍ନାଥ ସଂସ୍କୃତି ବିକାଶରେ ରୂପା ଆଣ୍ଡ ଟ୍ରୁପ୍‌ର ଅବଦାନକୁ ଓଡ଼ିଶାବାସୀ ସ୍ମରଣ ରଖିବେ ବୋଲି କହିଛନ୍ତି ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୀତିକାର ବଦ୍ରି ମିଶ୍ର। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ମଙ୍ଗଳବାର ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ଅନୁଷ୍ଠିତ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମିଶ୍ର, ଅନ୍ୟତମ ଅତିଥି ଚକ୍ରଧର ମହାପାତ୍ର, ନାଟ୍ୟକାର ଦୟାନିଧି ତ୍ରିପାଠୀ ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ସରକାରଙ୍କ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସଭାପତିତ୍ୱ, ଗୋବିନ୍ଦ ମହାନ୍ତି ଓ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବୀରବର ଜେନା ଭକ୍ତି ସଂଗୀତ ପରିବେଷଣ କରିଥିଲେ। ଏହାପରେ ରୂପଲତା ମହାନ୍ତିଙ୍କ ନିର୍ଦ୍ଦେଶନାରେ ସମବେତ ନୃତ୍ୟ-ମୁଁ ଶ୍ରୀମନ୍ଦିର ଓ ନୃତ୍ୟ ରୂପକ 'ଶ୍ରୀଜଗନ୍ନାଥ' ମଞ୍ଚସ୍ଥ ହୋଇଥିଲା।

# ମୋ' ଜଗା କାଳିଆରେ...

ରଥାରୂଢ଼ ମହାପ୍ରଭୁଙ୍କ ପାଖରେ କିଏ ନ ଚାହିଁବ ଟିକେ ତାଙ୍କ ସେବା କରିବାକୁ। ମହାପ୍ରଭୁଙ୍କ ପାଇଁ ଯେ କୌଣସି ପ୍ରକାରର ସେବା ମିଳିଲେ ଯିଏ ନାଇଁ ସିଏ ନିଜକୁ ଧନ୍ୟ ମନେ କରିବ। ଏହିଭଳି ମଧ୍ୟ ସବୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚାହାନ୍ତି ଦେବଦାସୀ ହୋଇ ପାଦରେ ନୂପୁର ବାନ୍ଧି ମହାପ୍ରଭୁଙ୍କ ଆଗରେ ସେମିତି ନୃତ୍ୟ ପରିବେଷଣ କରିବାକୁ। ଗୁଣ୍ଡିଚା ଓ ବାହୁଡ଼ାରେ ଭିନ୍ନଭିନ୍ନ ପ୍ରକାରର ବେଶ ହୋଇ ମହାପ୍ରଭୁଙ୍କ ଆଗରେ ନୃତ୍ୟ ପରିବେଷଣ ଦେଖିବାକୁ



ମିଳିଥାଏ। ଏହିଭଳି ମଧ୍ୟ ରବିବାର ବଡ଼ଦାଣ୍ଡରେ ଜଟଣୀ ଅଞ୍ଚଳରୁ ଆସିଥିବା ଶିବାଂଶ ଓଡ଼ିଶୀ ଗ୍ରୁପ୍‌ର ନୃତ୍ୟଶିଳ୍ପୀମାନେ ଶରଧାବାଲିରେ ଆହେ ନୀଳ ଶୈଳ..., ଜଗନ୍ନାଥ ହେ..., ମୋ ଜଗା କାଳିଆରେ... ଆଦି ଭଜନରେ ନୃତ୍ୟ କରୁଥିବାର ଦେଖିବାକୁ ମିଳିଥିଲା। ବିଶେଷ କରି ଗୁଣ୍ଡିଚା କି ବାହୁଡ଼ାରେ ନୃତ୍ୟ ପରିବେଷଣ କରିପାରୁନାହାନ୍ତି। ଏଥିପାଇଁ ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିବା ପୂର୍ବରୁ ଏହି ନୃତ୍ୟଶିଳ୍ପୀମାନେ ଆସି ଶରଧାବାଲିରେ ନୃତ୍ୟ ପରିବେଷଣ କରିଥିଲେ। ଏହି ଗ୍ରୁପ୍‌ର ମୁଖ୍ୟ ହରପ୍ରିୟ ପଣ୍ଡା କୁହନ୍ତି, ବହୁତ ଇଚ୍ଛା ହୁଏ ପିଲାମାନେ ଆସି ଗୁଣ୍ଡିଚା ଓ ବାହୁଡ଼ାରେ ମହାପ୍ରଭୁଙ୍କ ଆଗରେ ନୃତ୍ୟ ପରିବେଷଣ କରନ୍ତୁ। କିନ୍ତୁ ଏତେ ବାଟ ହେଉଥିବାରୁ ଆସିବା ସମ୍ଭବ ହେଉନାହିଁ। ତଥାପି ମହାପ୍ରଭୁଙ୍କ କୃପାରୁ ଆମେ ଏହି ସ୍ଥାନକୁ ଆସି ନୃତ୍ୟ ପରିବେଷଣ କରିପାରିଲୁ, ବହୁତ ଖୁସି ଲାଗୁଛି ବୋଲି ସେ କହିଛନ୍ତି।

ଆଡ଼ପ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼




# ଗାଡ଼ି ସମ୍ମୁଖକୁ ଡେଉଁଥିବା ନାବାଳକ ଉଦ୍ଧାର

**ପୁରୀ,୧।୭ (ସମିସ):** ଟାଉନ୍ ହଲ୍ ଛକରେ ଗାଡ଼ି ସମ୍ମୁଖକୁ ଡେଇଁ ଆସୁଥିବା ଜଣେ ନାବାଳକ ଉଦ୍ଧାର ହୋଇଛି। ସମ୍ପୃକ୍ତ ନାବାଳକର ଘର ଟାଉନ୍ ଥାନା ଅନ୍ତର୍ଗତ କାଳିକାଦେବୀ ସାହିରେ ବୋଲି ଜଣାପଡ଼ିଛି। ଘରେ ବାପା ନ ଥିବାବେଳେ ଘରୁ ଦଉଡ଼ି ଦଉଡ଼ି ଟାଉନ୍ ହଲ୍ ଛକ ପାଖକୁ ପଳାଇ ଆସୁଥିଲା। ସମସ୍ତଙ୍କୁ ଛେପ ଫିଙ୍ଗିବା ସହ ବାଡ଼େଇବା ପାଇଁ ଉଦ୍ୟମ କରୁଥିଲା। ବାଟୋଇ ମଣିଷ ମନୋଜ ସାହୁ ତାକୁ ଉଦ୍ଧାର କରି ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଟିମ୍ ସହ ତା' ବାପା ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ନାବାଳକକୁ ତା' ବାପାଙ୍କୁ ହସ୍ତାନ୍ତର କରାଯାଇଛି।

■ ସେବାୟତ ବେଶରେ ବୁଲୁଛନ୍ତି ଅନେକ ଛଦ୍ମବେଶୀ

# ମନଇଚ୍ଛା ଚନ୍ଦନ ମାରି... ଦେ ୧୦

**ପୁରୀ,୧।୭ (ସମିସ):** ରଥରେ ମହାପ୍ରଭୁଙ୍କୁ ଦର୍ଶନ କରିଲେ କୋଟି ପୁଣ୍ୟ ମିଳିଥାଏ ବୋଲି କଥା ଅଛି। ରବିବାର ରଥାରୂଢ଼ ଦିଅଁଙ୍କୁ ଦେଖିବା ପାଇଁ ବଡ଼ ଦାଣ୍ଡରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ଅନେକ ଲୋକ ପାଟ ଓ ମଠାକୁ ପରିଧାନ କରି ହାତରେ ଚନ୍ଦନ ଓ ସିନ୍ଦୂର ଧରି ଶ୍ରଦ୍ଧାଳୁଙ୍କ ମୁଣ୍ଡରେ ନିଜଆଡ଼ୁ ଚନ୍ଦନ ଲଗେଇ ଦେ ଦଶ ବୋଲି କହିଥିଲେ। ଯିଏ ନ ଦେଲା ତା' ସହିତ ଯୁକ୍ତି ବି କରିବାକୁ ପଛାଉ ନାହାନ୍ତି। ଏଥିସହିତ ଆଉ କିଛି ସେବକଙ୍କ ବେଶରେ ହାତରେ ସୂତା ଧରି ଜଗନ୍ନାଥଙ୍କ ପାଖରେ ଲାଗିହୋଇଥିବା ଏହି ସୂତା ନିଅ ତୁମର ବହୁତ ମଙ୍ଗଳ ହେବ ବୋଲି କହି ଶ୍ରଦ୍ଧାଳୁମାନଙ୍କୁ ବିକ୍ରି କରି ଅଧିକ ଟଙ୍କା ଆଦାୟ କରୁଥିଲେ। ଏହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ କଟକର ସୀମା ସାହୁ କୁହନ୍ତି, ଆମେ ଦର୍ଶନ କରିବାକୁ ଯାଉଥିଲୁ। ଜଣେ ଲୋକ ଆସି ମନଇଚ୍ଛା ଚନ୍ଦନ ମାରିଦେଲେ, ଆଉ କହିଲେ ଦେ ଦଶ। ଆମେ କ'ଣ ଚନ୍ଦନ ଲଗେଇବା ପାଇଁ କହିଥିଲୁ କି ଆପଣ ମନଇଚ୍ଛା ଆସି ଚନ୍ଦନ ଲଗେଇଲେ ଆମେ କାହିଁକି ପଇସା ଦେବୁ ବୋଲି କହିବାରୁ ଏହି କଥାକୁ ନେଇ କିଛି ସମୟ ଶ୍ରଦ୍ଧାଳୁ ଓ ଛଦ୍ମବେଶୀ ସେବାୟତଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା ବୋଲି କହିଛନ୍ତି। ଏମିତି କିଛି ଲୋକଙ୍କ ପାଇଁ ଅନେକ ଭକ୍ତ ଅସୁବିଧାରେ ପଡୁଛନ୍ତି ବୋଲି ସେ କହିଛନ୍ତି।

**ଗୁଣ୍ଡିଚା ମନ୍ଦିରକୁ ଯିବା ପାଇଁ ପ୍ରବଳ ଭିଡ଼**

# ନୃସିଂହ ମନ୍ଦିର ପଟେ ଠେଲାପେଲା

**ପୁରୀ,୧।୭ (ସମିସ)**

ମହାପ୍ରଭୁ ରଥରୁ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ଏହି ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଲେ କୋଟି ପୁଣ୍ୟ ମିଳେ ବୋଲି କଥା ରହିଛି। ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରିବା ପାଇଁ କାହିଁ କେତେଆଡ଼ୁ ଶ୍ରଦ୍ଧାଳୁ ଆସୁଛନ୍ତି। କିନ୍ତୁ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବା ପାଇଁ ଅନେକ ଶ୍ରଦ୍ଧାଳୁ ନୃସିଂହ ମନ୍ଦିର ପାଖରେ ଧାଡ଼ି କରି ଠିଆ ହେଉଛନ୍ତି। ହେଲେ ମନ୍ଦିର ଭିତରକୁ ଯିବା ପୂର୍ବରୁ ଏଣ୍ଟ୍ରି ପାଖରେ ଶ୍ରଦ୍ଧାଳୁ ଓ ପୁଲିସ ମଧ୍ୟରେ ଠେଲାପେଲା ହେଉଛନ୍ତି। ପୁଲିସ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଯୁକ୍ତି ଲାଗିବା ସହ ଠେଲାପେଲା ହୋଇଥିବାର ଦେଖିବାକୁ ମିଳିଛି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ୨ରୁ ୩ ଘଣ୍ଟା ଲାଇନ୍‌ରେ ଠିଆ ହୋଇଥିବା ଶ୍ରଦ୍ଧାଳୁଙ୍କୁ ପୁଲିସ୍ ଛାଡୁ ନ ଥିବାବେଳେ ସଙ୍ଗେ ସଙ୍ଗେ ଆସୁଥିବା ଲୋକମାନେ ପଇସା ଦେଲେ ପୁଲିସ ଛାଡ଼ି ଦଉଛି ବୋଲି କିଛି ଅସନ୍ତୋଷ ପ୍ରକାଶ କରୁଛନ୍ତି।



● ବିଏମ୍‌ସି ଅଧିକାରୀଙ୍କୁ ଆକ୍ରମଣ ଘଟଣା

# ୨୪ ଘଣ୍ଟା କଣ୍ଟ ଦେଲେ ପୁରୀ ଅଧିକାରୀ

**ପୁରୀ,୧।୭ (ସମିସ):** ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ବିଜେପି ନେତା ଓ କର୍ମୀଙ୍କ ବର୍ବୋରଚିତ ଆକ୍ରମଣ ବିରୋଧରେ ରାଜ୍ୟବ୍ୟାପୀ ତାତିଛନ୍ତି ଓଏଏସ୍ ଅଧିକାରୀ। ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଥିବାବେଳେ ଏଥିରେ ସାମିଲ୍ ହୋଇଛନ୍ତି ପୁରୀ ଜିଲ୍ଲାର ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀ। ଏ ନେଇ ମଙ୍ଗଳବାର ସଦ୍‌ଭାବନା ସଭାଗୃହରେ ଓଏଏସ୍ ଏବଂ ଓଆରଏସ୍ ସଂଘ ପୁରୀ ଶାଖାର ବୈଠକ ବସିଥିଲା। ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ହୋଇଥିବା କାପୁରୁଷ ଏବଂ ବର୍ବର ଆକ୍ରମଣକୁ ସମସ୍ତେ ନିନ୍ଦା କରିଥିଲେ। ଏଥିସହ ପୁରୀର ଓଏଏସ୍ ଓ ଓଆର୍‌ଏସ୍ ସଂଘ ଭିନ୍ନ ଅଲ୍‌ଟିମେଟମ୍ ଦେଇଛି। ରଥଯାତ୍ରା ଚାଲୁଥିବାରୁ ଅଧିକାରୀମାନେ ସମୂହ ଛୁଟିରେ ଯିବା ପରିବର୍ତ୍ତେ ସଂଘ ସରକାରଙ୍କୁ ୨୪ ଘଣ୍ଟାର କଣ୍ଟ ଦେଇଛି। ଏହି ସମୟ ମଧ୍ୟରେ ଅପରାଧୀଙ୍କ ବିରୋଧରେ କଠୋର ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ନଚେତ୍ ପୁରୀରେ ନିୟୋଜିତ ସଂଘର ସଦସ୍ୟ, ରଥଯାତ୍ରା ପାଇଁ ଅନ୍ୟ ଜିଲ୍ଲା ଏବଂ ରାଜ୍ୟରୁ ପୁରୀକୁ ଆସିଥିବା ଅଧିକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟିରେ ଯିବେ। ଓଏଏସ୍ ଓ ଓଆର୍‌ଏସ୍ ଅଧିକାରୀଙ୍କ ସୁରକ୍ଷା ଉପରେ ଏକ ନୀତି ରହିବା ଉଚିତ୍। କାର୍ଯ୍ୟରତ ପ୍ରତ୍ୟେକ ଅଧିକାରୀଙ୍କୁ ପର୍ଯ୍ୟାପ୍ତ ପୁଲିସ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବା ପାଇଁ ବୈଠକରେ ଦାବି କରାଯାଇଥିଲା।

**ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ହେଲେ ସମୂହ ଛୁଟିରେ ଯିବେ**

# ୪୫ତମ ହେରାପଞ୍ଚମୀ ଭଜନ ସମାରୋହ



**ପୁରୀ,୧।୭ (ସମିସ):** ହେରା ପଞ୍ଚମୀ ଅବସରରେ ଶରଧାବାଲି ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୪୫ତମ ହେରାପଞ୍ଚମୀ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇରା ମହାନ୍ତି, ସୌରଭ ଭରଦ୍ୱାଜ, ମଞ୍ଜୁଶ୍ରୀ ତ୍ରିପାଠୀ, ଦୀପ୍ତିରେଖା ପାଢ଼ୀ, ଅଭିଜିତ୍ ମିଶ୍ର, ଅଞ୍ଜଳି ମିଶ୍ରଙ୍କ ଭଳି କଣ୍ଠଶିଳ୍ପୀମାନେ ଭଜନ ଓ ଜଣାଣ ପରିବେଷଣ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ବସନ୍ତ କୁମାର ମିଶ୍ରଙ୍କୁ ଗୁରୁଗୌରବ ସମ୍ମାନ, କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କୁ ମାଖନ୍‌ଲାଲ୍ ହାଲ୍‌ଦାର ସ୍ମୃତି ସମ୍ମାନ, ସୌରଭ ଭରଦ୍ୱାଜଙ୍କୁ ନିକୁଞ୍ଜ କିଶୋର ଜେନା ସ୍ମୃତି ସମ୍ମାନ, ଅର୍ପିତା ଚୌଧୁରୀଙ୍କୁ ସଂଯୁକ୍ତା ସ୍ମୃତି ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶକ ପରମାନନ୍ଦ ସାହୁଙ୍କୁ ଉତ୍କଳ ସଙ୍ଗୀତ ଗୌରବ ସମ୍ମାନ, ଅଭିଜିତ୍ ମିଶ୍ରଙ୍କୁ ଦୁଃଖିଶ୍ୟାମ ମର୍ଦ୍ଦରାଜ ସ୍ମୃତି ସମ୍ମାନ, ରବୀନ୍ଦ୍ର ମହାପାତ୍ରଙ୍କୁ ସମରେନ୍ଦ୍ର ମହାପାତ୍ର ସ୍ମୃତି ସମ୍ମାନ, ଇରା ମହାନ୍ତିଙ୍କୁ ଦୁର୍ଗାମାଧବ ସ୍ମୃତି ସମ୍ମାନ, ସୁଧାକର ମିଶ୍ରଙ୍କୁ ମିନାକ୍ଷୀ ମହାପାତ୍ର ସ୍ମୃତି ସମ୍ମାନ, ଅମୃତ ରଞ୍ଜନ ଦାସଙ୍କୁ ହରକଲ୍ୟାଣ ପଟ୍ଟନାୟକ ସ୍ମୃତିସମ୍ମାନ, ଶୈଳଭାମା ମହାପାତ୍ରଙ୍କୁ ଉତ୍କଳ ସଙ୍ଗୀତ ଗୌରବ ସମ୍ମାନ, ସିଦ୍ଧେଶ୍ୱର ପଟ୍ଟନାୟକଙ୍କୁ ମୃତ୍ୟୁଞ୍ଜୟ ସାସମଲ ସ୍ମୃତି ସମ୍ମାନ, ପ୍ରଦୀପ ରଣାଙ୍କୁ ଶ୍ରୀକ୍ଷେତ୍ର ସେବାରତ୍ନ ସମ୍ମାନ, ଲିଙ୍ଗରାଜ ମହାରଣାଙ୍କୁ ଚିତ୍ରକଳା ସମ୍ମାନ ଏବଂ ବିଭୁ ପ୍ରସାଦ ନନ୍ଦଙ୍କୁ ଡ. ଲକ୍ଷ୍ମୀନାରାୟଣ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଆକର୍ଷଣ ସାଜିଛି ଆଶୀର୍ବାଦର 'ଭକ୍ତି ପଥେ'

**ପୁରୀ,୧।୭ (ସମିସ):** ପବିତ୍ର ରଥଯାତ୍ରା ଅବସରରେ ଆଶୀର୍ବାଦ ଅଟା ପକ୍ଷରୁ ବଡ଼ଦାଣ୍ଡର ବଡ଼ଶଙ୍ଖଠାରେ ଏକ ଷ୍ଟଲ୍ ଖୋଲାଯାଇଛି। ଏଥିରେ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତି ଓ ଅର୍ପଣର ହୋଲୋଗ୍ରାଫିକ ପ୍ରଦର୍ଶନ ଦେଖିବାକୁ ମିଳିଛି, ଯାହାକି ଦେଖଣାହାରୀଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ଏହି 'ଭକ୍ତି ପଥେ' କାର୍ଯ୍ୟକ୍ରମକୁ ମଙ୍ଗଳବାର ଶୁଭାରମ୍ଭ କରିଥିଲେ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ। ଏହା ମଧ୍ୟରେ 'ପ୍ରସାଦ ପ୍ରସ୍ତୁତି ଜୋନ୍' କରାଯାଇଛି। ଯେଉଁଠାରେ ଭକ୍ତମାନେ ଆଶୀର୍ବାଦ ଶୁଦ୍ଧ ଚକି ଅଟାରୁ ପାରମ୍ପରିକ ପ୍ରସାଦ ପ୍ରସ୍ତୁତ କରିପାରିବେ ଏବଂ ତାହାକୁ ଏକ ନିୟୋଜନକାରୀ ଡିଜିଟାଲ ପଦ୍ଧତି ଜରିଆରେ ଭଗବାନଙ୍କୁ ଅର୍ପଣ କରିପାରିବେ। ପ୍ରସାଦ ପ୍ରସ୍ତୁତି ଶେଷ ହେବା ଏବଂ ଭକ୍ତଙ୍କ ପକ୍ଷରୁ ଭଗବାନଙ୍କୁ ଅର୍ପଣ କରାଯିବା ପରେ ଈଶ୍ୱରୀୟ ଦର୍ଶନ ସହିତ ଯାତ୍ରାରେ ପରିସମାପ୍ତି ଘଟୁଛି। ଯେଉଁଠାରେ ଏକ ବଡ଼ ଏଲଇଡି ପରଦା ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ରଥରେ ବସି ଯାତ୍ରା କରୁଥିବାର ହୋଲୋଗ୍ରାଫିକ ଦର୍ଶନ କରିବାର ସୁବିଧା ମିଳୁଛି। ପ୍ରତ୍ୟେକ ପରିଦର୍ଶକଙ୍କୁ 'ରଥଯାତ୍ରା' ଫଟୋ ଉପହାର ଭାବେ ପ୍ରଦାନ କରାଯାଉଛି। ଆଇଟିସିର ଫୁଡ୍‌ସ ଡିଭିଜନର ସିଓଓ ଅନୁଜ ରୁସ୍ତଗୀ କହିଛନ୍ତି ଆଶୀର୍ବାଦ ରଥଯାତ୍ରାରେ ସର୍ବଦା ଅଂଶୀଦାର ହୋଇଛି ଏବଂ ହେଉଥିବ। ଏଆଇ ଓ ଆଧୁନିକ ପ୍ରଯୁକ୍ତିର ଉପଯୋଗରେ ଭକ୍ତି ପଥେ ଭକ୍ତଙ୍କୁ ନୂଆ ଅନୁଭବ ଦେଉଛି।




Nippon india Mutual Fund
Wealth sets you free


Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
|---|---|---|
| 04th July, 2025 | 06:00 PM | Kantabanji |

Venue: Hotel Royal Tulip, Sh-42, Bolangir Road, Kantabanji, Odisha - 767039.
Name: Shib Prasad Joshi | Mob. No.: 8657417350
Nippon Life India Asset Management Limited | CIN : L65910MH1995PLC220793
Good gets better
Mutual Fund investments are subject to market risks, read all scheme related documents carefully.

ସକାଳ
THE SAKALA



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

# ସଂକଟ ଟଳିନି

ମଧ୍ୟପ୍ରାଚ୍ୟରେ ଯେ ଶାନ୍ତି ଫେରିଆସୁଛି, ଏକଥା କୌଣସି ଗୋଟିଏ ପକ୍ଷ ଜୋରଦେଇ କହିପାରିବେନି। 'ଅପରେସନ ସିନ୍ଦୂର'ରେ ହଠାତ୍ ବିରତି ବା ବିରାମ ଘୋଷଣା କଲା ଭଳି ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଇଲ-ଇରାନ ଅଘୋଷିତ ଯୁଦ୍ଧ ସ୍ଥଗିତ ରହିଲା କହି ଉତ୍ତେଜନା ପ୍ରଶମିତ କରିଛନ୍ତି। ଏହାର ପୃଷ୍ଠଭାଗରେ ତାଙ୍କର ନୋବେଲ ଶାନ୍ତି ପୁରସ୍କାର ହାସଲ ଲକ୍ଷ୍ୟ ଥାଉ କିମ୍ବା କାତାର ଉପରେ ଇରାନର ପ୍ରତୀକାତ୍ମକ ଆକ୍ରମଣର ସମ୍ଭାବ୍ୟ ଭୟଙ୍କର ପରିଣତି ହେଉ, ଏଭଳି କିଛି ବିଚାର ତାଙ୍କୁ ଏ ଦିଗରେ ନିଶ୍ଚିତ ଅନୁପ୍ରେରିତ କରିଛି। ତେବେ ଘଟଣାକ୍ରମ ଯାହା, ସେଥିରେ ତେହେରାନର ମନୋବଳ ବଢ଼ିଛି। ଦୁଇଦିନ ଧରି ସହରର ରାଜରାସ୍ତାରେ ପାଳିତ ହୋଇଥିବା ବିଜୟୋଲ୍ଲାସ ଏବଂ ଜୁନ ୧୩ରେ ଇସ୍ରାଏଲ ଆକ୍ରମଣରେ ନିହତ ସାମରିକ ମୁଖ୍ୟ ଜେନେରାଲ ମହମ୍ମଦ ବାଘେରି, ପରମାଣୁ ବୈଜ୍ଞାନିକଙ୍କ ସମେତ ୬୦ଜଣଙ୍କୁ କବର ଦେବା ସକାଶେ ଯେଉଁ ଲକ୍ଷ ଲକ୍ଷ ଜନତାଙ୍କ ଶୋଭାଯାତ୍ରା ବାହାରିଥିଲା ତାହା ଇରାନ ଶାସକ ମୁଖ୍ୟ ଖେମିନିଙ୍କ ନେତୃତ୍ୱକୁ ସୁଦୃଢ଼ କରିଛି।

ଅନ୍ୟପକ୍ଷରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ହ୍ୱାଇଟ ହାଉସରେ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ, ମଧ୍ୟପ୍ରାଚ୍ୟ ସହଯୋଗୀଙ୍କ ପ୍ରତିନିଧି ସହ ଟ୍ରମ୍ପ କରିଥିବା ଗୋପନ ଆଲୋଚନା ଏବଂ ନାଟୋ ସହଯୋଗୀଙ୍କ ବୈଠକରେ ଦେଇଥିବା ସୂଚନା କେତେଦୂର ଇରାନ ପାଇଁ ଗ୍ରହଣୀୟ ତାହା ମଧ୍ୟ ସନ୍ଦେହଜନକ। ଇରାନର ତିନିଟି ଆଣବିକ କେନ୍ଦ୍ର ଉପରେ ଆମେରିକା ବି-୨ ବମ୍ବର ମାଧ୍ୟମରେ ନିର୍ଣ୍ଣାୟକ ଆକ୍ରମଣର ପରାକ୍ରମ ଓ ପରିଣତି ନେଇ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ଆମେରିକାର ପକ୍ଷରୁ ଯେତେ ଦାବି କରାଯାଉନା କାହିଁକି ତଥାକଥିତ ବିପର୍ଯ୍ୟୟ ଓ ବିଧ୍ୱସ୍ତ ଘଟିବା ନେଇ ଉପଗ୍ରହ ଚିତ୍ରରୁ ପେଣ୍ଟାଗନ ସଂଗ୍ରହ କରିଥିବା ଖବର ଶେଷରେ ପ୍ରଘଟ ହୋଇଯାଇଛି। ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ର ଫୋର୍ଡୋ ର ଭୂତଳ କଂକ୍ରିଟ ଢାଞ୍ଚାକୁ ଭେଦ କରିପାରିନାହିଁ ବି-୨ ବମ୍ବର। ଅବଶ୍ୟ ଯଥେଷ୍ଟ ପୂର୍ବରୁ ସମ୍ବର୍ଦ୍ଧିତ ୟୁରାନିୟମକୁ ଇରାନ ସ୍ଥାନାନ୍ତର କରିବାକୁ ମଧ୍ୟ ସମର୍ଥ ହୋଇଥିଲା। ସେହି ଫୋର୍ଡୋ କେନ୍ଦ୍ରର ମରାମତି ଆରମ୍ଭ କରି ଆଣବିକ କାର୍ଯ୍ୟକ୍ରମ ପ୍ରତି ଇରାନ ନିଜର ଅଙ୍ଗୀକାରବଦ୍ଧତା ଜାହିର କରିଛି। ଆନ୍ତର୍ଜାତିକ ଆଣବିକ ସଂଗଠନରୁ ସଂପର୍କ ଛିନ୍ନ କରିବାର ନିଷ୍ପତ୍ତି ମଧ୍ୟ ନେଇଛି। ତେହେରାନ ପକ୍ଷରୁ କୁହାଯାଇଛି ଯେ ସଂଗଠନର ଡିଜି ରାଫଲ୍ ମାରିଆନା ଗ୍ରସି ଇରାନ୍ ଆଣବିକ କେନ୍ଦ୍ର ଅନୁଧ୍ୟାନ ଓ ତଦାରଖ ନାମରେ ସମସ୍ତ ଗୋପନ ତଥ୍ୟ ପ୍ରତିପକ୍ଷ ଇସ୍ରାଏଲକୁ ଯୋଗାଉଛି। ଜୁନ ୧୩ ତାରିଖରେ ଇସ୍ରାଏଲ ଆକ୍ରମଣରୁ ଏହା ସ୍ପଷ୍ଟ ହୋଇଛି। ଏକଥା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, ଟ୍ରମ୍ପ ଯେଉଁ ସମାଧାନର ସୂତ୍ର ଉପସ୍ଥାପନ କରିଛନ୍ତି ତାହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗ୍‌ଚି ମଧ୍ୟ ତାଙ୍କ ବିବୃତିରେ ସ୍ପଷ୍ଟ କରିଛନ୍ତି।

ଇରାନର ଆଣବିକ କାର୍ଯ୍ୟକ୍ରମକୁ ଗତି ଦେବା ପାଇଁ ଟ୍ରମ୍ପ ୨୦ ରୁ ୩୦ ବିଲିୟନ ଡଲାର ସହାୟତା ଦେବା ସକାଶେ ପ୍ରସ୍ତୁତ ଅଛନ୍ତି। ତେବେ ସର୍ତ୍ତ ହେଲା ଇରାନ ୟୁରାନିୟମ୍ ସମ୍ବର୍ଦ୍ଧନ କରିପାରିବନି। ଆଣବିକ ଶକ୍ତିର ବେସାମରିକ ଉପଯୋଗ ସକାଶେ ସେ ସମ୍ବର୍ଦ୍ଧିତ ୟୁରାନିୟମ ବିଦେଶରୁ ଆମଦାନୀ କରିପାରିବ। ଏହି ବିପୁଳ ଅର୍ଥରାଶି ମଧ୍ୟ ପ୍ରାଚ୍ୟର ତାଙ୍କ ସହଯୋଗୀ ଇରାନକୁ ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରତିବନ୍ଧକ ପ୍ରତ୍ୟାହାରର ପ୍ରଥମ ପଦକ୍ଷେପ ସ୍ୱରୂପ ଜବତ କରାଯାଇଥିବା ବିଦେଶୀ ବ୍ୟାଙ୍କର ୬ ବିଲିୟନ ଡଲାର ମଧ୍ୟ ଇରାନ ଉଠାଇବାରେ ଆଉ କଟକଣା ରହିବ ନାହିଁ। ଏହି ପ୍ରାରମ୍ଭିକ ସର୍ତ୍ତ ମାଧ୍ୟମରେ ଇରାନ୍ ସହ ଆପୋସ ଆଲୋଚନା ସାତଦିନ ମଧ୍ୟରେ ଆରମ୍ଭ ହେବ ବୋଲି ଆମେରିକା ପକ୍ଷରୁ ସୂଚନା ଦିଆଯାଇଛି। ଇରାନ ସକାଶେ ଏହା ଯେ ଗ୍ରହଣୀୟ ନୁହେଁ ତାହା ଖେମିନିଙ୍କ ଜାତି ଉଦ୍ଦେଶ୍ୟରେ କରିଥିବା ଘୋଷଣାରୁ ଜଣାପଡ଼ିଛି।

ଏହି ତଥ୍ୟରୁ ଏବେ ମଧ୍ୟ ଅସ୍ପଷ୍ଟ ଯେ ଆପୋସ ଆଲୋଚନାରେ ଇସ୍ରାଏଲର ଭୂମିକା କ'ଣ ହେବ। ଆମେରିକା ପକ୍ଷରୁ ଉପସ୍ଥାପିତ ସର୍ତ୍ତରେ ଇସ୍ରାଏଲର ନାମ ଗନ୍ଧ ନଥିବାର ଲକ୍ଷ୍ୟ କରାଯାଇଛି। ଜୁନ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲର ଅତର୍କିତ ଆକ୍ରମଣ ଏବଂ ସେଥିରେ ଯେଉଁ ବିପୁଳ କ୍ଷୟକ୍ଷତି ଘଟିଲା ସେଥିସକାଶେ କାହାକୁ ଦାୟୀ କରାଯାଇନାହିଁ। ଇରାନ ପ୍ରତିଆକ୍ରମଣ ଜାରି ରଖିଥିବା ବେଳେ ଆମେରିକା ସର୍ବଶକ୍ତିମାନ ବି-୨ ବମ୍ବର ମାଧ୍ୟମରେ ତିନିଟି ପରମାଣୁ କେନ୍ଦ୍ର ଉପରେ କରିଥିବା ଘାତକ ଆକ୍ରମଣ ରାଷ୍ଟ୍ରର ସାର୍ବଭୌମତାକୁ କ୍ଷୁଣ୍ଣ କରିଛି। ଏହି ପାତାଳ ଭେଦୀ ବୋମା ଯଦି ଆଣବିକ ତେଜସ୍କ୍ରିୟର ବିକିରଣ ଘଟିଥା'ନ୍ତା ତାହାର ଭୟଙ୍କର ପରିଣତି ନେଇ ଆମେରିକା ସଚେତନ ହେବାର ଥିଲା। ଏହି ନୈତିକ ଅପରାଧ ସକାଶେ କିଏ କାହାକୁ ଦୋଷୀ କରିବ?

ସର୍ବଶକ୍ତିମାନ ଗୋଇନ୍ଦା ସଂସ୍ଥା ମୋସାଡ୍ ମାଧ୍ୟମରେ ଇସ୍ରାଏଲ ଆବଶ୍ୟକତାଠାରୁ ଅଧିକ ବଳୀୟାନ ନୁହେଁ ତ? କେବେଳ ଆମେରିକା ନୁହେଁ ବିଶ୍ୱର ବହୁ ପ୍ରମୁଖ ରାଷ୍ଟ୍ରରେ ମୋସାଡ୍ ସକ୍ରିୟ। ସେଠାକାର ନେତୃତ୍ୱ ବିରୋଧରେ ଗୋପନ ତଥ୍ୟ ସଂଗ୍ରହ ଏବଂ ଆବଶ୍ୟକ ସ୍ଥଳେ ତାହାର ଦୁରୁପଯୋଗ କରିବାରେ ସେମାନେ ସିଦ୍ଧହସ୍ତ। ବିଶ୍ୱ କୂଟନୈତିକ ସଂପର୍କକୁ ପ୍ରଭାବିତ କରି ପ୍ରାଧାନ୍ୟ ଓ ପତିଆରା ଜାହିର କରିଆସିଛି ଇସ୍ରାଏଲ। ଅତ୍ୟାଧୁନିକ ଇଲେକ୍ଟ୍ରୋନିସ୍ ଜ୍ଞାନକୌଶଳର ଉପଯୋଗ ହେଉଛି ମୋସାଡ୍‌ର ଗୋପନ ଅସ୍ତ୍ର। ସମସ୍ତଙ୍କ ଅଜ୍ଞାତରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱକୁ କବ୍‌ଜା କରିବାରେ ସେମାନେ ସିଦ୍ଧହସ୍ତ। ଆମଦେଶରେ ପେଗାସସ୍‌କୁ ନେଇ ଯେଉଁ ହଟଚମଟ ଘଟିଲା, ତାହାଠାରୁ ଆହୁରି ସଂଗିନ ସରଂଜାମର ଅଧିକାରୀ ସେମାନେ। ଏସବୁ ଉଲ୍ଲେଖ କଲାବେଳେ ଆମେ ଆମ ନିଜକୁ ମଧ୍ୟ ପ୍ରଶ୍ନ କରୁଛୁ। ଜୁନ ୧୩ ର ଆକ୍ରମଣ କ'ଣ ଆମେରିକାର ଅଜ୍ଞାତରେ ହୋଇଥିଲା? ପ୍ରତିଆକ୍ରମଣରେ ଇସ୍ରାଏଲର ବିପୁଳ କ୍ଷତି ତାହାର ପ୍ରତିରୋଧ କ୍ଷମତାକୁ ଦୁର୍ବଳ କରିଥିବା ବେଳେ ହଠାତ୍ ଇରାନ ଉପରେ ଆମେରିକା ଆକ୍ରମଣ କରିବା ସହ ଚଟାପଟ ଯୁଦ୍ଧ ବିରାମ ଘୋଷଣା କରିବାର ଉଦ୍ଦେଶ୍ୟ କ'ଣ? ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନେତୃତ୍ୱ ପ୍ରତି ସମ୍ଭାବ୍ୟ ବିପଦର ମୁକାବିଲା ସକାଶେ ଟ୍ରମ୍ପ ଏତେ ତତ୍ପର କାହିଁକି? ଏସବୁର ଉତ୍ତର ଆମେ ଏହି ଅଗ୍ରଲେଖାରେ ଏକପ୍ରକାର ଦେଇସାରିଛୁ। କିନ୍ତୁ ଏଥିନେଇ କାହାକୁ ସିଧାସଳଖ ଆକ୍ଷେପ କରାଯାଇନପାରେ।

# ଡିଜିଟାଲ୍ ଭାରତର ଏକ ଦଶନ୍ଧି



ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା।

୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା। ଆଜି ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି।

ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି।

ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬, ୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ:** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି। ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ :** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢ଼ୁଛି।

୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪, ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢ଼ୁଛୁ। ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

**ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ:** ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୂକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ।

# ବିଳାସରେ ମିତବ୍ୟୟିତା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଗ୍ରୀଷ୍ମ ଋତୁରେ ଘୋର ବିଦ୍ୟୁତ୍ ଅଭାବର ସମ୍ମୁଖୀନ ହେଉଥିବା ସରକାର ବିଦ୍ୟୁତ୍ ସଞ୍ଚୟ ଏବଂ ବିଦ୍ୟୁତ୍ ବିଲ୍ ହ୍ରାସ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସରକାର ଏବେ ଏୟାର କଣ୍ଡିସନର(ଏସି) ର ତାପମାତ୍ରା ସ୍ଥିର କରିବା ସମ୍ପର୍କରେ ଏକ ନୂତନ ନିୟମ ଲାଗୁ କରିବାକୁ ଯୋଜନା କରୁଛନ୍ତି। ଏହି ଯୋଜନା ଲାଗୁ ହେଲେ ଏସିର ତାପମାତ୍ରା ୨୦ ଡିଗ୍ରୀରୁ କମ୍ ଏବଂ ୨୮ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରଖିହେବ ନାହିଁ। ଏହି ନିୟମ ସମସ୍ତ ଘର, କାର୍ଯ୍ୟାଳୟ, ଦୋକାନ, ମଲ୍, ହୋଟେଲ, ରେଷ୍ଟୁରାଣ୍ଟ ଓ ଯାନବାହନ ପାଇଁ ପ୍ରଯୁଜ୍ୟ।

ପ୍ରାୟତଃ ଦେଖାଯାଇଛି ଯେ ଗ୍ରୀଷ୍ମ ଋତୁରେ ଏସି ବ୍ୟବହାର ଏବଂ ଏହାର ତାପମାତ୍ରା ୧୬ ଡିଗ୍ରୀ ପର୍ଯ୍ୟନ୍ତ ରଖିବା ଯୋଗୁଁ ବିଦ୍ୟୁତ୍ ବ୍ୟବହାର ନିରନ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ବଜାରରେ ଉପଲବ୍ଧ ଅଧିକାଂଶ ଏସି ୧୬ଡିଗ୍ରୀରୁ ୩୦ ଡିଗ୍ରୀ ପର୍ଯ୍ୟନ୍ତ ସ୍ଥିର କରାଯାଇପାରିବ, କିନ୍ତୁ ନୂତନ ନିୟମ ଲାଗୁ ହେବା ପରେ ଏହି ସୀମା ୨୦ ରୁ ୨୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସ୍ଥିର ରହିବ। ପ୍ରଥମ ଥର ପାଇଁ ନିଆଯାଇଥିବା ଏହି ପଦକ୍ଷେପ କେବଳ ବିଦ୍ୟୁତ୍ ବିଲ୍ ସଞ୍ଚୟ କରିବ ନାହିଁ ବରଂ ଦୀର୍ଘକାଳୀନ ଭିତ୍ତିରେ ଦେଶ ଏବଂ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ପ୍ରକୃତରେ ବିଦ୍ୟୁତ୍ ବିଲ୍ ହ୍ରାସ ଏବଂ ପରିବେଶର ସୁରକ୍ଷା ପାଇଁ 'ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି' ୨୦୨୦ ରେ ସମସ୍ତ ଷ୍ଟାର ଲେଭଲ୍ ଏସି ପାଇଁ ସର୍ବନିମ୍ନ ତାପମାତ୍ରା ୨୪ଡିଗ୍ରୀରେ ରଖିବାକୁ ସ୍ଥିର କରିଥିଲା। କିନ୍ତୁ ସରକାର ସମସ୍ତ କ୍ଷେତ୍ରରେ ଏସି ତାପମାତ୍ରା ନିର୍ଦ୍ଧାରଣ ନିୟମକୁ ଅଧିକ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଏହି ପଦକ୍ଷେପ ଏବେ ପରୀକ୍ଷଣ ଭାବରେ ଆରମ୍ଭ କରାଯାଉଛି ଏବଂ ନିଶ୍ଚିତ ଭାବେ ଭବିଷ୍ୟତରେ ବାଧ୍ୟତାମୂଳକ କରାଯିବ। ସରକାର ଖୁବ୍ ଶୀଘ୍ର ସମସ୍ତ ଏସି ନିର୍ମାତା ଏବଂ ବାଣିଜ୍ୟିକ କୋଠାଗୁଡ଼ିକୁ ସ୍ୱତନ୍ତ୍ର ପରାମର୍ଶ ଜାରି କରିବାର ସମ୍ଭାବନା ଅଛି।

ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏହା ବହୁତ ଲାଭଦାୟକ ହୋଇପାରେ। ଯଦି ଦେଶର ଅଧିକାଂଶ ଗ୍ରାହକ ଏହାକୁ ନିୟମିତ ବ୍ୟବହାର କରନ୍ତି ତେବେ ଏହା କୋଟି କୋଟି ୟୁନିଟ୍ ବିଦ୍ୟୁତ୍ ସଞ୍ଚୟ କରିପାରିବ। ସାଧାରଣରେ ବିଶ୍ୱାସ କରାଯାଏ ଯେ ଏସିର ତାପମାତ୍ରା ୧୮ ଡିଗ୍ରୀ ରଖିବା ଦ୍ୱାରା କୋଠରି ଶୀଘ୍ର ଥଣ୍ଡା ହେବ। ଏହି କ୍ଷେତ୍ର ସହିତ ଜଡ଼ିତ ବିଶେଷଜ୍ଞମାନେ କୁହନ୍ତି ଯେ ଏହି ବିଶ୍ୱାସ ଭୁଲ। ଯଦି ବାହାରେ ତାପମାତ୍ରା ୪୦ ଡିଗ୍ରୀ ଥାଏ ତେବେ କୋଠରିକୁ ୨୬ ଡିଗ୍ରୀରେ ପହଞ୍ଚିବାକୁ ସମାନ ସମୟ ଲାଗିବ, ଏସିର ତାପମାତ୍ରା ୧୮ ଡିଗ୍ରୀ ହେଉ ବା ୨୬ ଡିଗ୍ରୀ। ନିଶ୍ଚିତ ଭାବରେ ୧୮ ଡିଗ୍ରୀରେ କୋଠରି ପରେ ଅଧିକ ଥଣ୍ଡା ରହିବ। କିନ୍ତୁ ଆପଣଙ୍କୁ କମ୍ ତାପମାତ୍ରା ପାଇଁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ। ଏସିର ତାପମାତ୍ରା ଯେତେ କମ୍ ହୁଏ କମ୍ପ୍ରେସର ଅଧିକ ସମୟ ପାଇଁ କାମ କରେ। ଏହାର



ଅର୍ଥ ଅଧିକ ବିଦ୍ୟୁତ୍ ବ୍ୟବହାର ହୁଏ। ଅନ୍ୟପକ୍ଷରେ ଯଦି ଆପଣ ଏସିର ତାପମାତ୍ରା ୨୪ ଡିଗ୍ରୀ କରନ୍ତି ତେବେ କମ୍ପ୍ରେସରକୁ କମ୍ ସମୟ ପାଇଁ କାମ କରିବାକୁ ପଡ଼େ, ଯାହା ବିଦ୍ୟୁତ୍ ବ୍ୟବହାର ହ୍ରାସ କରେ। ଇଚ୍ଛିତ ତାପମାତ୍ରା ପହଞ୍ଚିବା ମାତ୍ରେ କମ୍ପ୍ରେସର କାମ କରିବା ବନ୍ଦ କରିଦେଇ କେବଳ ଏସି ଫ୍ୟାନ୍ କାମ କରେ। କମ୍ପ୍ରେସର କେବଳ ସେତେବେଳେ କାମ କରେ ଯେତେବେଳେ ଥର୍ମୋସେଟ୍ ତାପମାତ୍ରା ବୃଦ୍ଧିର ସଙ୍କେତ ପାଏ।

ବିଶେଷଜ୍ଞଙ୍କ କହିବା ଅନୁସାରେ ୨୪ ଡିଗ୍ରୀ ତାପମାତ୍ରା ମଧ୍ୟ ଆରାମଦାୟକ। ଯଦି ବାହାରେ ଆର୍ଦ୍ରତା ଅଧିକ ଥାଏ ଏହା ୧୮ କିମ୍ବା ୨୨ ଡିଗ୍ରୀ ତାପମାତ୍ରା ତୁଳନାରେ କମ୍ ଶକ୍ତି ବ୍ୟବହାର କରେ। ଏକ ଅଧ୍ୟୟନ ଅନୁଯାୟୀ ଏସିର ତାପମାତ୍ରାରେ ପ୍ରତ୍ୟେକ ଡିଗ୍ରୀ ବୃଦ୍ଧି ୩ରୁ ୫ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ କରିପାରିବ। ଯଦି ଏସିର ତାପମାତ୍ରା ୧୮ ଡିଗ୍ରୀରୁ ୨୭ ଡିଗ୍ରୀକୁ ବୃଦ୍ଧି କରାଯାଏ ତେବେ ବାର୍ଷିକ ୬୫୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରାଯାଇପାରିବ। ଏହାସହିତ ଏହି ସମୟ ମଧ୍ୟରେ ପ୍ରଚୁର ପରିମାଣର ଶକ୍ତି ମଧ୍ୟ ସଞ୍ଚୟ କରାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ଏସିରେ କେବଳ ନିର୍ଦ୍ଧାରିତ ତାପମାତ୍ରା ମାଧ୍ୟମରେ ବିଦ୍ୟୁତ୍ ସଞ୍ଚୟ ହୁଏ ନାହିଁ, ବରଂ ଷ୍ଟାରରେଟିଂ, ବାହାର ତାପମାତ୍ରା, ଏସି ବ୍ୟବହାରର ଅବଧି, କୋଠରିର ଆକାର, କୋଠରିରେ ଥିବା ଲୋକଙ୍କ ସଂଖ୍ୟା ଇତ୍ୟାଦି କାରଣ ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଏସିର ତାପମାତ୍ରା ୨୦ ଡିଗ୍ରୀରୁ ୨୮ ଡିଗ୍ରୀ ମଧ୍ୟରେ ରଖିବା ଲାଭଦାୟକ।

ପରିସଂଖ୍ୟାନ ଅନୁଯାୟୀ, ଭାରତରେ ଏସିର ସଂଖ୍ୟା ପ୍ରାୟ ୧୦ କୋଟି ଏବଂ ପ୍ରତିବର୍ଷ ପ୍ରାୟ ୧.୫ କୋଟି ଏସି ଲଗାଯାଉଛି। ଯଦି ଏସିର ତାପମାତ୍ରା ଗୋଟିଏ ଡିଗ୍ରୀ ବୃଦ୍ଧି କରାଯାଏ ତେବେ ଏହା ଶକ୍ତି ବ୍ୟବହାରକୁ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ ଏବଂ ଆମେ ପ୍ରତିବର୍ଷ ଲକ୍ଷ ଲକ୍ଷ ଗିଗାୱାଟ ବିଦ୍ୟୁତ୍ ସଞ୍ଚୟ କରିପାରିବା। ସାମଗ୍ରିକ ଭାବରେ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟୁତ୍ ବ୍ୟବହାରକୁ ହ୍ରାସ କରିବା ବିଶେଷକରି ଗ୍ରୀଷ୍ମଦିନରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏସି କୁ ୨୦ ରୁ ୨୮ ଡିଗ୍ରୀ ମଧ୍ୟରେ ରଖିଲେ ଗରମ ସମ୍ବନ୍ଧୀୟ ରୋଗ ହ୍ରାସ, ଭଲ ନିଦ ଏବଂ ଆରାମଦାୟକ ଜୀବନ ମିଳିପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସିର ଉଚିତ୍ ବ୍ୟବହାର ଶ୍ୱାସ ଓ ସଂକ୍ରମଣ ରୋଗୀ ସଂଖ୍ୟା ହ୍ରାସ କରେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ବାହୁଡ଼ା ରଥ ଓ ଭକ୍ତ ସାଲବେଗ

ସ୍ୱପ୍ନେଶ୍ୱର

ମହାପ୍ରଭୁଙ୍କ ପରମଭକ୍ତ ସାଲବେଗ ଠାକୁରଙ୍କୁ ଆଶ୍ରୟ କରି ଶ୍ରୀକ୍ଷେତ୍ରବାସୀ ହୋଇ ରହିଗଲେ। ସେ ଜାତିରେ ଯବନ ହୋଇଥିବାରୁ ମନ୍ଦିର ଭିତରକୁ ଯାଇ ଦର୍ଶନ କରିବା ସମ୍ଭବ ହେଉ ନ ଥିଲେ ମଧ୍ୟ ଦିବ୍ୟଚକ୍ଷୁରେ ପ୍ରଭୁଙ୍କୁ ଦର୍ଶନ କରି ସ୍ୱରଚିତ ଭଜନମାନ ଗାଇ ଗାଇ ସନ୍ଥ ଓ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲେ। ଏପରିକି ଗଜପତି ନରସିଂହ ଦେବ ମଧ୍ୟ ସାଲବେଗଙ୍କର ଜଣେ ମୁଗ୍ଧ ପ୍ରଶଂସକ ହୋଇଗଲେ ଏବଂ ବାରମ୍ବାର ତାଙ୍କୁ ନିମନ୍ତ୍ରଣ କରି ସୁଲଳିତ କଣ୍ଠରୁ ଭଜନ ଶୁଣୁଥିଲେ। ଦିନକୁ ଦିନ ସାଲବେଗଙ୍କ ଲୋକପ୍ରିୟତା ବଢ଼ୁଥିବା ଦେଖି କିଛି ସେବକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ। ଥରେ ରାଜା ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ଯେ ସାଲବେଗ ରତ୍ନବେଦୀ ଉପରକୁ ଚଢ଼ି ତିନି ଠାକୁରଙ୍କୁ ଚାମର କରୁଛନ୍ତି। ଏ କଥା ସେ ତା'ପରଦିନ ସମସ୍ତଙ୍କୁ କହିଲେ। ନିନ୍ଦୁକମାନଙ୍କୁ ଏକ ସୁଯୋଗ ମିଳିଗଲା। ସେମାନେ ପ୍ରଚାର କଲେ ଯେ ସାଲବେଗକୁ ମନ୍ଦିର ବାରଣ ଥିବାରୁ ସେ ଲୁଚିଛପି ଭିତରକୁ ଯାଉଛି ଏବଂ ମନ୍ଦିରକୁ ଅପବିତ୍ର କରୁଛି। ସାଲବେଗ ବ୍ୟଥିତ ହୋଇ କିଛିଦିନ ପାଇଁ ବୃନ୍ଦାବନ ଚାଲିଗଲେ।

ଗୁଣ୍ଡିଚା ଯାତ୍ରାର ସମୟ ଆସି ପହଞ୍ଚିବାରୁ ପୁଣି ପୁରୀ ଉଦ୍ଦେଶ୍ୟରେ ଯାତ୍ରା କଲେ। ଅନେକ ବାଟ ଯିବାପରେ ସେ ତାଙ୍କ ଦିବ୍ୟଚକ୍ଷୁରେ ରଥାରୂଢ଼ ଠାକୁରମାନଙ୍କୁ ଦର୍ଶନ କରୁଥିଲେ ମଧ୍ୟ ଜାଣିଲେ ଯେ ନୀଳାଦ୍ରିବିଜେ ଆଗରୁ ପୁରୀରେ ପହଞ୍ଚି ପାରିବେ ନାହିଁ। ତେଣୁ ସେ ବିକଳ ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ- 'ଜଗବନ୍ଧୁ ହେ ଗୋସାଇଁ ତୁମ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ.../... ସାତଶ ପଚାଶ କୋଶ ଚାଲି ନ ପାରଇ ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି।'

> ଲୋକକଥାରେ ଲୋକଦେବତା

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଚାଲିଥିଲା। ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ଆଗେ ଆଗେ ରଥାରୋହଣ କରି ଚାଲିଗଲେ। ମହାପ୍ରଭୁଙ୍କ ନନ୍ଦିଘୋଷ ବଳଗଣ୍ଡିଠାରେ ପହଞ୍ଚିଥିବା ବେଳେ ହଠାତ୍ ଅଟକି ଗଲା। ଯେତେ ଚେଷ୍ଟା କଲେ ମଧ୍ୟ ରଥ ହଲିଲା ନାହିଁ। ଗଜପତି ମହାପ୍ରଭୁଙ୍କୁ ଧ୍ୟାନ କରି ଗୁହାରିଆ ପଡ଼ିଲେ। ମହାପ୍ରଭୁ ରାଜାଙ୍କୁ ଶୂନ୍ୟବାଣୀରେ ଆଜ୍ଞା ଦେଲେ, 'ରାଉତ, ମୋର ପରମଭକ୍ତ ବର୍ଷରେ ଦୁଇଥର ମୋତେ ରଥରେ ଦର୍ଶନ କରେ। ସେ ବୃନ୍ଦାବନରୁ ଫେରିବା ପର୍ଯ୍ୟନ୍ତ ମୋତେ ରଥରେ ଅପେକ୍ଷା କରିବାକୁ ହେବ। ସେ ପର୍ଯ୍ୟନ୍ତ ରଥ ଟାଣିବା ପାଇଁ ସମସ୍ତ ଉଦ୍ୟମ ବନ୍ଦ ରହୁ।'

ସାଲବେଗ ଚାଲିଚାଲି ଆସି ଅଠର ନଳାରେ ପହଞ୍ଚିଲେ। ମହାପ୍ରଭୁ ବଳଗଣ୍ଡିରେ ଅପେକ୍ଷା କରିଥିବା ଶୁଣି ଦୌଡ଼ିଲେ ବଡ଼ଦାଣ୍ଡକୁ। ଅଶ୍ରୁସିକ୍ତ ନୟନରେ ନିବେଦନ କଲେ, 'ମହାପ୍ରଭୁ! ଭକ୍ତବତ୍ସଳ! ମୋ ପରି ଜଣେ ଅଛୁଆଁ ଯବନ ଅକିଞ୍ଚନ ପତିତକୁ ଦର୍ଶନ ଦେବା ପାଇଁ ଭାଇଭଉଣୀଙ୍କୁ ଛାଡ଼ି ବଡ଼ଦାଣ୍ଡରେ ଅଟକି ରହିଲ! ତୁମେ ଧନ୍ୟ, ! ଏବେ ଚାଲ ମହାବାହୁ। ଆମେ ସବୁ ତୁମ ସାଙ୍ଗରେ ଯିବୁ। - ଆହେ ରଥବର ଚଢ଼ା, ମୋ କରମ ଏତେ ପୋଡ଼ା / ମୋ ପାଇଁ ସହିଲ ପ୍ରଭୁ ଏତେ କଷଣ, ଜାତିରେ ମୁହିଁ ଯବନ / କ୍ଷମ ଦୋଷ ନବଘନ, ବଳଗଣ୍ଡି ପଥେ ପ୍ରଭୁ କର ଗମନ / ସାଲବେଗ ହୀନ ସ୍ୱଭାବ, ଦୀନ ହୀନ ଯବନରେ ଏତେ ସରାଗ!' ଏହାପରେ ଥରଥର ହାତରେ ରଥ ଦଉଡ଼ିକୁ ଉଠାଇଲେ। ଭକ୍ତମାନେ ଦଉଡ଼ି ଧରି ଟାଣିବାକୁ ଆରମ୍ଭ କଲେ। ନନ୍ଦିଘୋଷ ହଠାତ୍ ଚଳଚଞ୍ଚଳ ହୋଇ ଉଠିଲା ଏବଂ ଘୋର ଘର୍ଘର ନାଦ କରି ସିଂହଦ୍ୱାର ଆଡ଼କୁ ଚାଲିଲା। ହରିବୋଲ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ କମ୍ପମାନ ହେଲା।

ଗଜପତି ମହାରାଜ ଘୋଷଣା କଲେ, ପ୍ରତିବର୍ଷ ବାହୁଡ଼ା ରଥ ବଳଗଣ୍ଡିଠାରେ ଅଟକିବ। ସେଠାରେ ମଠ ସ୍ଥାପନା କରି ନିଜର ସାଧନା ଜାରି ରଖିବାକୁ ମୁଁ ଭକ୍ତ ଶିରୋମଣି ସାଲବେଗଙ୍କୁ ଅନୁରୋଧ କରୁଛି। ରାଜାଙ୍କ ଅନୁରୋଧ ରକ୍ଷାକରି ସାଲବେଗ ସେଠାରେ ସାରା ଜୀବନ ମହାପ୍ରଭୁଙ୍କ ଭଜନ ସେବାରେ ଅତିବାହିତ କଲେ। ମହାପ୍ରୟାଣ ପରେ ତାଙ୍କୁ ସେଠାରେ ସମାଧି ଦିଆଗଲା। ସେହିକାଳରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବାହୁଡ଼ା ରଥ ବଳଗଣ୍ଡିରେ ଅଟକି ସମାଧିସ୍ଥ ସାଲବେଗଙ୍କୁ ପ୍ରଭୁଙ୍କ ଦର୍ଶନର ସୁଯୋଗ ପ୍ରଦାନ କରୁଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶୃଙ୍ଖଳିତ ରଥଯାତ୍ରାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# 'ଡ୍ୟୁଟି ନୁହେଁ, ସେବା ଭାବି କାମ କର'

ପୁରୀ,୧।୭ (ସମିସ): ଚଳିତବର୍ଷ ରଥଯାତ୍ରାରେ ମାଳମାଳ ଅବ୍ୟବସ୍ଥା ଓ ବିଭ୍ରାଟ ଘଟିଛି। ରଥଟଣାଠାରୁ ଆରମ୍ଭ କରି ଦଳାଚକଟାରେ ଭକ୍ତ ମରିବା ପର୍ଯ୍ୟନ୍ତ ଅଘଟଣ ପାଇଁ ନିନ୍ଦିତ ହେଉଛନ୍ତି ରାଜ୍ୟ ସରକାର। ସବୁଆଡୁ ସମାଲୋଚନାର ଶିକାର ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଆସି ଆଗକୁ ବାକିଥିବା



ରଥଯାତ୍ରାର ଅନ୍ୟାନ୍ୟ ନୀତିକାନ୍ତି ଯେପରି ଶୃଙ୍ଖଳିତ ହେବ, ତାହାର ସମୀକ୍ଷା କରିଛନ୍ତି।

ମଙ୍ଗଳବାର ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରି କହିଥିଲେ ଯେ ଏହି କାମ ଆମମାନଙ୍କ ପାଇଁ ଏକ ଡ୍ୟୁଟି ନୁହେଁ, ଏହା ହେଉଛି ସୌଭାଗ୍ୟର ବିଷୟ। ସମର୍ପଣ ଭାବ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସୁରକ୍ଷାର ତିନିଟି ଦିଗ ଉପରେ ଯଥା- ସୁରୁଖୁରୁରେ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାର ୪ଟି ଉତ୍ସବ ମଧ୍ୟରୁ ଏବେ ବି ଆଉ ତିନିଟି ବାହୁଡ଼ା, ସୁନାବେଶ ଓ ନୀଳାଦ୍ରି ବିଜେ ବାକି ଅଛି। ଅନୁକୂଳ ପାଗ ଯୋଗୁଁ ଏହି ତିନିଦିନ ବହୁତ ଭକ୍ତ ଆସିବେ। ବିଶେଷକରି ସୁନାବେଶ ଦିନ। ଏଣୁ ଏହି ବଡ଼ ସମାଗମରେ ସୁରକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଏବଂ ସବୁବେଳେ ସବୁ ସମୟରେ କିଛି ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରି।

ବାହୁଡ଼ା, ସୁନାବେଶ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନିମନ୍ତେ ଆବଶ୍ୟକସ୍ଥଳେ ଅଧିକ ଫୋର୍ସ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ୍ କଣ୍ଟ୍ରୋଲ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଆଗାମୀ ଦିନମାନଙ୍କରେ ଯାହା ସବୁ ମହାପ୍ରଭୁଙ୍କ କାର୍ଯ୍ୟକ୍ରମ ଅଛି, ସେଗୁଡ଼ିକ ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପ୍ରତି ଅଧିକ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବେଳାଭୂମିରେ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ନିମନ୍ତେ ସେ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପୁରୀ- ଭୁବନେଶ୍ୱର ରାସ୍ତା ସମେତ ବେଳାଭୂମି, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ମନ୍ଦିର ସମ୍ମୁଖ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ କଡ଼ା ନଜର ରଖି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ଡ. ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ୱାଇ.ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ପ୍ରମୁଖ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖିଥିଲେ। ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ସେବାୟତଙ୍କୁ କ୍ଷମା ମାଗିଲେ ଆଇନମନ୍ତ୍ରୀ

ପୁରୀ, ୧।୭ (ସମିସ): ଚଳିତବର୍ଷ ରଥଯାତ୍ରା ନାନା ବିଭ୍ରାଟ ମଧ୍ୟରେ ଚାଲିଛି। ରଥକାଠ ଅଭାବଠାରୁ ଆରମ୍ଭ କରି ଏବେ ଶରଧାବାଲିରେ ଦଳାଚକଟା ଘଟି ୩ ଭକ୍ତଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମାଳମାଳ ସମସ୍ୟା ଓ ବିଭ୍ରାଟ ଦେଖିବାକୁ ମିଳିଛି। ଆଗକୁ ପୁଣି ମହାପ୍ରଭୁଙ୍କ ବାହୁଡ଼ା, ସୁନାବେଶ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ରହିଛି। ଏ ସବୁକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେନେଇ ମଙ୍ଗଳବାର ସର୍କିଟ୍ ହାଉସରେ ସେବାୟତମାନଙ୍କ ସହ ବୈଠକ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ରଥଯାତ୍ରା ଦିନ ଡାକବାଜି ଯନ୍ତ୍ର ଦ୍ୱାରା ସେମାନଙ୍କୁ ଅନଧିକୃତ କହିବା ନେଇ ସେବାୟତଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଥିଲା, ସେନେଇ ଆଇନମନ୍ତ୍ରୀ କ୍ଷମା ମାଗି ସେଥିରେ ଯବନିକା ପକାଇଛନ୍ତି।

ରଥଯାତ୍ରାରେ ଗୋଟିଏ ପରେ ଗୋଟିଏ ବିଭ୍ରାଟ ଘଟିବାରେ ଲାଗିଛି। ଏବେ ଠାକୁର ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି। ଆଗକୁ ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ହେବ, ସେନେଇ ସେବାୟତଙ୍କ ସହ ଆଲୋଚନା କରିଥିଲେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେବାୟତ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଭିତରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି କିଭଳି ସମସ୍ତ ନୀତିକାନ୍ତି ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଶେଷ ହେବ ସେ ନେଇ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ବିଶେଷକରି ରଥଯାତ୍ରା ଦିନ ରଥ ଉପରୁ କିଛି ସେବାୟତଙ୍କୁ କାଢ଼ି ଦିଆଯିବା ଓ ବାରମ୍ବାର ଅନଧିକୃତ ଶବ୍ଦ ପ୍ରୟୋଗ କରାଯିବା ଘଟଣାକୁ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କ୍ଷମା ପ୍ରାର୍ଥନା କରିବା ସହ ଭବିଷ୍ୟତରେ କିଭଳି ଏହାର ପୁନରାବୃତ୍ତି ନ ହେବ, ତା' ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପ୍ରତି ୩ମାସରେ ସେ ଛତିଶା ନିଯୋଗ ସେବାୟତଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ପାଇଁ ବିଭିନ୍ନ ସଂସ୍କାର ଏବଂ ଉନ୍ନତିମୂଳକ କାମ କରିବେ ବୋଲି କହିଛନ୍ତି।

ସେହିପରି ବୈଠକରେ ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ, ସେବାୟତ ଆବାସ ଯୋଜନା ଓ ସେବାୟତଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆଇନ ମନ୍ତ୍ରୀଙ୍କ ସହ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ବୈଠକରେ ଶ୍ରୀମନ୍ଦିରର ବରିଷ୍ଠ ଏବଂ ସେବା ସମ୍ପୃକ୍ତ ସେବାୟତ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାଳ ଶେଷ ହେବା ପରେ ନୂତନ ମନୋନୀତ ସେବକ ପ୍ରତିନିଧି ଏଯାବତ ଚୟନ ହୋଇନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ରହିଛି। ଏ ପ୍ରଶ୍ନରେ ଆଇନ ମନ୍ତ୍ରୀ କହିଛନ୍ତି, ରଥଯାତ୍ରା ପରେ ନୂତନ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ।


## କବଲା ହଜିଛି

ଏତଦ୍ୱାରା ଆମ୍ଭେ ଶିବ ସ୍ୱସ୍ତିକ ଶ୍ରୀଚନ୍ଦନ, ପିତା- ବୈଦ୍ୟନାଥ ଶ୍ରୀଚନ୍ଦନ, ଏମ.ବି.- ୮୩, ବଡ଼ଗଡ଼ ବିଟ କଲୋନୀ, ଭୁବନେଶ୍ୱର, ଜନସାଧାରଣଙ୍କୁ ଅବଗତ କରୁଛି ଯେ, ମୋର ମାତା ଶ୍ରୀମତୀ ଶକୁନ୍ତଳା ଶ୍ରୀଚନ୍ଦନଙ୍କର ପୁରୀ ତହସିଲର: ଗୋପୀନାଥପୁର ଓରଫ ରାଉତରାପୁର, ଖାତା ନମ୍ବର- ୧୬୫/୬୫୧, ପ୍ଲଟ ନମ୍ବର- ୧୮୭/୧୩୮୫ ରେ ଅବସ୍ଥିତ ଏକର ୦.୦୨୨୫ ଡିସିମିଲ ସମ୍ବନ୍ଧିୟ ଜମିର ଅରିଜିନାଲ ଜମି କବଲା (RSD ନଂ. ୨୧୭୭, ତାରିଖ ୦୨.୦୭.୧୯୯୩) ଗତ ୨୬.୦୬.୨୦୨୫ ଦିନ ହଜିଯାଇଛି

## WANTED

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

## LOST

**Lost sale Deed of my Property Plot No-1151, Drawing No-177/85, Mouza-Sikharpur,PS-Chauliaganj, Dist-Cuttack, State-Odisha. Document No-RSD 2033 dt-07.05.1999 and RSD 5032 DT-26.12.1988. NCR is lodge on 10.06.2025 at Chauliaganj PS. Finder may send to : Mr. Sanjay Jena at above address. Ph.No-9853086101**

## AFFIDAVIT

By virtue of an affidavit sworn before Executive Magistrate, G.Udayagiri, dated: 23.06.2025, I, Runima Mallick, W/o- Basanta Kumar Pradhan, Vil.- Dakeringia, PO- Gressingia, PS- G.Udayagiri, Dist.- Kandhamal- 762100 declare that I have changed name of my minor son from Anisas Pradhan to Balabana Pradhan. Henceforth,he will be known as **Balabana Pradhan** for all purposes.

## TO-LET

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

## AFFIDAVIT

By virtue of an affidavit sworn before Executive Magistrate, G.Udayagiri, Dated: 30.06.2025, I, Nuresh Khatun, D/o- M.D. Islam, resident of Vil.- G. Udaygiri, P.O./P.S.- Dist.- Kandhamal- 762100 declare that I have changed my name from Nuraisaha Khatun to Nuresh Khatun. Henceforth, I shall be known as **Nuresh Khatun** for all purposes.

## AFFIDAVIT

By virtue of an affidavit sworn before Executive Magistrate, G.Udayagiri, dated 21.06.2025, I, Suneina Pradhan, W/o- Subodh Kumar Pradhan, Vil.- Telingia, PO- Gadaguda, PS- G.Udayagiri, Dist.- Kndhamal- 762100 declare that I have changed name of my minor daughter from Shreeya Digal to Shreeya Pradhan. Henceforth she will be known as **Shreeya Pradhan** for all purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମୂହ ଛୁଟିରେ...

ଷଡ଼ଯନ୍ତ୍ରକାରୀ ଭାବେ ସଂଘ ପକ୍ଷରୁ ଦର୍ଶାଯାଇଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ସଂଘ ଖଡ୍‌ଗହସ୍ତ ହୋଇଛି ଏବଂ ସାରା ରାଜ୍ୟରେ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯାଇଛନ୍ତି। ଯାହାଫଳରେ ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି।

### ମୃତ୍ୟୁସଂଖ୍ୟା ୪୨...

ସବୁ ପ୍ରକାର ସହାୟତା ଯୋଗାଇଦେବା ଲାଗି ସେମାନଙ୍କୁ କୁହାଯାଇଛି। ରାଜଧାନୀ ହାଇଦ୍ରାବାଦରୁ ୫୦ କିଲୋମିଟର ଦୂର ସିଗାଚି ଫାର୍ମା କଂପାନୀରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତକାଲି ୧୬ ଜଣଙ୍କର ମୃତଦେହ ମିଳିଥିବା ବେଳେ ଅନେକ ଆହତ ଶ୍ରମିକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ଏବେ ବି ଭଗ୍ନାବଶେଷ ତଳେ ଅନେକ ମୃତାହତ ଶ୍ରମିକ ପୋତି ହୋଇ ରହିଛନ୍ତି। ଅନେକ ମୃତଦେହ ସଂପୂର୍ଣ୍ଣ ରୂପେ ପୋଡ଼ି ହୋଇଯାଇଥିବାରୁ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଛି। କେତେକ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଛି। ତେଣୁ ଏଥିରେ କେତେଜଣ ଓଡ଼ିଆ ଶ୍ରମିକ ରହିଛନ୍ତି, ତାହା ଜଣାପଡ଼ି ନାହିଁ। ବର୍ତ୍ତମାନ ସୁଦ୍ଧା ମାତ୍ର ଦୁଇ ଓଡ଼ଆ ଶ୍ରମିକଙ୍କ ମୃତଦେହ ଚିହ୍ନଟ ହୋଇଛି।

ଗତକାଲି କାରଖାନର ରିଆକ୍ଟର ୟୁନିଟ୍‌ରେ ବିସ୍ଫୋରଣ ହୋଇଥିଲା। ପାଶମିଲାରାମ ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ଥିବା ସିଗାଚି ଇଣ୍ଡଷ୍ଟ୍ରିରେ ସକାଳ ୮.୧୫ରୁ ୯.୩୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଦେବାକୁ କୁହାଯାଇଛି। କାରଖାନାରେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, କେତେକ ଶ୍ରମିକ ୧୦୦ ମିଟର ଦୂରରେ ଯାଇ ଛିଟିକି ପଡ଼ିଥିଲେ।

### ଦିନକରେ ୩ ହତ୍ୟା...

ବ୍ୟକ୍ତିଙ୍କୁ ଖଣ୍ଡା, ହକିଷ୍ଟିକ୍, ଲୁହାରଡ୍ ଓ ବ୍ଲେଡ୍‌ରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ୩ଗୁରୁତରଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଧୀର ସ୍ୱାଇଁ, ନନ୍ଦବାରିକ ଓ ରାହୁଲ ସ୍ୱାଇଁଙ୍କୁ ଚିକିତ୍ସା କରାଯାଇଥିଲା। ତୋଫାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ପଠାଯାଇଥିଲା। ସେଠାରେ ତୋଫାନଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। କିନ୍ତୁ ଖବର ଲେଖା ହେବା ବେଳକୁ ଥାନାରେ କେହି ଏତଲା ଦେଇନାହାନ୍ତି ବୋଲି ଥାନା ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି।

ଅନ୍ୟ ଏକ ଘଟଣାକ୍ରମେ, ବେଗୁନିଆପଡ଼ା ଥାନା ବି.ନୂଆପଲ୍ଲୀରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ନିରାକାର ଦାସ। ସୋମବାର ବିଳମ୍ବିତ ରାତିରେ ୩ରୁ ଉର୍ଦ୍ଧ୍ୱ ଯୁବକ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଚଳାଇଛି। ପରିବାରଲୋକେ ବେଗୁନିଆପଡ଼ା ଥାନାରେ ଏତଲା ଦେଇଥିବା ବେଳେ ପୁଲିସ ୪ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସେହିପରି ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ ହାଉସ୍‌ରେ ଜଣେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ମୃତ ଯୁବତୀଜଣଙ୍କ ହେଲେ, ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଫାଣ୍ଡିଅଧୀନ ପାଢ଼ୀ କଲୋନୀର ପ୍ରିୟା ମହାରଣା(୨୪)। ପ୍ରିୟାଙ୍କୁ ହତ୍ୟା କରିବା ପରେ ପ୍ରେମିକ ଅଭୟ କୁମାର ମହାରଣା(୨୪) ଥାନାରେ ଆତ୍ମସମର୍ପଣ କରିଛି।

ସୂଚନାନୁସାରେ, ପାଢ଼ୀ କଲୋନୀର ପ୍ରଭାକର ମହାରଣାଙ୍କ ଝିଅ ପ୍ରିୟା ବ୍ରହ୍ମପୁର ଉପକଣ୍ଠରେ ଥିବା ଏକ ଘରୋଇ ହସ୍ପିଟାଲରେ ଲାବ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେ ଡ୍ୟୁଟିକୁ ଯାଉଛି କହି ଘରୁ ବାହାରିଥିଲେ। ହେଲେ ଡ୍ୟୁଟିକୁ ଯିବା ପରିବର୍ତ୍ତେ ପ୍ରେମିକ ଅଭୟ ସହ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଲଜ୍‌କୁ ଯାଇଥିଲେ। ଉଭୟେ ଉକ୍ତ ଲଜ୍‌ର ୧୧୨ନଂ ରୁମରେ ରହିଥିଲେ। ଅପରାହ୍ନରେ କୌଣସି କାରଣରୁ ଉକ୍ତ ରୁମ୍ ଭିତରେ ଅଭୟ ପ୍ରିୟାଙ୍କୁ ନୃଶଂସ ଭାବେ ଆକ୍ରମଣ କରିଥିଲା। ପରେ ଅଭୟ ଉକ୍ତ ଲଜ୍‌ରୁ ଚାଲିଯାଇଥିଲେ। କିଛି ସମୟ ପରେ ଅଭୟ ଗୋଷାଣିନୂଆଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିବା ସହ ନିଜ ଦୋଷ ସ୍ୱୀକାର କରି ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଥିଲେ। ଗୋଷାଣିନୂଆଗାଁ ପୁଲିସ ପକ୍ଷରୁ ତୁରନ୍ତ ବୈଦ୍ୟନାଥପୁର ଥାନାକୁ ଅବଗତ କରାଯାଇଥିଲା। ଖବର ପାଇ ବୈଦ୍ୟନାଥପୁର ଥାନା ପୁଲିସ ଉକ୍ତ ଲଜ୍‌ରୁ ପ୍ରିୟାଙ୍କ ରକ୍ତ ଜୁଡୁବୁଡୁ ଶବ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ଖବର ପାଇ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସମ୍ପୃକ୍ତ ଲଜ୍‌ରେ ପହଞ୍ଚି ତଦନ୍ତ କରିଥିଲେ।

### ସ୍କୁଲ୍ ଶୌଚାଳୟରେ...

ପୀଡ଼ିତାଜଣଙ୍କ ନିଜ ମାଉସୀଙ୍କ ଘରକୁ ଗୁଆ ଆଣିବାକୁ ଯାଇଥିଲା। ସେଠାରେ ଭୁବନ ପହଞ୍ଚି ନାବାଳିକାଙ୍କୁ ସ୍କୁଲ ପାଇଖାନା ପାଖକୁ ନେଇ ଦୁଷ୍କର୍ମ କରିଥିଲା। ନାବାଳିକାଙ୍କ ଚିତ୍କାର ଶୁଣି ଗ୍ରାମର ଭଗବାନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଭୁବନ ନାବାଳିକାଙ୍କୁ ସେଠାରେ ଛାଡ଼ି ଚମ୍ପଟ ମାରିଥିଲା। ଖବର ପାଇ ନାବାଳିକାଙ୍କ ବାପା ଓ ମାଆ କାମ ଛାଡ଼ି ଘରକୁ ଆସି ଝିଅ ଠାରୁ ସବୁକଥା ଶୁଣିବା ପରେ ଗତ ୩୦ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ନାବାଳିକାଙ୍କ ଡାକ୍ତରୀମାଇନା କରି କୋର୍ଟରେ ବୟାନ ରେକର୍ଡ କରାଯାଇଛି।

### ଚାନ୍ଦା ନ ଦେଲେ...

ଚାନ୍ଦା ଓ ବଟି ପାଇଁ ଖୋଲାଖୋଲି ଧମକ ଦେଉଛନ୍ତି। କେଇମାସ ତଳେ ଆସିକା ବିଧାୟକ ସରୋଜ ପାଢ଼ୀ ବାଲିଘାଟରୁ ଦାଦାବଟି ଆଦାୟ ଅଡ଼ିଓ ଭାଇରାଲ ହୋଇଥିଲା । ଏବେ ଅନୀଲ ପଣ୍ଡା ନାମକ ଜଣେ ବିଜେପି ନେତା ଚାନ୍ଦା ମାଗୁଥିବା ଅଡ଼ିଓ ଜିଲ୍ଲା ସାରା ଘୂରି ବୁଲୁଛି ।

ବିଜେପି ଯୁବନେତା ନିଜକୁ ଅନୀଲ ପଣ୍ଡା ବୋଲି ପରିଚୟ ଦେଇ ଖଲ୍ଲିକୋଟ ଜାତୀୟ ରାଜପଥରେ ଥିବା ଟୋଲଗେଟ ଠିକାସଂସ୍ଥାର ମ୍ୟାନେଜରଙ୍କୁ ଚାନ୍ଦା ମାଗୁଥିବା ଅଡ଼ିଓରୁ ସ୍ପଷ୍ଟ ହୋଇଛି। ହିନ୍ଦୀ ଭାଷାରେ ମ୍ୟାନେଜରଙ୍କ ସହିତ କଥା ହୋଇ ପାର୍ଟି ଲାଗି ଚାନ୍ଦା ଦିଅ ନଚେତ ହାଲ୍ଲାବୋଲ ହେବ ବୋଲି ବିଜେପି ନେତା ଜଣକ ଫୋନ ଯୋଗେ ଖୋଲାଖୋଲି ଧମକ ଦେଉଛନ୍ତି। ଆମେ ଯାହା କହିଥିଲୁ, ତାହା କାହିଁକି ଆସିଲା ନାହିଁ ଓ ତାହା ନ ମିଳିଲେ ଆମେ ଆମ କାମ ଆରମ୍ଭ କରିବୁ ବୋଲି ସେ ସ୍ପଷ୍ଟ ଭାବରେ କହୁଛନ୍ତି। ତୁମେ ଯଦି ଆମ କଥାରେ ରାଜି ନହୁଅ ତେବେ ମୋ କାମ ମୁଁ ଆରମ୍ଭ କରିବି। ପାର୍ଟି ପାଇଁ ଚାନ୍ଦା ଦେବନି ଯଦି ବିଜେପି ଯୁବମୋର୍ଚ୍ଚା ହାଲ୍ଲାବୋଲ କରିବେ ବୋଲି ସେ କହୁଛନ୍ତି। ସେହିପରି ଟୋଲଗେଟ୍‌ରେ କାମ କରୁଥିବା ପିଲାମାନଙ୍କୁ ବାହାର କରି ବିଜେପି ପିଲାଙ୍କୁ ଭର୍ତ୍ତି କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି । ଅପରପକ୍ଷେ ଟୋଲ ଗେଟ୍‌ର ଅଧିକାରୀ ଏହା ସେ କରି ପାରିବେ ନାହିଁ ଓ ଏତେ ପରିମାଣରେ ଦାବି ପୂରଣ କରିବାକୁ ଅକ୍ଷମତା ପ୍ରକାଶ କରିବା ପରେ ତାଙ୍କୁ ମଧ୍ୟ ସମ୍ପୃକ୍ତ ଯୁବ ନେତା ଧମକ ଦେଉଥିବା ଅଡିଓରେ ଶୁଣାଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ପୃକ୍ତ ବିଜେପି ଯୁବ ନେତା ସେ କହୁଥିବା କଥାକୁ ରେକର୍ଡ଼ିଂ କରି କମ୍ପାନୀ ଓ ସ୍ଥାନୀୟ ବିଧାୟକଙ୍କୁ ଜଣାଇବା ସହ ନିଜେ ସୁରକ୍ଷା ସହ ନ ରହିଲେ ଅସୁବିଧା ହେବ ବୋଲି କହୁଛନ୍ତି।

ଏହି ଅଡ଼ିଓ ପ୍ରଚାରିତ ହେବା ପରେ ଜିଲ୍ଲାରେ ଆଇନଶୃଙ୍ଖଳା ଓ ବିଜେପି ନେତାମାନଙ୍କ ଦାଦାଗିରିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ହେଲା ଶାନ୍ତ ପଡ଼ିଥିବା ଗଞ୍ଜାମର ସ୍ଥିତି ୮୦ ଦଶକକୁ ଫେରିଯିବା ପରି ଅବସ୍ଥା ସୃଷ୍ଟି ହୋଇଛି। ଏପରିକି ବିଜେପି ନେତାମାନେ ହିଁ ଅପରାଧ ଭଳି ଘଟଣା ଘଟାଇବାକୁ ପଛାଉନାହାନ୍ତି। ନାବାଳିକା ଦୁଷ୍କର୍ମ ଭଳି ସଂଗୀନ ମାମଲାରେ ବିଜେପି ନେତାଙ୍କ ସମ୍ପୃକ୍ତି, ବାଲିଘାଟ ଠାରୁ ଟୋଲଗେଟ ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ଚାନ୍ଦା ମାଗିବା ସହିତ ଏଭଳି ଆଚରଣ ବିଜେପି ଦଳର ଆଦର୍ଶ କି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

### କାହାକୁ ସୁରକ୍ଷା...

ଯୋଡ଼ହସ୍ତରେ ସବୁ ଅଘଟଣ ନିମନ୍ତେ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏହି ଟ୍ୱିଟ୍ ପରେ ଜଗନ୍ନାଥଙ୍କ ଟ୍ୱିଟର୍ ଆକାଉଣ୍ଟ ଖୋଜିବା ଆରମ୍ଭ କରିଛନ୍ତି ଭକ୍ତ।

ଚଳିତ ରଥଯାତ୍ରାରେ ଯେଉଁ ବିଭ୍ରାଟ ଘଟିଲା ତାହା ଆଗରୁ କେବେ ଘଟିନଥିଲା। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭୋର ୪ଟା ପରେ ଦଳାଚକଟାରୁ ଲୋକଙ୍କ ଜୀବନ ଯିବା ପୁରୀ ଇତିହାସରେ ପ୍ରଥମ। ଘୋର ପ୍ରଶାସନିକ ଅବ୍ୟବସ୍ଥା, ବରିଷ୍ଠ ଅଧିକାରୀଙ୍କ ଦାୟିତ୍ୱହୀନତା ସର୍ବୋପରି ରାଜ୍ୟ ସରକାର ଏବଂ ମନ୍ତ୍ରୀସ୍ତରୀୟ କମିଟିର ହେୟଜ୍ଞାନ ମନୋବୃତ୍ତି କାରଣରୁ ଏତେବଡ଼ ଅଘଟଣ ଘଟିଥିବା କୁହାଯାଉଛି। ସରକାର ଚାହିଁଥିଲେ ଥିରେ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇପାରିଥାନ୍ତେ। ମାତ୍ର କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସରକାର କେବଳ ୨ ଜଣ ଓପିଏସଙ୍କୁ ନିଲମ୍ବନ କରି ନିଜ ଅସହାୟତାର ପ୍ରମାଣ ଦେଇଛନ୍ତି। ସରକାରଙ୍କ ଅସହାୟତା ଆଗକୁ ରାଜ୍ୟରେ ଘୋର ସଂକଟ ଆଣିପାରେ। ଯାହା ରାଜ୍ୟପାଇଁ ଭଲ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାର କାରଣ ଉଜାଗର ପାଇଁ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ଦେଇଛନ୍ତି। ମାତ୍ର ପୂର୍ବରୁ ବଡଠାକୁର ବଳଭଦ୍ର ଚାରମାଳ ଉପରେ ପଡ଼ିଯିବା, ଭରତପୁର ଥାନା ଘଟଣା, ଚିକିଟି ମଦମୃତ୍ୟୁ ପରି ତଦନ୍ତର ଇତିହାସ ଦେଖିଲେ ପୁରୀ ରଥଯାତ୍ରା ତଦନ୍ତ ରିପୋର୍ଟ ସାଧାରଣଙ୍କୁ ଆସିବ ତାହାକୁ ନେଇ ସନ୍ଦେହ ରହିଛି।

### ନନ୍ଦିଘୋଷ ରଥ...

ବାହାରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତି ମହାପାତ୍ର ବନ୍ଦାପନା, ଚାମର ଆଲଟ, ଘଷା ବିଡ଼ିଆ ଓ ଦହିପଟି ମଣୋହୀ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ଜଗମୋହନକୁ ବିଜେ କରି ଜୟବିଜୟ ଦ୍ୱାର ନିକଟକୁ ଆସିଥିଲେ। ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ସହ ଫେରିନଥିଲେ। ଏହାପରେ ଲକ୍ଷ୍ମୀ ଠାକୁରାଣୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଯାଇଥିଲେ। ସେଠାରେ ରଥର କିଛି ଅଂଶ ଭାଙ୍ଗିଥିଲେ। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହି ମହାନ ନୀତିକୁ ଭକ୍ତମାନେ ଦର୍ଶନ କରିଥିଲେ।


## ସତ୍ୟପାଠ

କୁଜଙ୍ଗ, ଜଗତସିଂହପୁର ଜିଲ୍ଲାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଦାଖଲ କରାଯାଇଥିବା ଶପଥପତ୍ର ସଂଖ୍ୟା ୨୪୪୦, ତାରିଖ ୦୧.୦୭.୨୦୨୫ ଅନୁଯାୟୀ, ମୁଁ ମଧୁସ୍ମିତା ସାହୁ, ସ୍ୱାମୀ- ରବି ନାରାୟଣ ସାହୁ, ଠିକଣା- ପ୍ଲଟ ନଂ.-୪୧, ଜିଜେଏଆଇ କଲୋନୀ, ମଧୁବନ, ଥାନା- ପାରାଦୀପ, ଜିଲ୍ଲା- ଜଗତସିଂହପୁର, ମୋର ନାମ ମଧୁସ୍ମିତା ବିଶ୍ୱାଳରୁ ମଧୁସ୍ମିତା ସାହୁକୁ ପରିବର୍ତ୍ତନ କରିଛି। ଏଣିକି ମୁଁ ସମସ୍ତ ଉଦ୍ଦେଶ୍ୟରେ ମଧୁସ୍ମିତା ସାହୁ ନାମରେ ପରିଚିତ ହେବି।
ସ୍ୱାକ୍ଷର/- ମଧୁସ୍ମିତା ସାହୁ

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2025025, ତା.24.06.2025ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳଗଡ଼ BG ରେଳ ଲିଙ୍କ ପ୍ରକଳ୍ପ ସମ୍ବନ୍ଧୀୟ ଅନୁଗୁଳ ଠାରେ ଉପ ମୁଖ୍ୟ ଯନ୍ତ୍ରୀ/ ନିର୍ମାଣ /II/ ଅନୁଗୁଳଙ୍କ ଅଧିନରେ କାର୍ଯ୍ୟାଳୟ ଭବନ, କ୍ୱାର୍ଟରଗୁଡ଼ିକର ନିର୍ମାଣ, ମରାମତି, ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 152.77 ଲକ୍ଷ, **EMD :** ₹ 2,26,400/-, **କାର୍ଯ୍ୟ ଶେଷ ହେବା ଅବଧି :** 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-47/CI/25-26

B-242

WORKS DEPARTMENT
OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No.SE 08 OF 2025-26**

1. Nature of work:- **Building Work**
2. Number of works: **1 ( One )**
3. Amount put to Tender: - **Rs. 97,82,200.00**
4. Class of Contractor: **B Class**
5. Date & Time of availability of bid document in the portal: **- Dt. 08.07.2025 at 10:00 AM**
6. Last Date / Time of receipt of bid in the portal: **- Dt. 17.07.2025 up to 04:00 PM**
7. Date of opening of bid : - **Dt. 18.07.2025 at 11:00 AM**
8. Name & address of the Office inviting bid: **- Superintending Engineer, Rairangpur (R&B)Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in."** All future corrigendum will be available on ONLINE mode only.

**Superintending Engineer**
**Rairangpur (R&B) Division**
*OIPR-34041/11/0010/2526*

n-89

**DISTRICT PROJECT OFFICE**
**SAMAGRA SHIKSHA: CUTTACK (ODISHA)**
**Phone Fax: 0671-2509937 / 2509934**
**E-mail: dpccuttackssa.opepa@nic.in & dpccuttack.ss@gmail.com**
ସମଗ୍ର ଶିକ୍ଷା Samagra Shiksha
**No. 3153/XXIV-2123 / Plg / Date 30.06.2025**

**NOTICE**

With reference to this office Advertisement No. 701 dated 17.02.2023, it is for information of all concerned that **the Final Merit List, Panel List & Reject list of candidates applied for Different Posts of** Netaji Subas Chandra Bose Awasiya Hostel (NSCBAH) Under Samagra Shiksha ,Cuttack are published in official Website https://www.osepa.odisha.gov.in & https://www.cuttack.odisha.gov.in respectively. The candidates placed at the **serial No. 1** in the final Merit list of the post of Warden, Part Time Teacher (Maths &Science), Part Time Teacher (Sanskrit & Hindi), Asst. Cook are directed to attend the District Project Office, Samagra Shiksha, 2nd Floor, Collectorate Building, Cuttack-02 on 15.07.2025 (Tuesday) at 11A.M with their original Certificates, Mark sheets & other documents for executing the agreements & undertakings. This Panel List shall have the validity of one year from the date of publication of this notice for consideration in event any vacancy arises in future.

**District Project Coordinator,**
**Samagra Shiksha, Cuttack**
**OIPR-27121/11/0009/2526**

## AFFIDAVIT

I, Duradana Bibi, aged about 58 years, W/o- Abu Taher Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1241, dtd- 30/06/2025 that now onwards I shall be known as **KANIJ FATMA** for all future purposes.

## AFFIDAVIT

By virtue of an affidavit Sl. No.- 1687/25, dtd. 13.06.2025 before Notary Public, Malkangiri, I, Mamani Mandal have changed my name from Mamoni Bachar, D/o- Manoranjan Bachar, MV-14, Tamasa, Malkangiri to Mamani Mandal, W/o- Shitu Mandal, MV-7, Tamasa, Malkangiri. Henefroth I shall be known as **Mamani Mandal** for all purposes.
**Sd/- Mamani Mandal**

## AFFIDAVIT

I, Mahaprangya Jain, aged about 46 years, S/o- Khemchand Jain, resident of Kantabanji, Po- Kantabanji, Ps- Kantabanji, Dist- Balangir, Odisha, Pin- 767039 declare by this affidavit No.1238, dtd- 30/06/2025, that now onwards I shall be known as **MAHAPRAGYA JAIN** for all future purposes.

## AFFIDAVIT

By virtue of an affidavit sworn before Notary Public, Titilagarh, dated 25.06.2025 I, Rajkishor Dash, At-Bandhapada, Po- Bandhapada, P.s-Deogaon, Dist- Balangir, Odisha, Pin- 767029 declare that I have changed my Son's name from Triyambaka Dash to Tryambak Dash. Henceforth, he shall be known as Tryambak Dash for all purposes.
**Rajkishor Dash**

## AFFIDAVIT

Shaik Faizulla, S/o- SK.Nurulla , Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 413, Dated -12.12.24 that now onwards I shall be known as **SK. FAIZULLA** for all future purposes.

## AFFIDAVIT

By virtue of an affidavit Sl. No.- 525, dtd. 30.06.2025 before the Executive Magistrate, Koraput, I, Shaym Sameli, have changed my minor son's name from Saiba Sameli to Saheb Sameli. Henefroth I shall be known as **Saheb Sameli** for all purposes.
**Sd/- Shyam Sameli**

## AFFIDAVIT

I, Kanija Bibi, aged about 58 years, W/o- Abu Taher Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1242, dtd- 30/06/2025 that now onwards I shall be known as **KANIJ FATMA** for all future purposes.

## AFFIDAVIT

I, Munataj Shaikh, aged about 67 years, S/o- Golam Tahir, resident of At/Po- Neulpur, Dharmasala, Jajpur, PIN- 755024, Odisha declared by this affidavit No. 531, dtd- 26/06/2025 that now onwards I shall be known as **SK MUNTAJ** for all future purposes.

## AFFIDAVIT

By virtue of an affidavit before The Executive Magistrate, Titilagarh, on dated- 30/06/2025. I, **Sashi Kumbhar,** aged about 48 years, S/O- Manchan Kumbhar, permanent resident of At- Sargiguda, Ward No.1, PO/PO- Titilagarh, Dist. Balangir, (Odisha), PIN- 767033 now residing at the same place affirm that I have changed my minor son's name from **Gulshan Kumbhar** (old name) To **Gulsan Ayush Kumbhar** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Gulsan Ayush Kumbhar** (new name).
**Sashi Kumbhar**

## AFFIDAVIT

I, Taher Khan, aged about 60 years, S/o- Alim Khan, resident of Walimian Mohallah, PO- Charinangal, PS- Balichandrapur, Dist- Jajpur, PIN- 754292, Odisha declared by this affidavit No. 1243, dtd- 30/06/2025 that now onwards I shall be known as **ABU TAHER KHAN** for all future purposes.

● ଗ୍ରାମ ବିବାଦରେ ଛନ୍ଦି ହେଲେ ଠାକୁର

# ଗୁଣ୍ଡିଚା ମନ୍ଦିର ବାରଣ; ରଥରେ ବସିଛନ୍ତି ଜଗନ୍ନାଥ



ଓଡ଼ଗାଁ,୧୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୋରପିଠା ଗ୍ରାମରେ ରାଜାରାଜୁଡ଼ା ଅମଳରୁ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଗ୍ରାମ ବିବାଦ କାରଣରୁ ଗୁଣ୍ଡିଚା ମନ୍ଦିର ବଦଳରେ ରଥରେ ବସି ରହିଛନ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା। ଜଗନ୍ନାଥ ମନ୍ଦିର କୋରପିଠା ସାମନ୍ତ ରାଜପରିବାର ତତ୍ତ୍ୱାବଧାନରେ ଦୈନନ୍ଦିନ ନୀତିକାନ୍ତି ସହିତ ସମସ୍ତ ପ୍ରକାର ଯାନିଯାତ୍ରା ଉତ୍ସବ ଆଦି ପରିଚାଳିତ ହେଉଥିଲା। କାଳକ୍ରମେ ରାଜ ପରିବାରର ପ୍ରାଧାନ୍ୟତା ହ୍ରାସ ପାଇବା ପରେ ରାଜ ପରିବାର ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟ ସମାପନ ହେଉଥିଲା। ଧିରେଧିରେ ଗ୍ରାମବାସୀ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ନିଜ ପ୍ରାଧାନ୍ୟତା ବୃଦ୍ଧିରେ ଲାଗି ପଡ଼ିଥିବା ବେଳେ ଠାକୁରଙ୍କ ନୀତି କାନ୍ତିରେ ଘୋର ବିଭ୍ରାଟ ଦେଖାଦେବା ସହିତ ୨୦୨୪ ମସିହାରେ ରଥଯାତ୍ରା ବନ୍ଦ ରହିଥିଲା। ହେଲେ ଚଳିତବର୍ଷ ଗୋଟିଏ ଗୋଷ୍ଠୀ ସମସ୍ତ ଗ୍ରାମବାସୀଙ୍କୁ ସାଥିରେ ନନେଇ ରଥଯାତ୍ରା କରିଥିଲେ। ଏପରିକି ସାମନ୍ତ ରାଜପରିବାର ରଥରେ ଛେରାପହଁରା କରି ଆସୁଥିବା ବେଳେ ତାଙ୍କର ପ୍ରତିନିଧିଙ୍କୁ ନନେଇ ଗ୍ରାମର ଲୋକନାଥ ମିଶ୍ରଙ୍କୁ ନେଇ ଛେରାପହଁରା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ରାଜପରିବାର ଗୁଣ୍ଡିଚା ମନ୍ଦିରକୁ ବନ୍ଦ ରଖିବା ସହିତ ଯେଉଁମାନେ ଏପରି ବିଭ୍ରାଟ ସୃଷ୍ଟି କରିଛନ୍ତି, ସେମାନେ ଗୁଣ୍ଡିଚା ମନ୍ଦିର ନିର୍ମାଣ କରି ଠାକୁରଙ୍କୁ ରଖନ୍ତୁ ବୋଲି କହିଥିଲେ। ଫଳରେ ପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ଗୁଣ୍ଡିଚା ମନ୍ଦିରକୁ ବିଜେ ନକରି ଖରାବର୍ଷାରେ ରଥ ଉପରେ ବସି ରହିଛନ୍ତୁ। ସମସ୍ତଙ୍କ ବଦଳରେ କିଛି ବ୍ୟକ୍ତିଙ୍କ ଇଛାରେ ପରମ୍ପରା ଭାଙ୍ଗି ରଥଯାତ୍ରା ଅନୁଷ୍ଠିତ କରିଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହିତ ପ୍ରଭୁଙ୍କ ଅସମ୍ମାନ ନେଇ ଦୁଃଖ ପ୍ରକାଶ କରିଛନ୍ତି।

# ଜଳନିଷ୍କାସନ ପଥରେ ପକ୍କା ଘର ନିର୍ମାଣ

## ଚାଉପଲ୍ଲୀ ଗ୍ରାମବାସୀଙ୍କ ରାସ୍ତାରୋକ ଚେତାବନୀ

ଖଣ୍ଡପଡ଼ା,୧୭ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଅନ୍ତର୍ଗତ ଚାଉପଲ୍ଲୀ ଗ୍ରାମ ନିକଟରେ ଜଣେ ବ୍ୟକ୍ତି ଜଳ ନିଷ୍କାସନ ପଥକୁ ଅବରୋଧ କରି ରାସ୍ତା ପାଶ୍ୱର୍ରେ ଏକ ସ୍ଥାୟୀ ପକ୍କା ଗୃହ ନିର୍ମାଣ କରିଥିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ରାସ୍ତାର ଗୋଟିଏ ପାଶ୍ୱର୍ରେ ଜମି ରହିଛି। ଫଳରେ ଏକର ଏକର ଚାଷ ଜମି ଜଳମଗ୍ନ ହେବା ସହ ତଳିଆ ଅଞ୍ଚଳରେ ଥିବା ବାସଗୃହରେ ପାଣି ପଶୁଛି। ଏନେଇ ଚାଉପଲ୍ଲୀ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଜଳ ନିଷ୍କାସନ ପଥରୁ ଅବରୋଧ ହଟାଇବା ନିମନ୍ତେ ଗ୍ରାମବାସୀ ସଂପୃକ୍ତ ବ୍ୟକ୍ତିଙ୍କୁ ବାରମ୍ବାର ଜଣାଇବା ସହ ଏ ସମ୍ପର୍କରେ ଖଣ୍ଡପଡ଼ା ପୁଲିସ ପ୍ରଶାସନ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହେଉଛି। ଏଭଳି ଅଭାବନୀୟ ପରିସ୍ଥିତିକୁ ନେଇ ଚାଉପଲ୍ଲୀ ଗ୍ରାମବାସୀ ଆଗାମୀଦିନରେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି। ଆସନ୍ତା ୨ ଦିନ ମଧ୍ୟରେ ଜଳ ନିଷ୍କାସନ ପଥରୁ ଅବରୋଧ ନହଟିଲେ ଚାଉପଲ୍ଲୀ ଗ୍ରାମବାସୀ ବାଧହୋଇ ରାସ୍ତାରୋକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କିତ ଦାବିପତ୍ର ଖଣ୍ଡପଡ଼ା ତହସିଲଦାର, ଥାନା କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲ୍ଲାପାଳଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସତ୍ୟବ୍ରତ ଜିଲ୍ଲା କଂଗ୍ରେସ ସଭାପତି



ନୟାଗଡ଼,୧୭ (ସମିସ): ନୟାଗଡ଼ ଜିଲ୍ଲା କଂଗ୍ରେସ ସଂଯୋଜକ ସତ୍ୟବ୍ରତ ନାୟକଙ୍କୁ ନୂତନ ଭାବେ ଜିଲ୍ଲା କଂଗ୍ରେସ ସଭାପତି ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ନାୟକ ପୂର୍ବରୁ ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସଂପାଦକ, ଯୁବ କଂଗ୍ରେସ୍ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଂପାଦକ ଓ ସାଧାରଣ ସଂପାଦକ, ଯୁବ ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ରାଜ୍ୟ ସଭାପତି ଭାବରେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏବେ ସେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ଯୁଗ୍ମ ସଧାରଣ ସମ୍ପାଦକ ଓ ଜାତୀୟ ସାଂଗଠନିକ ସଂପାଦକ ସହିତ ନୟାଗଡ଼ ଜିଲ୍ଲା ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିବେ। ସତ୍ୟବ୍ରତ ନାୟକଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଥିବାରୁ ଏହି ନୂତନ ନିଯୁକ୍ତି ପାଇଁ ଶ୍ରୀ ନାୟକ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହ ନୟାଗଡ ଜିଲ୍ଲାବାସୀଙ୍କ ଆଶୀର୍ବାଦ କାମନା କରିଛନ୍ତି।

## ଦେବୀ 'ସକାଳ' ଗଣିଆ ପ୍ରତିନିଧି

ନୟାଗଡ଼,୧୭ (ସମିସ): ଦୈନିକ 'ସକାଳ' ଖବରକାଗଜ ପକ୍ଷରୁ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ପ୍ରତିନିଧି ଭାବେ ଦେବୀପ୍ରସାଦ ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଉକ୍ତ ଅଞ୍ଚଳର ଖବରକାଗଜ ବିକ୍ରି, ବିଜ୍ଞାପନ ଓ ଖବର ସମ୍ବନ୍ଧୀୟ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ଦେବୀଙ୍କ ସହ ଯୋଗାଯୋଗ କରିପାରିବେ।

ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# ଛୁଟିରେ ଗଲେ ଓଏଏସ୍, ଓଆର୍‌ଏସ୍ ଅଧିକାରୀ

ନୟାଗଡ଼,୧୭ (ସମିସ)



ବିଜେପି କର୍ମୀଙ୍କ ଗୁଣ୍ଡାରାଜକୁ ନେଇ ରାଜ୍ୟରେ ସରଗରମ ସ୍ଥିତି ସୃଷ୍ଟି ହୋଇଥିବା ବେଳେ ନୟାଗଡ଼ ଜିଲ୍ଲାରେ ଏହାର ପ୍ରଭାବ ଗୁରୁତ୍ୱ ରଖିଛି। ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ହୋଇଥିବା ଆକ୍ରମଣର ତୀବ୍ର ପ୍ରତିବାଦ କରିଛି ଜିଲ୍ଲା ଓଡ଼ିଶା ପ୍ରଶାସନିକ ସେବା ସଂଘ। ଆଜିଠାରୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ୍ ଓ ଓଆରଏସ୍ ଅଧିକାରୀମାନେ କଳା ବ୍ୟାଜ୍ ପରିଧାନ କରିବା ସହ ସମୂହ ଛୁଟିରେ ରହିଛନ୍ତି। ନୟାଗଡ଼ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଛୁଟିରେ ଯିବା ପରେ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି। ଓଏଏସ୍‌ର ରାଜ୍ୟ ସଂଘ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନରୁ ଦୂରେଇ ରହିଥିଲା। ମାତ୍ର ଆଜି ନୟାଗଡ଼ରେ ସଂଘ ଆନ୍ଦୋଳନକୁ ଓହ୍ଲାଇବା ସହ ରାଜ୍ୟ ସଂଘର ନିଷ୍ପତ୍ତିକୁ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ସମାଲୋଚନା କରିଛନ୍ତି। ଓଏଏସ୍ ସଂଘ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତି ଦାସ ଗତକାଲିର ଘଟଣା ପରେ ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ତହସିଲଦାର, ବିଡିଓ ଓ କାର୍ଯ୍ୟରତ ଅନ୍ୟ ଅଧିକାରୀମାନେ ଭୟଭୀତ ଅବସ୍ଥାରେ ରହିଥିବା କହିଛନ୍ତି। ସେମାନେ ମଧ୍ୟ ଆକ୍ରମଣର ଶୀକାର ହୋଇପାରନ୍ତି ବୋଲି ଆଶଙ୍କା କରୁଛନ୍ତି। ଏଣୁ ରାଜ୍ୟ ସଂଘ ନେଇଥିବା ନିଷ୍ପତ୍ତିକୁ ଜିଲ୍ଲାସ୍ତରରେ ଗ୍ରହଣ କରିବା ସମ୍ଭବ ହୋଇନଥିଲା। କେବଳ ନୟାଗଡ଼ ନୁହେଁ ପ୍ରାୟ ୧୮ ଜିଲ୍ଲା ଏହି ପ୍ରତିବାଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହାସହ ରାଜ୍ୟ ସଂଘ ସଭାପତିଙ୍କ ନିକଟରେ ୮ ଦଫା ଦାବି ରଖାଯାଇଛି। ସେଗୁଡ଼ିକ ମଧ୍ୟରେ ଅତିରିକ୍ତ କମିଶନର ଶ୍ରୀ ସାହୁଙ୍କୁ ଆକ୍ରମଣ କରିଥିବା ସମସ୍ତ ଅଭିଯୁକ୍ତ ଓ ଏହି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ କରାଯିବା ଆବଶ୍ୟକତା ରହିଛି। ଜିଲ୍ଲାର କାର୍ଯ୍ୟରତ ସଂଘର ସମସ୍ତ ସଦସ୍ୟଙ୍କ ନିରାପତ୍ତା ପାଇଁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଆବଶ୍ୟକତା ରହିଛି। ଯେଉଁମାନେ ଅଧିକାରୀଙ୍କୁ ଆକ୍ରମଣ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହାସହ ରାଜ୍ୟ ସଂଘରେ ଦୀର୍ଘ ଦିନ ହେଲା ନିର୍ବାଚନ ହୋଇ ନାହିଁ। ଏଣୁ ମାସକ ମଧ୍ୟରେ ଏନେଇ ପଦକ୍ଷେପ ନିଆଯିବା ପାଇଁ ଦାବି କରାଯାଇଛି। ଏହି ଦାବି ଗୁଡ଼ିକ ପୂରଣ ନହେବା ପର୍ଯ୍ୟନ୍ତ ସଂଘ କଲମ ଛାଡ଼ ଆନ୍ଦୋଳନକୁ ଓହ୍ଲାଇବା ସହ ଅନର୍ଦ୍ଧିଷ୍ଟ କାଳ ପାଇଁ ଅଧିକାରୀମାନେ ଛୁଟିରେ ପଳାଇଛନ୍ତି। ଆଜି ପ୍ରଥମେ ସଂଘର ସମସ୍ତ ସଦସ୍ୟ ଏକାଠି ହୋଇ ବୈଠକ କରିବା ପରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦରଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟ ଓଆରଏସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

ନୟାଗଡ଼,୧୭ (ସମିସ): ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବିଗତ ବର୍ଷ ତଥା ୨୦୨୪-୨୫ରେ କାର୍ଯ୍ୟକାରୀ ହେଇଥିବା ସ୍ୱାସ୍ଥ୍ୟ ବିଭାଗ ସମସ୍ତ ମୁଖ୍ୟ ବିତରଣୀୟ ଉପରେ ସମୀକ୍ଷା କରିବା ସହିତ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁଶାନ୍ତ କୁମାର ଦାସ ଓ ଡା ପୁଷ୍ପାନୀଳିମା ଲାକ୍ରା, ଡା. ଶରତ କୁମାର ଦାଶ, ଡା. ବନମାଳୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବା ତଥା ଜିଲ୍ଲାକୁ ରାଜ୍ୟ ସ୍ତରରେ ଏକ ଉତ୍ତମ ସ୍ଥାନରେ ପହଞ୍ଚାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏହା ସହିତ ସମସ୍ତ ସ୍ୱାସ୍ଥ୍ୟ ବିଭାଗ ଉପସ୍ଥିତ ଥିବା ଅଧିକାରୀଙ୍କୁ ତାଗିଦ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ସହିତ ଏକ ଏମଆରଆଇ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେପରି ଭାବେ ସୁନାଖଳା ଓ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ସମସ୍ତ ଅନୁଦାନର ସଠିକ୍ ବିନିଯୋଗ କରିବା ସହିତ ଏହାର ଠିକ୍ ପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଡା. ନୌସଦ ଅଲ୍ଲୀ ଖାନ୍, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଓ ଅନ୍ୟ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରଅଧିକାରୀ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ଚୋରି ଘଟଣାରେ ୫ ଗିରଫ

ଭାପୁର,୧୭ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଉଁଶବାଟୀ ପଞ୍ଚାୟତ ବାଉଁଶବାଟୀ ନିକଟ ରାଜ୍ୟ ରାଜପଥ କଡରେ ଥିବା ହନୁମାନ ମନ୍ଦିରରୁ ଚୋରି କରି ପୁଲିସ ଦ୍ୱାରା ୨ ଗିରଫ ହେବା ସହ ଅନ୍ୟ କେତେକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ମିଶାଇ ମୋଟ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ବାଉଁଶବାଟୀ ଗ୍ରାମ ନିକଟ ରାସ୍ତା କଡରେ ଥିବା ଏହି ହନୁମାନ ମନ୍ଦିର ତାଲା ଭାଙ୍ଗି ଠାକୁରଙ୍କ ସମସ୍ତ ଅଳଙ୍କାର, ଘଣ୍ଟ, ଘଣ୍ଟି, ଥାଳି, ଗିନା ସହ ଅନେକ ଦାମୀ ସାମଗ୍ରୀ ୨୫ ତାରିଖ ରାତିରେ ଚୋରମାନେ ଚୋରି କରି ନେଇଥିଲେ। ମନ୍ଦିର ନିର୍ମାଣ କରିଥିବା ଆଡଭୋକେଟ ରାଜେଶ କୁମାର ସାମନ୍ତରାୟଙ୍କ ଫତେଗଡ ଥାନାରେ ଲିଖିତ ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତର ଭାର ଥାନା ଅଧିକାରୀ ପଞ୍ଚାନନ ପରିଡା ନେଇ ରାକମା ଗ୍ରାମ ଶବରସାହିର ନିଧି ନାଏକଙ୍କ ପୁଅ ଦୀପୁ ନାୟକ ଓ ଶାଳପଡା ଗ୍ରାମ ଶବରସାହିର ତୋଫାନ ନାଏକଙ୍କ ପୁଅ ପ୍ରତାପ ନାଏକଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଆଡ଼ିଆ ଗ୍ରାମର ଜଣେ ଯୁବକ ଫେରାର ରହିଛି। ସେହିପରି ଭାପୁର ଅଞ୍ଚଳରେ ବିଭିନ୍ନ ଚୋରି ଘଟଣାରେ ପାର୍ବତୀପୁର ଗ୍ରାମର ନାରାୟଣ ପରିଡ଼ା, ଚରଣ ପରିଡ଼ା ଓ ଏମାନଙ୍କ ସହଯୋଗୀ ଭାପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ସହ ଉପରୋକ୍ତ ଦୁଇ ଜଣ ମନ୍ଦିର ଚୋର ସମେତ ମୋଟ ପାଞ୍ଚ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

# ପୁଲିସ ମାଡ଼ରେ ଫାଟିଲା କାନ ଗିରି



ନୟାଗଡ଼,୧୭ (ସମିସ): ପୁଲିସ ମାଡ଼ରେ ଫାଟିଲା କାନ ଗିରି। ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ। ନୟାଗତ ଜିଲ୍ଲା ଫତେଗଡ ଥାନାରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ଫତେଗଡ କାଳିକାସାହିର ବନବାସ ସାଇଁଙ୍କ ୬ ବର୍ଷର ଝିଅ ତାଙ୍କ ପଡ଼ୋଶୀଙ୍କ ୫ ବର୍ଷର ପୁଅଙ୍କୁ ପେଲି ଦେବାରୁ ସେ ପଡ଼ିଯାଇ ଖଣ୍ଡିଆ ଖାବର ହୋଇଥିଲେ। ଏହାକୁ ନେଇ ପଡ଼ୋଶୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ଗତ ୧୨ ତାରିଖରେ ବନବାସ ଫତେଗଡ଼ ଥାନାକୁ ଯାଇଥିଲେ। ସେଠାରେ ଥାନାର ଜଣେ କର୍ମଚାରୀଙ୍କ ସହ କଥା ହେଉଥିବା ବେଳେ ଏଏସଆଇ ଅରୁପାନନ୍ଦ ନାୟକ ବନବାସଙ୍କୁ ପାଖକୁ ଡାକି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗାଲକୁ ୮ରୁ ୧୦ ଥର ଶକ୍ତ ଚାପୁଡା ମାରିଥିଲେ।। ଏହାସହିତ ବିଧା ଗୋଇଠା ମାରି ତାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ଥାନାରେ ବସାଇଥିଲେ। ପରେ ଅଭିଯୋଗକାରୀ ଥାନାରୁ ଏତଲା ଫେରାଇ ନେବା ପରେ ବନବାସଙ୍କୁ ଥାନାରୁ କର୍ମଚାରୀମାନେ ଛାଡି ଦେଇଥିଲେ। ଘରକୁ ଫେରିବା ପରେ ବନବାସ ଅସୁସ୍ଥ ଅନୁଭବ କରିବା ସହ ତାଙ୍କ କାନକୁ କିଛି ଶୁଭିନଥିଲା। ପରଦିନ ସେ ଖୋର୍ଦ୍ଧା ପରେ ନୟାଗଡ଼ ମେଡିକାଲକୁ ଆସି ଡାକ୍ତରଙ୍କୁ ଦେଖାଇବା ପରେ ତାଙ୍କର କାନ ଗିରି ଫାଟି ଯାଇଥିବା ଉଭୟ ସ୍ଥାନରେ ଡାକ୍ତର କହିଥିଲେ। ଚିକିତ୍ସିତ ହେବା ପରେ ବନବାସ ଫତେଗଡ଼ ଥାନାରେ ଏନେଇ ଅଭିଯୋଗ କରିବା ପାଇଁ ଯାଇଥିଲେ। ଥାନାରେ ତାଙ୍କ ଏତଲା ଗ୍ରହଣ କରାଯାଇନଥିଲା ବୋଲି ବନବାସ ଅଭିଯୋଗ କରିଛନ୍ତି। ସବୁଠାରୁ ଅଶ୍ଚର୍ଯ୍ୟଜନକ ଘଟଣା ହେଉଛି ଅରୁପାନନ୍ଦ ପୂର୍ବରୁ ଫତେଗଡ ଥାନାରେ କାମ କରୁଥିଲେ ମଧ୍ୟ ଘଟଣା ଘଟିବା ଦିନ ପୂର୍ବରୁ ତାଙ୍କର ଜଟଣୀ ଥାନାରୁ ବଦଳି ହୋଇସାରିଥିଲା ଏବଂ ସେ ସେଠାରେ ଜଏନ୍ କରି ସାରିଥିଲେ ବୋଲି ଜଣାପଡ଼ିଛି। ଏହା ସତ୍ତ୍ୱେ ଫତେଗଡ଼ ଥାନାରେ ସେହି ସମୟରେ କ'ଣ କରୁଥିଲେ ବୋଲି ପ୍ରଶ୍ନ ଉଠିଛି। ଏସ୍‌ଆଇ ଅରୂପ ପୂର୍ବରୁ ମଧ୍ୟ ଅନେକ ଲୋକଙ୍କୁ ମାଡ଼ ମାରିଥିବା ଘଟଣା ନଜିର ରହିଛି। ଥାନାରୁ ନ୍ୟାୟ ନପାଇ ବନବାସ ନିଜ ପରିବାର ସହ ନ୍ୟାୟ ପାଇଁ ଆଜି ଏସ୍‌ପିଙ୍କ ଅଫିସକୁ ଆସି ଅତିରିକ୍ତ ଏସପି ସନାତନ କାଲୋଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଏସପି ଘଟଣାର ଗୁରୁତ୍ୱକୁ ଦେଖି ଖଣ୍ଡପଡା ଏସ୍‌ଡିପିଓଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଉଛନ୍ତି। ସମ୍ପୃକ୍ତ ଏସଆଇଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ବନବାସଙ୍କ ପରିବାର ଦାବି କରିଛନ୍ତି।

ଖଣ୍ଡପଡ଼ା ବିଧାୟକଙ୍କ ଫଳକ ରାଜନୀତି

## ଅନୁଦାନ ନ ଥାଇ ଫାଟକ ଶିଳାନ୍ୟାସ



ନୟାଗଡ଼,୧୭ (ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ବିଧାୟକଙ୍କ ଫଳକ ରାଜନୀତି ଚର୍ଚ୍ଚିତ ହେଉଛି। କେଉଁଠି ଅର୍ଥ ଅନୁଦାନ ନଥାଇ ଶିଳାନ୍ୟାସ ହେଉଛି ତ କେଉଁଠି ଟଙ୍କାଟିଏ ନ ଦେଇ ଫିତାକାଟି ସାବାସୀ ନେଉଛନ୍ତି। ଗତକାଲି ଭାପୁର ବ୍ଲକ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ କଲେଜ ଟିକିରିପଡାଠାରେ ଖଣ୍ଡପଡା ବିଧାୟକ ପହଞ୍ଚି ଟଙ୍କାଟିଏ ଦେଇନଥିବା ଏକ ଆକ୍ୱାଗାର୍ଡ ତଥା ପାନୀୟ ଜଳ ମେସିନକୁ ଉଦ୍‌ଘାଟନ କରିଥିଲେ। କଲେଜର ନିଜସ୍ୱ ପାଣ୍ଠିରୁ ପ୍ରାୟ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କଲେଜ ମେନ୍‌ଗେଟ୍‌ର ଶିଳାନ୍ୟାସ କରିଥିଲେ। ନିଜେ ତ ଯାହା ପ୍ରଶଂସା ପାଇଲେ ପାଇଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ସାଙ୍ଗରେ ଶିଳାନ୍ୟାସ ସ୍ଥାନକୁ ଡାକି ନେଇ ତାଙ୍କର ସମ୍ମାନ ହାନୀ ମଧ୍ୟ କରାଇଲେ। ଫଳକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ନାମ ନଥିବାରୁ ସେ ଅପମାନ ବୋଧ କରି ଶିଳାନ୍ୟାସ ସ୍ଥାନରୁ କଲେଜ ସଭାକୁ ନଯାଇ ଘରକୁ ଫେରି ଆସିଥିଲେ।

## ଖୋଲିଲା ବନାଞ୍ଚଳ ଚାରା ବିତରଣ କେନ୍ଦ୍ର

ଓଡ଼ଗାଁ,୧୭ (ସମିସ): ନୟାଗଡ଼ ଜିଲ୍ଲା ବନଖଣ୍ଡ ଓଡ଼ଗାଁ ବନାଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁକ୍ରମରେ ଖୋଲିଲା ଚାରା ବିତରଣ କେନ୍ଦ୍ର। ଓଡ଼ଗାଁ ବନାଞ୍ଚଳ କେନ୍ଦ୍ର ସାମ୍ନାରେ ସ୍ୱତନ୍ତ୍ର ଭାବେ ନିର୍ମିତ ଏକ କେନ୍ଦ୍ରରେ ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶଙ୍କ ଉପସ୍ଥିତିରେ ବନପାଳ ସରିତା ବରାଳ, ବନରକ୍ଷୀ ସୌମ୍ୟରନ ଦଳେଇଙ୍କ ସମେତ ସମସ୍ତ ବନକର୍ମଚାରୀ ଓ ସାଧାରଣ ଜନତାଙ୍କ ଉପସ୍ଥିତିରେ କେନ୍ଦ୍ର ଉଦଘାଟିତ ହେବା ସହିତ ଚାରା ବିତରଣ ଆରମ୍ଭ ହୋଇଛି। ପ୍ରତି ଛୋଟ ଜରି ଗଛ ୧ ଟଙ୍କା ଓ ବଡ଼ ଜରି ଗଛ ପିଛା ୨ ଟଙ୍କା ବିନିମୟରେ ପ୍ରଦାନ କରାଯାଉଛି। ଏହା ଦୀର୍ଘଦିନ ଧରି ଚାଲିବା ସହିତ ରଥ ମାଧ୍ୟମରେ ବିଭିନ୍ନ ଗ୍ରାମକୁ ଯାଇ ବିତରଣ ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି କୋରପିଠା ଗ୍ରାମରେ ରଥ ପହଞ୍ଚି ଚାରା ବିତରଣ କରିଥିବା ଜଣାଯାଇଛି।

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# କର୍ମଚାରୀଙ୍କୁ ମିଳିଲାନି ଜୁନ୍ ମାସର ଦରମା

ନୟାଗଡ଼,୧୭ (ସମିସ)




ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ କିଛି ରାଜନୈତିକ ବ୍ୟକ୍ତିଙ୍କ ପ୍ରରୋଚନାରେ ପରିଚାଳନା ପରିଷଦ ସହ ବିବାଦ କରିବା କର୍ମଚାରୀଙ୍କ ପାଇଁ ମହଙ୍ଗା ପାଲଟିଛି। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଜୁନ ମାସର ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚ ନ୍ୟାୟାଳୟ କାମଚଳା ବଜେଟ ଉପରେ ସ୍ଥଗିତାଦେଶ ଲଗାଇଥିବାରୁ ଜୁନ ମାସର ଦରମା କାହାରିକୁ ମିଳିପାରିନଥିବା ସୂଚନା ମିଳିଛି। ଯାହାକୁ ନେଇ କର୍ମଚାରୀଙ୍କ ମହଲରେ ଗଭୀର ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ସମବାୟକୁ ନେଇ ରାଜନୀତି କରିବା ଚାଷୀ ଓ ବ୍ୟାଙ୍କ ପାଇଁ ମହଙ୍ଗା ପଡୁଛି। ରାଜ୍ୟ ସମବାୟ ବ୍ୟାଙ୍କ ଭଳି ଅନେକ ବ୍ୟାଙ୍କ ପରିଚାଳନା ପରିଷଦକୁ ନିଲମ୍ବନ ତଥା ଗୌଣ କରିବାକୁ ଉଦ୍ୟମ କରିବା ଘଟଣା ବିଗତ ଦିନରେ ଦେଖିବାକୁ ମିଳିଥିଲା। ଏହା ଏବେ ସମବାୟ ବ୍ୟାଙ୍କ ଗୁଡ଼ିକ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସେମାନଙ୍କ ବାର୍ଷିକ ବ୍ୟୟକୁ କାମଚଳା ବଜେଟ ମାଧ୍ୟମରେ ଓଡ଼ିଶା ସମବାୟ ବ୍ୟାଙ୍କରୁ ଅନୁମୋଦନ କରିବାକୁ ପଠାଇଥିଲେ। ଓଏସସିବି ପରିଚାଳନା ପରିଷଦ ତଥା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଅଜାଣତରେ ବ୍ୟାଙ୍କ ଏମ୍‌ଡି ଉକ୍ତ କାମଚଳା ବଜେଟକୁ ଅନୁମୋଦନ କରିଥିଲେ। ଯାହାକୁ ନେଇ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହାର ଶୁଣାଣି କରିବା ସହ କାମଚଳା ବଜେଟ ଉପରେ ସ୍ଥଗିତାଦେଶ ପ୍ରଦାନ କରିଛନ୍ତି। କାମଚଳା ବଜେଟକୁ ନେଇ କୌଣସି ନେଣଦେଣ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତ। କାମଚଳା ବଜେଟକୁ ନେଇ ଚଳିତ ଆର୍ଥିକ ବର୍ଷର କାର୍ଯ୍ୟ ଚାଲୁ ରହିଥିବା ବେଳେ ଏହାକୁ ସାଧାରଣ ସଭାରେ ଉପସ୍ଥାପନ କରାଯାଇନାହିଁ। ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତା ଦେଶ ପରେ କାମଚଳା ବଜେଟକୁ ନେଇ କେନ୍ଦ୍ର ସମବାୟ ବ୍ୟାଙ୍କ ନିୟମିତ ଖର୍ଚ୍ଚ ଉପରେ ଏବେ ରୋକ ଲାଗିଛି। କେନ୍ଦ୍ର ସମବାୟ ବ୍ୟାଙ୍କ କିଛି ଖର୍ଚ୍ଚ କରି ପାରିବେ ନାହିଁ ବୋଲି ଜଣାପଡ଼ିଛି। ଉଚ୍ଚ ନ୍ୟାୟାଳୟ କାମଚଳା ବଜେଟ ଉପରେ ସ୍ଥଗିତାଦେଶ ପ୍ରଦାନ କରିବା ପରେ ଆଜି ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଏନେଇ ଜିଲ୍ଲାପାଳ ଓ ବ୍ୟାଙ୍କ ସମ୍ପାଦକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଥିଲେ। ଯାହାକୁ ନେଇ ବ୍ୟାଙ୍କ ପକ୍ଷରୁ କୌଣସି ଖର୍ଚ୍ଚ କରାଯାଇପାରିନାହିଁ। ଶତାଧିକ ବ୍ୟାଙ୍କ କର୍ମଚାରୀ ଜୁନ ମାସ ବେତନ ପାଇ ପାରିନାହାନ୍ତି।

● ରାସ୍ତା ନିର୍ମାଣରେ ଅନିୟମିତତା

# କଂକ୍ରିଟ୍ ରାସ୍ତାରେ ଜମୁଛି ପାଣି



ଗଣିଆ,୧୭ (ସମିସ): ଜନସାଧାରଣଙ୍କ ସୁବିଧାରେ ଯାତାୟାତ ପାଇଁ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଏ। କଂକ୍ରିଟ ରାସ୍ତା ନିର୍ମାଣ ଫଳରେ ଆଉ କାଦୁଅ ହେବାର ଭୟ ନଥାଏ କି ଯାତାୟତରେ ଅସୁବିଧା ହୁଏ ନାହିଁ। ତେବେ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରି ମଧ୍ୟ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବେଲପଡାପାଟଣା ପଞ୍ଚାୟତ ପୂର୍ତ୍ତବିଭାଗ ରାସ୍ତାଠାରୁ ଦଶିପୁର ଗ୍ରାମର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ମୁର ହୋଇଥିଲା। ଗତ ୫ ଦିନ ତଳେ ଏହି ରାସ୍ତା ନିର୍ମାଣ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ରାସ୍ତା ନିର୍ମାଣରେ ଅନିୟମିତତା ଦେଖିବାକୁ ମିଳିଛି। ରାସ୍ତାର ଦୁଇ ପାଶ୍ୱର୍ ଉଚ୍ଚା କରି ମଝି ରାସ୍ତା ତଳୁଆ କରାଯାଇଥିବାରୁ ରାସ୍ତା ମଝିରେ ପାଣି ଜମି ରହୁଛି। ଲଗାଣ ବର୍ଷା ହେଲେ ପାଣି ଭର୍ତ୍ତି ହୋଇ ସେହି ବାଟ ଦେଇ ଯାତାୟତ ଅସମ୍ଭବ ହୋଇପଡୁଛି। ନିର୍ମାଣ ସମୟରେ ରାସ୍ତାର ଉଭୟ ପାଶ୍ୱର୍ର ଉଚ୍ଚତା ବହୁତ୍ କମ୍ ଥିବା ବେଳେ ମଝି ଅଂଶରେ ଖାଲୁଆ ହୋଇଥିବାରୁ ଏଭଳି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷା ପ୍ରବଳ ଥିବାରୁ ସେହି ରାସ୍ତା ଦେଇ ଯାତାୟତ ଅସମ୍ଭବ ହୋଇପଡିବ ଏଥିରେ ସନ୍ଦେହ ନାହିଁ। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆଉଥରେ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

■ ଉପେନ୍ଦ୍ର ପାହାଡ଼ସିଂହଙ୍କ ପ୍ରତମୂର୍ତ୍ତି ସ୍ଥାପନ ଦାବି

## ଶ୍ରାଦ୍ଧବାର୍ଷିକୀରେ କୃତବିଦ୍ୟଙ୍କୁ ସ୍ମାରକୀ ସମ୍ମାନ



**ଖୋର୍ଦ୍ଧା,୧।୭ (ସମିସ):** ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆକାଶବାଣୀ(ଅଲ୍ ଇଣ୍ଡିଆ ରେଡିଓ) ର ଖ୍ୟାତନାମା ଓଡ଼ିଆ ସମ୍ବାଦ ଉଦ୍‌ଘୋଷକ ସ୍ୱର୍ଗତ ଉପେନ୍ଦ୍ର କୁମାର ପାହାଡ଼ସିଂହଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉତ୍ସବ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ସାଂସଦ ତଥା କବି ଡ. ପ୍ରସନ୍ନ କୁମାର ପାଟଶାଣୀ ସ୍ୱର୍ଗତ ପାହାଡ଼ସିଂହଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ ସ୍ୱର୍ଗତ ଉପେନ୍ଦ୍ର କୁମାର ପାହାଡ଼ସିଂହଙ୍କ ନିଜ ଜନ୍ମସ୍ଥାନ ତରାବୋଇ ହୋଇଥିବାରୁ ଖୋର୍ଦ୍ଧାର ବରପୁତ୍ର ଭାବେ ସହରରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସେ ନିବେଦନ କରିଥିଲେ। କିଛି ବର୍ଷ ତଳେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପକ୍ଷରୁ ସ୍ୱର୍ଗତ ପାହାଡ଼ସିଂହଙ୍କୁ ସମ୍ବର୍ଦ୍ଧିତ କରାଯିବା ମୁହୂର୍ତ୍ତର ସ୍ମୃତିଚାରଣ କରିଥିଲେ। ଏହି ଉତ୍ସବରେ ରେଡିଓ ସଂସ୍କୃତିକୁ ଚିରସବୁଜ ଓ ଚିରସ୍ଥାୟୀ କରି ରଖିବା ପାଇଁ ଓଡ଼ିଶାରେ ପ୍ରୟାସ ଜାରି ରଖିଥିବା ସୁବ୍ରତ କୁମାର ପତି, ସାମ୍ବାଦିକ ତଥା ସାହିତ୍ୟିକ ସମରେନ୍ଦ୍ର ବଳିଆରସିଂହ ଓ ସମାଜସେବୀ ଶ୍ରୀରଞ୍ଜନ ମଙ୍ଗରାଜଙ୍କୁ ଉପେନ୍ଦ୍ର କୁମାର ପାହାଡ଼ସିଂହ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରାଯାଇଥିଲା।

'ୟୁନିଫର୍ମ ସିଭିଲ କୋଡ୍‌ର ସାମ୍ପ୍ରତିକ ଆବଶ୍ୟକତା ଅଥବା ଅସାମ୍ବିଧାନିକ' ପ୍ରସଙ୍ଗରେ ତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ରୁକ୍‌ସାନା ଫରିନ୍, ଦ୍ୱିତୀୟରେ ପ୍ରଜ୍ଞାପ୍ରଜନା ପଢ଼ିଆରୀ, ତୃତୀୟରେ ନିହାରକାନ୍ତ ସାହୁ ପ୍ରଭୃତିଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟ ଅଧିବକ୍ତା ପ୍ରଶାନ୍ତ ବର୍ମା, ବରିଷ୍ଠ ଶିକ୍ଷାବିତ୍ ଭୀମସେନ ପ୍ରଧାନ, କଳିଙ୍ଗ ପାଇକ ସଂଗଠନର ଉପସଭାପତି ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ଡ. ରାଜେନ୍ଦ୍ର ସାମନ୍ତରାୟ ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନେ ଉପେନ୍ଦ୍ର ପାହାଡ଼ସିଂହଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ଗୁଣାବଳିର ଚର୍ଚ୍ଚା କରିଥିଲେ। ଉତ୍ସବର ସଫଳତା ପାଇଁ ସଭାରେ ଉପସ୍ଥିତ ଅତିଥି ତଥା ଛାତ୍ରଛାତ୍ରୀମାନଙ୍କୁ ଉପେନ୍ଦ୍ର ପାହାଡ଼ସିଂହଙ୍କ ସୁପୁତ୍ର ଦିଲ୍ଲୀପ ପାହାଡ଼ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅର୍ଚ୍ଚିତା ମହାରଣା ଶ୍ରାଦ୍ଧବାର୍ଷିକ ଉତ୍ସବର ସଂଯୋଜନା କରିଥିଲେ। ସନ୍ଦୀପ ମାନସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମହାପ୍ରଭୁଙ୍କ ହେରାପଞ୍ଚମୀ ନୀତି

## ରଥ ଭାଙ୍ଗିଲେ ଅଭିମାନୀ ମା' ମହାଲକ୍ଷ୍ମୀ



**ଜଟଣୀ,୧।୭ (ସମିସ):** ଜଟଣୀ ଲବଣଗିରି ଜଗନ୍ନାଥ କ୍ଷେତ୍ରରେ ହେରାପଞ୍ଚମୀ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ନିଜ ଭାଇ-ଭଉଣୀଙ୍କୁ ନେଇ ଗୁଣ୍ଡିଚା ମନ୍ଦିରକୁ(ପାଞ୍ଚଗାଁ) ନବ ଦିନାତ୍ମକ ଯାତ୍ରାରେ ଯାଇଛନ୍ତି। ପରମ୍ପରା ଅନୁସାରେ, ମାଉସୀ ମା' ଘରେ ପୋଡ଼ପିଠା ଖାଇ ଅନ୍ନଦାତ୍ରୀ ମା' ଲକ୍ଷ୍ମୀଙ୍କୁ ମହାପ୍ରଭୁ ପାସୋରି ଯାଇଛନ୍ତି। ଯେଉଁ କାରଣରୁ କ୍ରୋଧ କରି ମା' ଲକ୍ଷ୍ମୀ ମଙ୍ଗଳବାର ହେରାପଞ୍ଚମୀରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ନିଜର ଅଭିମାନ ପ୍ରକାଶ କରିଛନ୍ତି। ଏହି ସମୟରେ ବଡ଼ ଭାଇ ବଳଭଦ୍ର ନିଜ ମୁହଁ ଘୋଡ଼ାଇ ରଖି ଲକ୍ଷ୍ମୀଙ୍କ କ୍ରୋଧରୁ ବଞ୍ଚିବା ସହ ଓଡ଼ିଆ ପରମ୍ପରା ଅନୁଯାୟୀ ଭାଇ ଓ ଭାଇବୋହୂଙ୍କ ମିଳନକୁ ଦେଖିବାରୁ ନିଜକୁ ନିବୃତ ରଖିଥିଲେ। ପରେ ମା' ଲକ୍ଷ୍ମୀ ନନ୍ଦିଘୋଷ ରଥକୁ ଭାଙ୍ଗି ଲବଣଗିରି ଉପରେ ନିଜ ମନ୍ଦିରକୁ ବାହୁଡ଼ି ଯାଇଛନ୍ତି। ଲବଣଗିରି ଜଗନ୍ନାଥ କ୍ଷେତ୍ରରେ ତଥା ପାଞ୍ଚଗାଁ ଗୁଣ୍ଡିଚା ମନ୍ଦିରଠାରେ ମହାପ୍ରଭୁଙ୍କର ଏହି ମାନବୀୟ ଲୀଳା ଦେଖିବାକୁ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ଜମିଥିଲା।

**ବାଲୁଗାଁ:** ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍କନାଥଦେବ ବିଶରପାଟଣାସ୍ଥିତ ଗୁଣ୍ଡିଚା ମନ୍ଦିରରେ ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି ମହାପ୍ରଭୁ। ସେଠାରେ ଦୈନନ୍ଦିନ ନୀତିକାନ୍ତି ହେଉଥିବାବେଳେ ପଞ୍ଚମ ଦିବସ ମଙ୍ଗଳବାର ହେରାପଞ୍ଚମୀ ଉତ୍ସବର ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି। ମା' ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଏକାକୀ ଛାଡି ବଡ଼ଭାଇ ଓ ଭଉଣୀଙ୍କୁ ସାଥିରେ ନେଇ ମହାପ୍ରଭୁ ଗୁଣ୍ଡିଚା ଘର ତଥା ଜନ୍ମବେଦୀକୁ ଯାତ୍ରା କରିଥିବାରୁ ଧର୍ମପତ୍ନୀ ମା' ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ଉପରେ ରୋଷ କରିବାର ଏକ ମାନବୀୟ ଲୀଳାର ନିଆର ଉତ୍ସବ କେବଳ ଜଗନ୍ନାଥ



ସଂସ୍କୃତିରେ ଦେଖିବାକୁ ମିଳେ। ମହାପ୍ରଭୁଙ୍କ ବାହାଘର ପରେ ଗଣ୍ଠିଆଳ ଫିଟି ନ ଥିବାବେଳେ ଭାଇ-ଭଉଣୀଙ୍କ ସହ ରଥରେ ଜନ୍ମବେଦୀକୁ ଯାତ୍ରା କରିଥିଲେ। ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ସହିତ ମା'ଙ୍କ ଭେଟ ହେବାରେ ମା'ଙ୍କୁ ଦେଖି ପ୍ରଭୁ ଦଶମୀ ତିଥିରେ ଫେରିବାକୁ କହି ଆଜ୍ଞାମାଳ ଧରି ରତ୍ନ କବାଟ ବନ୍ଦ କରି ଦେଇଥିଲେ। ଏହାକୁ ମା' ସହ୍ୟ କରି ନ ପାରି ରାଗରେ ଫେରିବାବେଳେ ନନ୍ଦିଘୋଷ ରଥର ଚକ ଭାଙ୍ଗି ବିନା ବାଜା ରୋଷଣୀରେ ଶ୍ରୀମନ୍ଦିରକୁ ଫେରି ଆସି ପ୍ରଭୁଙ୍କ ବାହୁଡ଼ାକୁ ଅପେକ୍ଷା କରି ରୁହନ୍ତି ଏବଂ ବାହୁଡ଼ା ଦିନ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବଡ଼ ଦେଉଳର କବାଟ କିଳି ଦେଇଥା'ନ୍ତି। ଜଗନ୍ନଥ ସଂସ୍କୃତିର ଏହି ଅପୂର୍ବ ମାନବୀୟ ଲୀଳାକୁ ଉପଭୋଗ କରିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଉତ୍ସବରେ ପୂଜକ ଚନ୍ଦ୍ରଶେଖର ହୋତା ଶ୍ରୀଜୀଉମାନଙ୍କ ନୀତିକାନ୍ତି କରୁଥିବାସ୍ଥଳେ ମନ୍ଦିର ପରିଚାଳନା କମିଟି ତରଫରୁ କମିଟି ସଦସ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର, ଦାଶରଥି ସାହୁ, ସୋମନାଥ ହୋତା, ବାଳମୁକୁନ୍ଦ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଶ୍ରୀଚରଣ ଚକାଦେବଙ୍କ ମନ୍ଦିରରେ ଏହି ହେରାପଞ୍ଚମୀ ନୀତି ପାଳିତ ହୋଇଯାଇଛି।

**ଖୋର୍ଦ୍ଧା:** ମହାପ୍ରଭୁ ଶ୍ରୀଅନନ୍ତ ପୁରୁଷୋତ୍ତମ ବଡ଼ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ୯ଦିନ ଯାତ୍ରାରେ ଆସି ଏବେ ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ରୁକୁଣା ଏକାଦଶୀ ତିଥିରେ ମହାଲକ୍ଷ୍ମୀଙ୍କ ସହ ବିବାହୋତ୍ସବ ପରେ ଦେବସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଉପଚାରରେ ସୁସ୍ଥ ହେବା ପରେ ମହାଲକ୍ଷ୍ମୀଙ୍କୁ ନ ଜଣାଇ ଭାଇ-ଭଉଣୀଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚାଯାତ୍ରାରେ ବାହାରି ଆଡ଼ପ ଘରେ ରହିଛନ୍ତି। ସେଠାରେ ମହାପ୍ରଭୁଙ୍କ ନୀତିକାନ୍ତି ଚାଲିଛି। ଏନେଇ ଅଭିମାନୀ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ପବିତ୍ର ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଥିଲା। ସେହି ସମୟରେ ମହାପ୍ରଭୁଙ୍କ ଟେରା ପଡ଼ିଥିବାରୁ ଦର୍ଶନ ନ ପାଇ ଅଭିମାନରେ ରଥର କିଛି ଅଂଶ ଭାଙ୍ଗି ଲୁଚି ଲୁଚି ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ହେରାପଞ୍ଚମୀ ଲାଗି ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ବିମାନରେ ବିଜେ ହୋଇ ଗୁଣ୍ଡିଚା



ମନ୍ଦିରକୁ ଆସିଥିଲେ। ରଥ ନିକଟରେ ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ନବଶୁଦ୍ଧୀ ଅଧରମାଳ, ବନ୍ଦାପନା ନୀତି ପରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ସେହି ସମୟରେ ମହାପ୍ରଭୁଙ୍କ ନୀତି ଚାଲିଥିବାରୁ ଦ୍ୱାର ପଡ଼ିଥିଲା। ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଅଭିମାନ କରି ବାହୁଡ଼ିବାବେଳେ ରଥର କିଛି ଅଂଶ ଭାଙ୍ଗି ମନ୍ଦିରକୁ ବାହୁଡ଼ି ଯାଇଥିବା ଦେଖାଯାଇଛି।

**ଭୂଷଣ୍ଡପୁର:** ଟାଙ୍ଗୀ ବ୍ଲକ୍ ଭୂଷଣ୍ଡପୁରଠାରେ ଅନୁଷ୍ଠିତ ଦାରୁବ୍ରହ୍ମ ରଥଯାତ୍ରାର ମଙ୍ଗଳବାର ପଞ୍ଚମୀ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ଛାଡ଼ି ଭାଇ-ଭଉଣୀଙ୍କୁ ସାଥିରେ ଧରି ନବ ଦିନାତ୍ମକ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବାରୁ ଅଭିମାନରେ ମା' ପ୍ରଭୁଙ୍କୁ ଫେରାଇନେବାକୁ ଆସନ୍ତି। କିନ୍ତୁ ୯ ଦିନର ଯାତ୍ରା ସମ୍ପନ୍ନ କରି ଫେରେବେ ବୋଲି ପ୍ରଭୁ କହିବାରୁ ମା' ଫେରିଲାବେଳେ ନନ୍ଦିଘୋଷ ରଥ ଭାଙ୍ଗିଦେଇ ଫେରିଛନ୍ତି। ଦାରୁବ୍ରହ୍ମ ରଥଯାତ୍ରାର ତାରିଣୀ ମନ୍ଦିର ନିକଟରେ ଥିବା ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ଜଗନ୍ନାଥଙ୍କର ଦ୍ୱାରଫିଟା, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ମଧ୍ୟାହ୍ନ ଧୂପ ପରେ ସନ୍ଧ୍ୟା ଆଳତି ହୋଇଥିଲା। ସମସ୍ତ ନୀତିକାନ୍ତିକୁ ଟ୍ରଷ୍ଟର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ରାତିରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ଓଡ଼ିଶୀ, ଗୋଟିପୁଅ, ଭଜନ, ପାଲା, ଦାସକାଠିଆ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।



● ବନ୍ଧାପୋଖରୀ ନିକଟରୁ ମୃତଦେହ ଉଦ୍ଧାର ଘଟଣା

## ପଚରାଉଚରାରେ ବିତିଲାଣି ୩ ଦିନ

### ଅଭିଯୁକ୍ତ ନିକଟରେ ପହଞ୍ଚିପାରୁନି ପୁଲିସ

**ଖୋର୍ଦ୍ଧା,୧।୭ (ସମିସ):** ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବନ୍ଧାପୋଖରୀ ନିକଟ ରାସ୍ତା ପାର୍ଶ୍ୱରୁ ରବିବାର ସକାଳୁ ଜଟଣୀ ଥାନା ବିକାଶନଗରର ହିରଣ୍ୟ ବେହେରା ଓରଫ ଗୁଡୁ (୨୯) ମୃତଦେହ ଉଦ୍ଧାର ଘଟଣାକୁ ୩ଦିନ ବିତିଛି। ପଚରାଉଚରାରେ ପୁଲିସ ୩ ଦିନ ବିତାଇଥିବାବେଳେ ଏଯାବତ୍ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ୩ଟି ଟିମ୍ ଗଠନ କରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ତଦନ୍ତ ଜାରି ରଖିଛି। ଘଟଣା ସମ୍ପର୍କରେ ପୁଲିସ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରିଥିବା ଜଣାଯାଇଛି। ମାତ୍ର ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ନିକଟରେ ପୁଲିସ ପହଞ୍ଚି ପାରିନି। ପୁଲିସ ଘଟଣାସ୍ଥଳରୁ ଜବତ କରିଥିବା ମୃତକଙ୍କ ମୋବାଇଲ୍, ପଟେ ଚପଲ ଏବଂ ରକ୍ତଭିଜା ଗାମୁଛାକୁ ଧରି ତଦନ୍ତ ଜାରି ରଖିଛି। ମୋବାଇଲ୍‌ରୁ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବାବେଳେ ଏଥିରେ ସମ୍ପୃକ୍ତ ଅପରାଧୀଙ୍କ ଚେର ପୁଲିସ ହାତରେ ଲାଗିଥିବା କୁହାଯାଉଛି। ଖୁବ୍‌ଶୀଘ୍ର ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟମାନଙ୍କୁ ଗିରଫ କରିବ ବୋଲି ଏସ୍‌ଡିପିଓ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ନିଶା କାରବାରକୁ ନେଇ ଜଟଣୀ ଥାନା ଅଞ୍ଚଳରେ ଗୁଡୁକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇ ଏକ ଟାଟାଏସିଇ ଭ୍ୟାନ୍ ଯୋଗେ ଖୋର୍ଦ୍ଧା ଅଣାଯାଇ ବନ୍ଧାପୋଖରୀ ନିକଟରେ ଫୋପାଡ଼ିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ମିଳିଛି।

ପ୍ରକାଶ ଥାଉକି, ଗତ ରବିବାର ସକାଳ ପ୍ରାୟ ୬ଟାରେ ପୋଖରୀ ନିକଟ ରାସ୍ତାକଡ଼ରୁ ଜଟଣୀ ଥାନା ବିକାଶନଗରରେ ରହୁଥିବା ରେଙ୍ଗଳର ଦିଲ୍ଲୀପ ବେହେରାଙ୍କ ବଡ଼ପୁଅ ହିରଣ୍ୟ ବେହେରା ଓରଫ ଗୁଡୁ (୨୯)ଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ପ୍ରଥମେ ପରିଚୟ ମିଳି ନ ଥିବାବେଳେ କିଛି ସମୟ ପରେ ସେ ଜଟଣୀର ବୋଲି ଚିହ୍ନଟ ହୋଇଥିଲା। ମୃତକଙ୍କ ବାପା ଦିଲ୍ଲୀପଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

● ପେଟ୍ରୋଲ ପମ୍ପରୁ ମିଛ ଚୋରିର ପର୍ଦ୍ଦାଫାସ୍

## ପରିଚାଳକ ଗିରଫ; ୨.୭୨ ଲକ୍ଷ ଉଦ୍ଧାର

**ନିରାକାରପୁର,୧।୭ (ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ପେଟ୍ରୋଲ୍ ପମ୍ପରୁ ରବିବାର ରାତିରେ ୨ ଲକ୍ଷ ୭୨ ହଜାର ଟଙ୍କା ଲୁଟ୍ ହୋଇଥିବା ଜଂକିଆ ଥାନାରେ ଅଭିଯୋଗ ହୋଇଥିବାବେଳେ ମଙ୍ଗଳବାର ଚୋରି ଘଟଣା ଷଡ଼ଯନ୍ତ୍ର ରଚନା କରିଥିବା ମାଷ୍ଟରମାଇଣ୍ଡ ପମ୍ପ ପରିଚାଳକକୁ ପୁଲିସ ଗିରଫ କରିବା ସହିତ ନଗଦ ଟଙ୍କା ଉଦ୍ଧାର କରିଛି। ସୂଚନାଯୋଗ୍ୟ କି, ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଜୟ ଜଗନ୍ନାଥ ଫିଲିଂ ଷ୍ଟେସନରେ କାର୍ଯ୍ୟରତ ପରିଚାଳକ ସ୍ଥାନୀୟ ରମାବିଲି ଗ୍ରାମର ଚନ୍ଦନ ସାହୁ ରବିବାର ପେଟ୍ରୋଲ ପମ୍ପର ବିକ୍ରି ୨ ଲକ୍ଷ ୭୨ ହଜାର ଟଙ୍କା ଲୁଟ୍ ହୋଇଥିବା ଜଂକିଆ ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ପଚରାଉଚରା କରିବା ପରେ ୧ ଲକ୍ଷ ୩ ହଜାର ଟଙ୍କା ମିଳିଥିଲା ଓ ଆଉ ସେ ଅନ୍‌ଲାଇନ୍ ଗେମ୍ ଖେଳି ହାରି ଦେଇଥିବା ପୁଲିସକୁ କହିଥିବାବେଳେ ପୁଲିସ ତଦନ୍ତ ଜାରି ରଖିଥିଲା। ପରେ ସେ ସବୁ ଟଙ୍କା ହଡ଼ପ କରିବା ପାଇଁ ରଚିଥିବା ଷଡ଼ଯନ୍ତ୍ର ସମ୍ପର୍କରେ ମାନିବା ସହିତ ତା'ଠାରୁ ନଗଦ ୨ ଲକ୍ଷ ୭୨ ହଜାର ୩୬୦ ଟଙ୍କା ଜବତ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଶାନ୍ତ ବେହେରା ପ୍ରକାଶ କରିଛନ୍ତି।

ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ପ୍ରସଙ୍ଗ


## ଖୋର୍ଦ୍ଧାରେ ଓଏଏସ୍‌ଙ୍କ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

**ଖୋର୍ଦ୍ଧା,୧।୭ (ସମିସ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣା ପ୍ରତିବାଦରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲା ହେଡ୍‌କ୍ୱାର୍ଟର ସମେତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦରେ କାର୍ଯ୍ୟରତ ଓଏଏସ୍ ଅଫିସର, ସମସ୍ତ ବିଡିଓ, ତହସିଲ୍‌ଦାର କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦେଇଥିଲେ। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଲେ ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ସର୍ବସମ୍ମୁଖରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଆକ୍ରମଣ କରିବା ଘଟଣା ଗ୍ରହଣୀୟ ନୁହେଁ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ ଦିଗରେ ଅମଲାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି। ଜଣେ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଘୋଷାରି ଆଣି ଆକ୍ରମଣ କରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ। ସେହିଭଳି ଖୋର୍ଦ୍ଧା ବିଡିଓ କ୍ଷିରାବ୍ଧି ତନୟା ସାହୁ କୁହନ୍ତି, ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏହାର ପ୍ରତିବାଦରେ ଆମେ କଳାବ୍ୟାଜ୍ ପରିଧାନ କରିଛୁ। ରାଜ୍ୟ ସଂଘ ନିଷ୍ପତ୍ତି କ୍ରମେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ।

## ନାଚୁଣୀ ବରିଷ୍ଠ ନାଗରିକ ସଂଘର ବୈଠକ

**ଚିଲିକା,୧।୭ (ସମିସ):** ନାଚୁଣୀ ବରିଷ୍ଠ ନାଗରିକ ସଙ୍ଘର ସଭ୍ୟମାନଙ୍କର ଏକ ସାଧାରଣ ବୈଠକ ସଙ୍ଘର ସଭାପତି ଅଶ୍ୱିନୀ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ କଉଡ଼ିଖଣିସ୍ଥ ଜଗତି ପାହାଡ଼ ପାଦଦେଶରେ ଥିବା ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନାଚୁଣୀଠାରେ ଦୀର୍ଘ ଦିନର ସବ୍ ପୋଷ୍ଟ ଅଫିସକୁ ବନ୍ଦ କରି ଶାଖା ଡାକଘରରେ ପରିଣତ କରିବା ଦ୍ୱାରା କ୍ରମବର୍ଦ୍ଧିଷ୍ଣୁ ଜନସାଧାରଣ ଓ ବରିଷ୍ଠ ନାଗରିକମାନେ ହଇରାଣ ହୋଇ ବାଲୁଗାଁ ଓ ଟାଙ୍ଗୀ ଉପରେ ନିର୍ଭର କରୁଛନ୍ତି। ତେଣୁ ପୂର୍ବପରି ଏହାକୁ ଉପ ଡାକଘରରେ ପରିଣତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ପୋଷ୍ଟମାଷ୍ଟର ଜେନେରାଲଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଭାପତିଙ୍କୁ ଅନୁରୋଧ କରାଗଲା। ଉକ୍ତ ବୈଠକରେ ସମ୍ପାଦକ ଦେବେନ୍ଦ୍ର ନାଥ ମହାରଥୀ, ସହସମ୍ପାଦକ ହରିବନ୍ଧୁ ମିଶ୍ର, ଯୁଗ୍ମ ସମ୍ପାଦକ ମକରଧ୍ୱଜ ପଲେଇ, ଉପଦେଷ୍ଟା ଡ. କୈଳାସ ଭୂଷଣ ମହାପାତ୍ର, ସତ୍ୟବାଦୀ ପ୍ରଧାନ, ପଦ୍ମ ଚରଣ ନନ୍ଦ, ହାଲୁ କିଶୋର ସାହୁ, ଉମେଶ ଚନ୍ଦ୍ର ହରିଚନ୍ଦନ, ଭାଗିରଥି ମହାପାତ୍ର, ପାଣ୍ଡବ ପାତ୍ର, ନଳିନୀ ମହାନ୍ତି, ଶରତ ଚନ୍ଦ୍ର ମହାନ୍ତି, ଶାନ୍ତନୁ ମିଶ୍ର, ଦିଲ୍ଲୀପ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଶତସିଂହ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



**ଚିଲିକା,୧।୭ (ସମିସ):** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ନାଚୁଣୀ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ରଜନୀକାନ୍ତ ପ୍ରଧାନ, ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ବସନ୍ତ ପ୍ରଧାନ ଓ ଦପ୍ତରି ସୋମନାଥ ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ କଲେଜ ପରିସରରେ ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜର ପ୍ରତିଷ୍ଠାତା ତଥା ଚିଲିକାର ପୂର୍ବତନ ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ୩ ଜଣଙ୍କ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତାର ଭୂରିଭୂରି ପ୍ରଶଂସା କରିବା ସହ ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରସାୟନ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା, ଅଧ୍ୟାପକ ଦେବଦତ୍ତ ପାଣି, ଅଧ୍ୟାପକ ସନ୍ତୋଷ କୁମାର ଶତପଥୀ, ଅଧ୍ୟାପିକା ଲିନା ନଦୀଜା, ଅଧ୍ୟାପିକା କବିତା ମିଶ୍ର, ଅଧ୍ୟାପିକା ରଶ୍ମିତା ଜେନା, ସୁଭଦ୍ରା ଭୋଳ, ଡେମୋନଷ୍ଟ୍ରେଟର କୈଳାସ ଚନ୍ଦ୍ର ସାହୁ, ଡେମୋନଷ୍ଟ୍ରେଟର ନାରାୟଣ ସାହୁ, ଡେମୋନଷ୍ଟ୍ରେଟର ସଂଗ୍ରାମ କେଶରୀ ହରିଚନ୍ଦନ, ଡେମୋନଷ୍ଟ୍ରେଟର ଅଜିତ୍ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପରିଶେଷରେ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଅଧ୍ୟାପିକା ରଶ୍ମିତା ଜେନା, ଅଧ୍ୟାପିକା ଲୋପାମୁଦ୍ରା ମିଶ୍ର ଓ ଅଧ୍ୟାପିକା କୃଷ୍ଣା କୁମାରୀ ଭୋଳ।

**ବେଗୁନିଆ:** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଭୂଇଁପୁର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସହକାରୀ ଶିକ୍ଷୟିତ୍ରୀ ସୁପ୍ରିୟା ସାହୁଙ୍କ ଆବାହନରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଉପସଭାପତି ମାନସ କୁମାର ବେହେରାଙ୍କ ଅଧ୍ୟକ୍ଷତା ଓ କବି ଗୋପୀନାଥ ସେଠୀ ଓ ପ୍ରସନ୍ନ ମଣ୍ଡଳଙ୍କ ସଂଯୋଜନାରେ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ବିଭୁ ପ୍ରସାଦ ସାହୁ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ମହାପାତ୍ର, ଆଞ୍ଚଳିକ ସାଧନ



କେନ୍ଦ୍ର ସଂଯୋଜିକା ସନ୍ଧ୍ୟାରାଣୀ ରଥ, ଏବିଇଓ କୈଳାସ ଚନ୍ଦ୍ର ସେଠୀ, ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟ, ଭାଗିରଥି ପରିଡ଼ା, ପ୍ରଫୁଲ୍ଲ ଦାଶ, ପରିଚାଳନା କମିଟି ସଭାପତି ମଳୀ ରାଉତ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଓ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସରୋଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**ଟାଙ୍ଗୀ:** ଏକ ନିରାଡ଼ମ୍ବର ଉତ୍ସବରେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ସୋମବାର ଏହି କାର୍ଯ୍ୟାଳୟରୁ ଅବସରଗ୍ରହଣ କରିଥିବା ମୋଟରଯାନ ନିରୀକ୍ଷକ ଦେବଦାସ ପାଇକରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ କୁମାର ଚୌଧୁରୀ, ଭୁବନେଶ୍ୱର ଦୁଇ ଆଞ୍ଚଳିକ ପରିବହନ ଅଧିକାରୀ ସନତ କୁମାର ଜେନା, ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ସହକାରୀ ମୋଟର ଯାନ ନିରୀକ୍ଷକ ଧର୍ମେନ୍ଦ୍ର ଦେହୁରି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ପାଇକରାୟଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ତୃପ୍ତିରେଖା ଜେନା,



ବରିଷ୍ଠ ସହାୟକ ସୌମ୍ୟରଞ୍ଜନ ପ୍ରିୟଦର୍ଶନ, ଭାସ୍କର ବଳବନ୍ତରାୟ, ବବ୍‌ଲୁ କୁମାର ଦାସ, ସନ୍ତୋଷ କୁମାର ସେଠୀ, ଜ୍ଞାନରଞ୍ଜନ ମହାନ୍ତି, ଶରତ ମିଶ୍ର, ମୋହନ ଚନ୍ଦ୍ର ମିଶ୍ର, ସୁଶାନ୍ତ କୁମାର କର, ରଶ୍ମିରଞ୍ଜନ ଦାସ, ସୁଦର୍ଶନ ରଥ, ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

**ନିରାକାରପୁର:** ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ଦାଶରଥି ମହାପାତ୍ର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ସହକାରୀ ଶିକ୍ଷକ ଦିଲ୍ଲୀପ ପଟ୍ଟନାୟକ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପ୍ରତିଷ୍ଠାତା ରାମଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜବନ୍ଧୁ କର ମୁଖ୍ୟବକ୍ତା, ଗୋଦାବରୀଶ ସାହୁ ବରେଣ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସୋନାଲୀ ମହାପାତ୍ର, ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ସିଂହ, ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ, ସୁଧାକର ସାହୁ, ଦୋଳଗୋବିନ୍ଦ ବରିଶଲ ଶିକ୍ଷକଦ୍ୱୟଙ୍କର କର୍ମମୟ ଜୀବନ ଓ ଶିକ୍ଷଣଶୈଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି କୁମାର ସିଂହ ମଞ୍ଚ ସଂଯୋଜନା କରିଥିଲେ। ମୃତ୍ୟୁଞ୍ଜୟ ଜୟ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।



**ଖୋର୍ଦ୍ଧା:** ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ଧ୍ରୁବଚରଣ ବେହେରା ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ ନେଉଥିବା ପରିପ୍ରେକ୍ଷୀରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଖୋର୍ଦ୍ଧା ମୀରା ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବେହେରା ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗରେ ଦୀର୍ଘ ୩୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ସ୍ଥାନରେ ଯଥା- ରାଜ୍ୟ ବାହାରେ ତଥା କୋଲକତା, ନୂଆଦିଲ୍ଲୀ, ରାଜ୍ୟ ମୁଖ୍ୟାଳୟ ଏବଂ ବିଭିନ୍ନ ସ୍ଥାନରେ ରହି ନିରନ୍ତର ସେବା ଯୋଗାଇ ସମସ୍ତ ଅଧିକାରୀଙ୍କ ପ୍ରୀୟଭାଜନ ହୋଇପାରିଥିଲେ। ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ସେ ଦୀର୍ଘ



୧୫ ବର୍ଷରୁ ଅଧିକ ଦିନ ଧରି କାର୍ଯ୍ୟରତ ଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ବରିଷ୍ଠ ସହାୟକ ରବୀନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ଦେବରାଜ ମହାରଣା, ଟୁନା ନାୟକ ସମେତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ପୂର୍ଣ୍ଣଚନ୍ଦ୍ର ବେହେରା, ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି କବିରାଜ ପ୍ରଧାନ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ଏଲ୍ଏଲ୍ବି ପାଇଁ ଆରମ୍ଭ ହେଲା ଆବେଦନ


ଭୁବନେଶ୍ୱର,୧।୭ (ସମିସ): ୩ବର୍ଷିଆ ଏଲ୍ଏଲ୍ବି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ, ୧୬ରେ ସଂଶୋଧନ କରିପାରିବେ।ଜୁଲାଇ୨୧ତାରିଖରେ ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେବା ସହ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ।୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାୟୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମଲେଖା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ହେବ ନାହିଁ। ମାର୍କ ଓ ସଂରକ୍ଷଣ ଆଧାରରେ ଚୟନ କରାଯିବ। ସୂଚନାଯୋଗ୍ୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ୟୁନିଭର୍ସିଟି ଆଇନ୍ ମହାବିଦ୍ୟାଳୟ ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟରେ ପଢ଼ିବା ପାଇଁ ଏହି ନାମଲେଖା ପ୍ରକ୍ରିୟା ହେବ।

**ଅଗଷ୍ଟ ୧୧ରୁ ପାଠପଢ଼ା**

# ଆମେରିକା ଓ ବୁଲଗେରିଆର ଦୁଇ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ବୁଝାମଣା

ଭୁବନେଶ୍ୱର,୧।୭ (ସମିସ): ଶୈକ୍ଷିକ ସହଯୋଗ ନେଇ ବିଶ୍ୱର ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ କିଟ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଆଭାସୀ ମାଧ୍ୟମରେ ଆମେରିକାର ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ଓ ବୁଲଗେରିଆର ବର୍ଗାସ୍ ମୁକ୍ତ ବିଶ୍ୱବିଦ୍ୟାଳୟ ସହ କିଟ୍ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ଏବଂ ସଦ୍‌ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି।

ଏହି ବୁଝାମଣା ଉଭୟ କିଟ୍ ଓ ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ମଧ୍ୟରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ମିଳିତ ଗବେଷକ ବିନିମୟ ସହ ଅନେକ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ସହଜ କରିବ। ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଗବେଷଣା, ଶିକ୍ଷାଗତ ପ୍ରକାଶନ ବିନିମୟ, ଗ୍ରୀଷ୍ମ ଏବଂ ଶୀତକାଳୀନ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ସହ ଅନ୍ୟାନ୍ୟ ପାରସ୍ପରିକ ସମ୍ମତିଭିତ୍ତିକ ଶିକ୍ଷାଗତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟରେ ମଧ୍ୟ ସହଯୋଗ କରିବେ।



କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଏହି ବୁଝାମଣା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।

ଆମେରିକାନ ୟୁନିଭର୍ସିଟି ଅଫ୍ ମାଲଟାର ସଭାପତି ପ୍ରଫେସର ଇଆନ୍ ରୋବସନ୍, ମାଲଟାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗେ, ବୁଲଗେରିଆର ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର୍ ମିଲେନ ବାଲଟୋଭ, କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର୍ ଶରଣଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୁଚିତ ହେଉଛି ଭକ୍ତର ଅଧିକାର

# ଆଉ ଛୁଇଁ ହେବନି ଅରୁଣ ସ୍ତମ୍ଭ

ପୁରୀ,୧।୭ (ସମିସ): ଭକ୍ତର ଅଧିକାର ସଂକୁଚିତ ହେବାରେ ଲାଗିଛି। ଶୃଙ୍ଖଳା ଏବଂ ସଂସ୍କାର ପାଇଁ ହିଁ ପ୍ରଥମେ ଭକ୍ତଙ୍କୁ ଉତ୍ସର୍ଗ କରିବାକୁ ପଡୁଛି। ଶ୍ରୀମନ୍ଦିର କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ଅଧିକାର ହରାଇବାରେ ଲାଗିଛନ୍ତି ଶ୍ରଦ୍ଧାଳୁ। ଏବେ ପୁଣି ଏକ ଭକ୍ତର ଅଧିକାର ଉପରେ କୁଠାରାଘାତ। ଏଣିକି ଅରୁଣସ୍ତମ୍ଭ ଛୁଇଁପାରିବେ ନାହିଁ ଭକ୍ତ, ଯାହାକୁ ନେଇ ଭକ୍ତ ସେବାୟତଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଅରୁଣ ସ୍ତମ୍ଭ ହେଉଛି ଆସ୍ଥା ଓ ବିଶ୍ୱାସର ପ୍ରତୀକ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁ ପ୍ରଥମେ ସିଂହଦ୍ୱାର ସମ୍ମୁଖରେ ଥିବା ଅରୁଣସ୍ତମ୍ଭ ଦର୍ଶନ ଓ ସ୍ପର୍ଶ ସହ ପ୍ରଣିପାତ କରିଥା'ନ୍ତି। ଏହାପରେ ମନ୍ଦିରକୁ ପ୍ରବେଶ କରିଥା'ନ୍ତି। କେବଳ ଭକ୍ତ ନୁହଁନ୍ତି, ସେବାୟତ ମଧ୍ୟ ଏହାକୁ ପ୍ରଥମେ ଦର୍ଶନ ଓ ପ୍ରଣିପାତ କରିଥା'ନ୍ତି। ତେବେ ବ୍ରିଟିଶ ସମୟରୁ ଅରୁଣସ୍ତମ୍ଭ ଲୁହାବାଡ଼ ଦ୍ୱାରା ଘେରି ରହିଥିଲା। ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ କାଢ଼ି ପିତ୍ତଳ ବ୍ୟାରିକେଡ୍ ଲଗାଯାଇଛି। ଅରୁଣସ୍ତମ୍ଭର ସୁରକ୍ଷା ଓ ଦୀର୍ଘସ୍ଥାୟୀ ପାଇଁ ଏହି ପିତ୍ତଳ ବ୍ୟାରିକେଡ୍ ଲଗାଯାଇଥିବା କୁହାଯାଇଛି। ହେଲେ ଏହାଦ୍ୱାରା ଶ୍ରଦ୍ଧାଳୁମାନେ ଆଉ ପୂର୍ବ ପରି ଅରୁଣ ସ୍ତମ୍ଭକୁ ସ୍ପର୍ଶ କରିପାରୁନାହାନ୍ତି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମନ୍ଦିର ପ୍ରଶାସନ ଯଦି ଏଭଳି ବିଧି ପରମ୍ପରା ସହ ଜଡ଼ିତ ନିଷ୍ପତ୍ତି ନେବାକୁ ଚାହିଁଥିଲା କିନ୍ତୁ



ଏନେଇ କୌଣସି ସେବାୟତଙ୍କ ସହ ଆଲୋଚନା କରିନାହିଁ। ଏପରିକି ଚୁନରା ସେବାୟତଙ୍କ ସହିତ ମଧ୍ୟ ଆଲୋଚନା ହୋଇନାହିଁ। ପ୍ରାୟ ୪ଫୁଟ୍ ଉଚ୍ଚର ପିତ୍ତଳ ବ୍ୟାରିକେଡ୍ ଲଗାଯିବା ଦ୍ୱାରା ଅଧିକାଂଶ ଭକ୍ତ ଆଉ ଅରୁଣସ୍ତମ୍ଭ ସ୍ପର୍ଶ କରିପାରୁନାହାନ୍ତି। ଏହା ସେମାନଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଛି। ଏ ସମ୍ପର୍କରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହିତ ଏ ନେଇ ଆଲୋଚନା କରିବେ।

ସୂଚନାଥାଉ କି, ୩୪ଫୁଟ୍ ଉଚ୍ଚ ଏହି ଶିଳାସ୍ତମ୍ଭ ପୂର୍ବରୁ କୋଣାର୍କ ମନ୍ଦିରର ଶୋଭାବର୍ଦ୍ଧନ କରୁଥିଲା। ୧୬ କୋଣୀ ଏହି ଶିଳାସ୍ତମ୍ଭର ଉପରି ଭାଗରେ ସୂର୍ଯ୍ୟ ଦେବତାଙ୍କୁ ପ୍ରାର୍ଥନା କରିବା ମୁଦ୍ରାରେ ଅରୁଣଙ୍କ ମୂର୍ତ୍ତି ରହିଛି। ଅରୁଣଙ୍କ ସମାନ ଉଚ୍ଚତାରେ ବଡ଼ଦେଉଳ ରତ୍ନବେଦୀ ରହିଛି ବୋଲି କୁହାଯାଏ। ଅଷ୍ଟାଦଶ ଶତାବ୍ଦୀରେ ତତ୍କାଳୀନ ମହାରାଜା ଦିବ୍ୟସିଂହ ଦେବଙ୍କ ଶାସନ କାଳରେ କୋଣାର୍କରୁ ସ୍ଥାନାନ୍ତର ହୋଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶୋଭା ପାଉଛି ଅରୁଣସ୍ତମ୍ଭ।

# ରାଜପଥରେ ଟ୍ୟାଙ୍କର୍‌ରୁ ଗ୍ୟାସ୍ ଲିକ୍

## ଲୋକେ ଭୟଭୀତ; ଅଟକି ରହିଛି ବହୁ ଗାଡ଼ି

ସାରସକଣା/ଜାମଶୋଳା, ୧।୭ (ସମିସ): ସାରସକଣା ବ୍ଲକ୍ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଜାମଶୋଳା ନିକଟ ଜିଓ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ପ୍ରୋପିଲିନ୍ ଗ୍ୟାସ୍ ଭର୍ତ୍ତି ଟ୍ୟାଙ୍କର୍‌ରୁ ଗ୍ୟାସ୍ ଲିକ୍ ହେବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଓଡ଼ିଶା-ଝାଡ଼ଖଣ୍ଡ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଧାରା ୧୬୩ ଜାରି କରାଯାଇଛି। ଏହି ଗ୍ୟାସ୍ ବିଷାକ୍ତ କି ସାଧାରଣ, ତାହା ଜାଣିବା ପାଇଁ ବାଲେଶ୍ୱରରୁ ବିଶେଷଜ୍ଞଙ୍କୁ ଡକାଯାଇଛି। ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ବ୍ୟବସ୍ଥା କରାଯିବା ସହ ୨କିମି ଯାଏ ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଏହାସହ ସ୍ଥାନୀୟ ଲୋକଙ୍କୁ ଘରୁ ନ ବାହାରିବାକୁ ନିବେଦନ କରାଯାଇଛି। ଶାନ୍ତି ଏବଂ ସହଯୋଗ ବଜାୟ ରଖିବା ସହ ଗୁଜବରେ ଧ୍ୟାନ ନଦେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅପରପକ୍ଷେ, ଏଥିଯୋଗୁଁ ରାଜପଥରେ ଶହଶହ ଯାନବାହନ ଅଟକି ରହିଛି। ବାହାରାଗୋଡ଼ା ଥାନା ପ୍ରଭାରୀ ଏବଂ ଜୋନାଲ ଅଧିକାରୀ ସକାଳଠାରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି।

■ +୩ ତୃତୀୟ ରାଉଣ୍ଡ ମେଧା ତାଲିକା

# ୨ ରାଉଣ୍ଡ ପରେ ନାମଲେଖାରୁ ଦୂରେଇ ରହିଲେ ୫୦% ପିଲା


ଭୁବନେଶ୍ୱର, ୧।୭ (ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୯,୮୧୮ ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୦୨୩ ଛାତ୍ର ଥିବା ବେଳେ ୨୮,୭୯୨ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ପୂର୍ବପରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି। କଳା, ବିଜ୍ଞାନ ସମେତ ବାଣିଜ୍ୟରେ ସର୍ବାଧିକ କଟ୍-ଅଫ୍ ଯାଇଛି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଫ୍ରିଜ୍ ଅପସନ୍ ଦେଇ ନାମ ଲେଖାଇବାକୁ ବାଧ୍ୟ। ଅନ୍ୟଥା ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ। ଅପରପକ୍ଷେ, ପ୍ରଥମ ଦୁଇଟି ରାଉଣ୍ଡରେ ମୋଟ୍ ୨ଲକ୍ଷ ୨୧ହଜାର ୨୨୪ ପିଲା ଚୟନ ହୋଇଥିବା ବେଳେ ମାତ୍ର ୧ଲକ୍ଷ ୯ ହଜାର ୪୦୦ ଜଣ ନାମ ଲେଖାଇଛନ୍ତି। ଅର୍ଥାତ୍ ୫୦%ରୁ ଅଧିକ ପିଲା ନାମ ଲେଖାଇନାହାନ୍ତି। ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୪ ତାରିଖ ମଧ୍ୟରେ ନାମ ଲେଖାଇପରିବେ। ଏହା ପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ ତାରିଖରେ ଇ-ସ୍ପେସ୍‌ରେ ଓ ୧୩ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

**ନାମଲେଖା ପାଇଁ ୪୯,୮୧୮ ଚୟନ**

# ଇସ୍ରୋ ବୁଲିଲେ ସୌମ୍ୟ ଓ ପ୍ରୀତିକା

ଢେଙ୍କାନାଳ,୧।୭ (ସମିସ): ତାଳଚେର ଏମ୍‌ସିଏଲ ସ୍ଥିତ ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ପ୍ରୀତିକା ପ୍ରିୟଦର୍ଶିନୀ ଏବଂ ଅନୁଗୋଳ ଜିଲ୍ଲା ବଁଅରପାଳସ୍ଥିତ ପଞ୍ଚଗଡ଼ ବିଜୟ କୁମାର (ପିବିକେ) ସରକାରୀ ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ସାହୁ ବେଙ୍ଗାଲୁରସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରିଛନ୍ତି। ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱର୍କ (ଇଷ୍ଟ୍ରାକ) ଏବଂ ୟୁଆରଓ ସାଟେଲାଇଟ ସେଣ୍ଟର (ୟୁଆରଏସସି) ପରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଟାଟାଷ୍ଟିଲ୍ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ) ୨୦୨୪ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ୨ ଛାତ୍ରଛାତ୍ରୀ ମନୋନୀତ ହୋଇ ଇସ୍ରୋ ପରିଭ୍ରମଣର ସୁଯୋଗ ପାଇଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଉପସଚିବ ଏବଂ ପଠାଣିସାମନ୍ତ ପ୍ଲାନେଟୋରିୟମର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା ଏବଂ ଟାଟାଷ୍ଟିଲର ଅଧିକାରୀଙ୍କ ସହିତ ଛାତ୍ରଛାତ୍ର ଓ ସେମାନଙ୍କ ଅଭିଭାବକମାନେ ୨୦୨୫ ମେ' ୨୪ରେ ବେଙ୍ଗାଲୁର ଯାତ୍ରା କରିଥିଲେ। ୨୦୨୫ ମେ' ୨୮ରେ ପରିଭ୍ରମଣ ସାରି ଫେରିଥିଲେ। ତାଳଚେରର ଆଲୋକକୁମାର ସାହୁ ଏବଂ ପ୍ରଭାତୀ ସାହୁଙ୍କ ଝିଅ ପ୍ରତିକା କହିଛନ୍ତି, ମୂଲ୍ୟାୟନରୁ ଆରମ୍ଭ କରି ପରିଦର୍ଶନ ପର୍ଯ୍ୟନ୍ତ ସମଗ୍ର ଯାତ୍ରା ବେଶ୍ ଉତ୍ସାହଜନକ ଥିଲା। ଏଥିରୁ ଅନେକ ଜ୍ଞାନ ଆହରଣ କରିପାରିଛୁ।





# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୬୫
- ପାଉଣ୍ଡ ୧୧୭.୭୧
- ୟୁରୋ ୧୦୧.୮୮
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୯,୩୧୩ (ନୂଆଦିଲ୍ଲୀ)
- ରୁପା : ୧,୧୨,୬୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୬୯୭.୦୦
- ନିଫ୍ଟି ୨୫,୫୪୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପ୍ରତି ଭାରତୀୟଙ୍କ ମୁଣ୍ଡରେ ୪.୮ ଲକ୍ଷ ଋଣ

ନୂଆଦିଲ୍ଲୀ,୧।୭ (ଏଜେନ୍ସି)

ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡପିଛା ହାରାହାରି ଋଣ ୪.୮ ଲକ୍ଷ ଟଙ୍କା। ୨୦୨୩ ମାର୍ଚ୍ଚରେ ଏହା ୩.୯ ଲକ୍ଷ ଟଙ୍କା ଥିଲା। ତେବେ କୌତୂହଳର ବିଷୟ ହେଉଛି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟଙ୍କ ଉପରେ ମୁଣ୍ଡ ପିଛା ଋଣ ପରିମାଣରେ ୨୩% ବୃଦ୍ଧି ଘଟିଛି। ଅର୍ଥାତ୍ ପ୍ରତ୍ୟେକ ଭାରତୀୟଙ୍କ ହାରାହାରି ଋଣ ୯୦,୦୦୦ ଟଙ୍କା ବୃଦ୍ଧି ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜୁନ୍‌ର ଆର୍ଥିକ ସ୍ଥିରତା ରିପୋର୍ଟରେ ଏହି ସୂଚନା ଦିଆଯାଇଛି।





ଭାରତୀୟଙ୍କ ଉପରେ ବଢୁଥିବା ଋଣ ଏହା ଦର୍ଶାଉଛି ଯେ ଦେଶରେ ଲୋକମାନେ ପୂର୍ବ ଅପେକ୍ଷା ଅଧିକ ଋଣ ନେଉଛନ୍ତି। ଏଥିରେ ଗୃହ ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟ ଏବଂ ଅନ୍ୟାନ୍ୟ ଖୁଚୁରା ଋଣ ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ଋଣ ଏବଂ କ୍ରେଡିଟ୍ କାର୍ଡ ଦେୟ ଭଳି ଅଣ-ଗୃହ ଖୁଚୁରା ଋଣ ସର୍ବାଧିକ ବୃଦ୍ଧି ପାଇଛି। ଏହି ଋଣଗୁଡ଼ିକ ମୋଟ ଘରୋଇ ଋଣର ୫୪.୯%। ଏହା ଖର୍ଚ୍ଚଯୋଗ୍ୟ ଆୟର ୨୫.୭%। ଏଥିରେ ଗୃହ ଋଣର ଭାଗ ୨୯%। ତେବେ ଏଥିରେ ଅଧିକାଂଶ ଲୋକ ପୂର୍ବରୁ ଋଣ ନେଇସାରିଛନ୍ତି ଏବଂ ପୁଣି ନେଉଛନ୍ତି। ଅପରପକ୍ଷେ ଆର୍‌ବିଆଇ ଅନୁଯାୟୀ, ଭାରତର ମୋଟ ଜିଡିପିର ୪୨% ଋଣ। ଭାରତରେ ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି, ଯାହାର ଅର୍ଥ ସେମାନଙ୍କଠାରୁ ଟଙ୍କା ହରାଇବାର ଆଶଙ୍କା କମ୍। ରିଜର୍ଭ ବ୍ୟାଙ୍କ କହିଛି ଯେ ବର୍ତ୍ତମାନ ଏହି ଋଣରୁ କୌଣସି ବଡ଼ ବିପଦ ନାହିଁ। ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି। ସେମାନେ ଋଣ ପରିଶୋଧ କରିବାକୁ ସକ୍ଷମ।

କ୍ଷୁଦ୍ର ଆର୍ଥିକ କ୍ଷେତ୍ରରେ (କ୍ଷୁଦ୍ର ଋଣ ଗୋଷ୍ଠୀ) ଋଣଗ୍ରହୀତାଙ୍କ ହାରାହାରି ଦେୟ ୧୧.୭%କୁ ହ୍ରାସ ପାଇଛି, କିନ୍ତୁ ୦୨୫ ର ଦ୍ୱିତୀୟାର୍ଦ୍ଧରେ ଚାପଗ୍ରସ୍ତ ସମ୍ପତ୍ତି ସଂଖ୍ୟା ବୃଦ୍ଧି ପାଇଛି। ଆର୍‌ବିଆଇ କହିଛି ଯେ କ୍ଷୁଦ୍ର ଆର୍ଥିକ କମ୍ପାନୀଗୁଡ଼ିକ ଅଧିକ ସୁଧ ହାର ଏବଂ ଲାଭାଂଶ ଆଦାୟ କରୁଛନ୍ତି। ଯାହା ଋଣଗ୍ରହୀତାଙ୍କ ପାଇଁ ପରିଶୋଧ କରିବା କଷ୍ଟକର ହେଉଛି। ୨୦୨୫ ମାର୍ଚ୍ଚ ସୁଦ୍ଧା, ଅନ୍ୟ ଦେଶମାନଙ୍କ ପ୍ରତି ଭାରତର ଋଣ / ବାହ୍ୟ ଋଣ ୭୩୬.୩ ବିଲିୟନ ଡଲାର ଥିଲା, ଯାହା ଗତ ବର୍ଷ ତୁଳନାରେ ୧୦% ଅଧିକ।

**■ ୨୦୨୩ରେ ଥିଲା ୩.୯ ଲକ୍ଷ ଋଣ**
**■ ଦୁଇ ବର୍ଷରେ ଋଣ ୨୩% ବଢ଼ିଛି**

# ଆଦାନୀ ଓ ଇସ୍କନ୍‌ର ମିଳିତ ସହଯୋଗରେ ରଥଯାତ୍ରାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ





ଭୁବନେଶ୍ୱର,୧।୭ (ସମିସ): ଚଳିତ ବର୍ଷ ପୁରୀ ରଥଯାତ୍ରା ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ଏକ ଅନନ୍ୟ ସହଯୋଗ ସ୍ଥାପନ ହୋଇ ଶ୍ରଦ୍ଧାଳୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ପ୍ରସାଦ ସେବନ କରାଇବାର ଦାୟିତ୍ୱ ତୁଲାଇଛନ୍ତି। ଗତ ୩ ଦିନ ହେବ ରଥଯାତ୍ରାରେ ଆଦାନୀ ଗ୍ରୁପ ତଥା ଇସ୍କନର ମିଳିତ ସହଯୋଗରେ ଏହି ପ୍ରସାଦ ସେବା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଏହି ପ୍ରସାଦରେ ଅନ୍ନ, ଦହି ଭାତ, ରୁଟି, ପରିବା ତରକାରୀ, ଡାଲି, ପାୟସମ୍, ଗୁଲାବ୍ ଜାମୁନ, ଏବଂ ହାଲୱା ଆଦି ଅନ୍ତର୍ଭୁକ୍ତ। ଏହା କେବଳ ଶ୍ରଦ୍ଧାଳୁମାନଙ୍କ ପେଟ ପୁରିବା ପାଇଁ ନୁହେଁ ବରଂ ଖରାରେ ଦୀର୍ଘ ବାଟ ଅତିକ୍ରମ କରି ଆସୁଥିବା ଲୋକଙ୍କ ପୁଷ୍ଟିକର ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସାହାଯ୍ୟ କରିଥିଲା। ପ୍ରତ୍ୟେକ ଥାଳିରେ ପ୍ରାୟ ୭୦୦ ରୁ ୯୦୦ କ୍ୟାଲୋରୀ, ୨୦ ଗ୍ରାମରୁ ଅଧିକ ପ୍ରୋଟିନ ଏବଂ ଫାଇବର, ଭିଟାମିନ ଏବଂ ଅତ୍ୟାବଶ୍ୟକ ଖଣିଜ ତତ୍ତ୍ୱର ଏକ ପୌଷ୍ଟିକ ମିଶ୍ରଣ ବିତରଣ କରାଯାଇଥିଲା। ତାଳବଣିଆ ବସଷ୍ଟାଣ୍ଡ ପୁରୀ ରେଳ ଷ୍ଟେସନ, ଗୁଣ୍ଡିଚା ମନ୍ଦିର ନିକଟ, ସ୍ୱର୍ଗଦ୍ୱାର ଜଙ୍କସନ୍, ବଗଲା ଧର୍ମଶାଳା, ଦିଗବାରେଣୀ ପାର୍କିଂ ଏବଂ ଦୁଧୱାଲା ଧର୍ମଶାଳା ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ସ୍ୱେଚ୍ଛାସେବୀମାନେ ନମ୍ରତାର ସହ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି। ଖାଦ୍ୟ ପରିବେଷଣରେ କୌଣସି ପ୍ରକାର ଥର୍ମୋକୁଲ କିମ୍ବା ପ୍ଲାଷ୍ଟିକ୍ ର ବ୍ୟବହାର କରାଯାଇନଥିଲା ବେଳେ ଜୈବ ବିଘଟନଶୀଳ କାଗଜପ୍ଲେଟ୍ର ବ୍ୟବହାର କରାଯାଉଛି।

# ରଥଯାତ୍ରାରେ ଅଲଟ୍ରାଟେକ୍ ସିମେଣ୍ଟ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ପାଇଲା ସ୍ଥାନ

ଭୁବନେଶ୍ୱର,୧।୭ (ସିମସ): ଚଳିତ ରଥଯାତ୍ରାରେ, ପୁରୀ ସମୁଦ୍ର ବେଳାଭୂମିରେ ସବୁଠାରୁ ବଡ଼ ଆନାମର୍ଫିକ୍ ସମନ୍ୱିତ ଗୃହ ସ୍ଥାପନା ପାଇଁ ଅଲଟ୍ରାଟେକ୍ ସିମେଣ୍ଟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପାଇଲା ସ୍ଥାନ। ଏହି ଐତିହାସିକ ସଫଳତାରେ ସିମେଣ୍ଟ ବ୍ରାଣ୍ଡ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ ପ୍ରତିଷ୍ଠିତ ପୁରୀ ସମୁଦ୍ର ବେଳାଭୂମିରେ ସର୍ବବୃହତ ଆନାମର୍ଫିକ୍ ଡିସ୍‌ପ୍ଲେ ସମନ୍ୱିତ ଗୃହ ସ୍ଥାପନ କରି ଆନୁଷ୍ଠାନିକ ଭାବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରିଛି, ଯାହା ୨୦୨୫ ରଥଯାତ୍ରାର ମହାନ ଉତ୍ସବ ସମୟରେ ନବସୃଜନ, ଡିଜାଇନ୍ ଏବଂ ଗଠନାତ୍ମକ ଉତ୍କର୍ଷତାର ଏକ ଅନନ୍ୟ ମିଶ୍ରଣକୁ ରଚନା କରିଛି। ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୁଗ୍ମ ସଭାପତି - ଜୋନାଲ ମୁଖ୍ୟ ଅମିତାଭ ପାଣ୍ଡେ ଅଲଟ୍ରାଟେକ୍ ସିମେଣ୍ଟ ବ୍ରାଣ୍ଡ ପକ୍ଷରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏହି ସମ୍ମାନ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ନରବିଜୟ ଯାଦବ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ସରକାରୀ ପ୍ରତିନିଧି, ପ୍ରଦାନ କରିଥିଲେ। ରେକର୍ଡ କରିଥିବା ଏହି ସ୍ଥାପନା ଲ୍ଇଡି ମାଧ୍ୟମରେ ଏକ ଦୁଇ ମହଲା ବିଶିଷ୍ଟ କଂକ୍ରିଟ୍ ଘର ଗଠନ ରହିଛି ଯାହା ଏକ ଆଧୁନିକ ଭାରତୀୟ ଘର ସଦୃଶ ଡିଜାଇନ୍ କରାଯାଇଛି ଓ ଏକ ବାହ୍ୟ ଆନାମର୍ଫିକ୍ ୩ଡି ପ୍ରଦର୍ଶନ ସହିତ ସହଜରେ ସମନ୍ୱିତ ହୋଇଛି ଯାହା ଭାରତରେ ପ୍ରଥମ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ର ମାନ୍ୟତା ଦାୟିତ୍ୱ ନେଇଥିବା ନରବିଜୟ ଯାଦବ ବର୍ତ୍ତମାନ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପତ୍ରିକାର ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି।





# ନିଯୁକ୍ତିଭିତ୍ତିକ ପ୍ରୋତ୍ସାହନ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ (ଇଏଲଆଇ) ଯୋଜନାକୁ ଅନୁମୋଦନ ଦେଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ଉତ୍ପାଦନ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ସବୁ କ୍ଷେତ୍ରରେ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇଏଲଆଇ ଯୋଜନା ଅଧୀନରେ, ପ୍ରଥମ ଥର କାମ କରୁଥିବା ପାଇଁ କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ। ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ। ମୋଟ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ୨୦୨୪-୨୫ କେନ୍ଦ୍ର ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ଇଏଲଆଇ ଯୋଜନା ଘୋଷଣା କରାଯାଇଥିଲା।

- **ଉତ୍ପାଦନ କ୍ଷେତ୍ରକୁ ଗୁରୁତ୍ୱ, ପ୍ରଥମ ଥର କାମ କରୁଥିବା ଲୋକଙ୍କୁ ପ୍ରୋତ୍ସାହନ**
- **ମିଳିବ ଦୁଇଟି କିସ୍ତିରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ**

# ରଥଯାତ୍ରା ଉତ୍କଳ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୭ (ସମିସ): ରଥଯାତ୍ରା ଅବସରରେ ଉତ୍କଳ ବିଦ୍ୟୁତ କର୍ମଚାରୀ ସଂଘ (ୟୁବିକେଏସ୍) ପକ୍ଷରୁ ପୁରୀ ବଡଶଙ୍ଖ ନିକଟରେ ଏକ ଉଲ୍ଲେଖନୀୟ ମାନବିକ ଉଦ୍ୟମ ହିସାବରେ ଭକ୍ତ ମାନଙ୍କ ପାଇଁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହଜାର-ହଜାର ଭକ୍ତଙ୍କୁ ଉଚିତ ବ୍ୟବସ୍ଥାରେ ମାନ୍ୟତା ଓ ସ୍ନେହସହିତ ଖାଦ୍ୟ ପରିବେଶନ କରାଯାଇଥିଲା। ସଂଘର ୧୦୦ ରୁ ଅଧିକ ସ୍ୱେଚ୍ଛାସେବୀ ସଚେଷ୍ଟ ଭାବରେ ଏଥିରେ ଅଂଶଗ୍ରହଣ କରି ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ଶୃଖଳାବଦ୍ଧ ବ୍ୟବସ୍ଥା ମାଧ୍ୟମରେ ସେବା ଦେଇଥିଲେ। ସଂଘର ସଭାପତି ୟୁର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଅମିତ୍ ମହାପାତ୍ର ଓ ସାଧାରଣ ସମ୍ପାଦକ ସୁଧୀର କୁମାର ସାହୁଙ୍କ ମିଳିତ ନେତୃତ୍ୱରେ ଏହି ଉଦ୍ୟମ ସଫଳ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରଯାତ୍ରାକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୩୦୬-ଆଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍ ଷ୍ଟେସନକୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୨୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

# ବିବାହିତ ପୁରୁଷଙ୍କର ବୃଦ୍ଧି ପାଏ ଆୟୁ!



ବିବାହ ପରେ ଉଭୟ ପୁରୁଷ ଓ ମହିଳାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥାଏ। ତେବେ ବିବାହ ପୁରୁଷଙ୍କ ପାଇଁ ଲାଭଦାୟକ ହୋଇଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଅବିବାହିତ ପୁରୁଷଙ୍କ ତୁଳନାରେ ବିବାହିତ ପୁରୁଷ ଦୀର୍ଘ ଦିନ ପର୍ଯ୍ୟନ୍ତ ସୁସ୍ଥ ଓ ଜୀବିତ ରହିବା ସମ୍ଭାବନା ଅଧିକ। ପୁରୁଷ ଓ ମହିଳାଙ୍କ ବୟସ ଉପରେ ବିବାହର ଅଲଗା ଅଲଗା ପ୍ରଭାବ ଥିବା ଏହି ଅଧ୍ୟୟନ ଏକପ୍ରକାର ସୂଚାଉଛି। ବିବାହିତ ପୁରୁଷଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ପୁରୁଷଙ୍କ ତୁଳନାରେ ଧୀରେ ବୃଦ୍ଧି ପାଏ। ଅବଶ୍ୟ ମହିଳାଙ୍କ କ୍ଷେତ୍ରରେ ଏହି ସ୍ଥିତିଟି ଅଲଗା ଥାଏ। ତେବେ ଜୀବନସାଥୀ ସହିତ ରହୁଥିବା ପୁରୁଷ ଦୀର୍ଘାୟୁ ହୋଇଥାନ୍ତି ବୋଲି ଏହି ଅଧ୍ୟୟନରେ କୁହାଯାଇଛି।

ଅଧ୍ୟୟନ ଅନୁସାରେ, ଛାଡ଼ପତ୍ର କିମ୍ବା ବିଧବା ମହିଳାଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ମହିଳାଙ୍କ ତୁଳନାରେ ଅଧିକ କଷ୍ଟକର ହୋଇଥାଏ। ଏହି ଅଧ୍ୟୟନ କାନାଡ଼ାର ବୟସ୍କ ଲୋକଙ୍କ ଉପରେ ଆଧାରିତ ଥିଲା। ଏଥିରେ ୪୫ରୁ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଜୀବନଶୈଳୀକୁ ୨୦ ବର୍ଷ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯାଇଥିଲା। ଏଥିରୁ ଏକଥା ଜାଣିବାକୁ ଚେଷ୍ଟା କରାଯାଇଥିଲା ଯେ, ବିବାହ କରିବା ତଥା ନ କରିବା ଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ଓ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପଡ଼ିଥାଏ। ବିବାହର ପ୍ରଭାବ ପୁରୁଷ ଓ ମହିଳାଙ୍କ ଜୀବନ ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ ବୋଲି ଏହି ଅଧ୍ୟୟନରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ଏକଥା ବି ଦର୍ଶାଯାଇଛି ଯେ, ବିବାହ କେବଳ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନୁହେଁ, ବରଂ ମାନସିକ ଅବସ୍ଥା ତଥା ଲୋକଙ୍କର ଭାବପ୍ରବଣତା ଉପରେ ମଧ୍ୟ ପ୍ରଭାବ ପକାଏ।

# ଜୁଲାଇ ୩ରେ 'ରାମାୟଣ'ର ପ୍ରଥମ ଝଲକ୍




ଦେଢ଼ ବର୍ଷ ବାକି ଥିବାରୁ ଫିଲ୍ମ ନିର୍ମାତା ଏବେ ଟିଜର୍ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ନୀତେଶ ତିୱାରିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ

ବଲିଉଡ୍ ଅଭିନେତା ରଣବୀର କପୁର ଓ ସାଇପଲ୍ଲବୀଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ ହେବ ବୋଲି କୁହାଯାଉଛି। ସବୁଠୁ ବଡ଼ କଥା ହେଉଛି ଏଥିରେ ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀର ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଏହି ଫିଲ୍ମ ବେଶ୍ ଖାସ୍ ହେବାକୁ ଯାଉଛି। ଜୁଲାଇ ୩ ତାରିଖରେ ଫିଲ୍ମର ଲୋଗୋ ରିଲିଜ୍ କରାଯିବ। ଏହି ଦିନ ଦର୍ଶକଙ୍କୁ ଫିଲ୍ମର ଝଲକ୍ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଇତିମଧ୍ୟରେ 'ରାମାୟଣ'ର ତିନି ମିନିଟ୍‌ର ଫିଲ୍ମର ଟିଜର୍ ପ୍ରସ୍ତୁତ ମଧ୍ୟ ହୋଇ ଯାଇଛି। ତେବେ ଫିଲ୍ମ ରିଲିଜ୍ ହେବାକୁ ଆହୁରି ଦେଢ଼ ବର୍ଷ ବାକି ଥିବାରୁ ଫିଲ୍ମ ନିର୍ମାତା ଏବେ ଟିଜର୍ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ନୀତେଶ ତିୱାରିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଭାବପ୍ରବଣତା ସହ ଟେକ୍ନୋଲଜିର ଏକ ନିଆରା ସଂଯୋଗ ଦେଖିବାକୁ ମିଳିବ। ଏହାପୂର୍ବରୁ ରାମାୟଣ ଉପରେ ପ୍ରଭାସଙ୍କ 'ଆଦିପୁରୁଷ' ମୁକ୍ତିଲାଭ କରିଥିଲା। ଫିଲ୍ମର ସଂଳାପ ଠାରୁ ଆରମ୍ଭ କରି ଭିଏଫ୍‌ଏକ୍ସରେ ଅନେକ ତ୍ରୁଟି ଦେଖାଯାଇଥିଲା। ଯେଉଁଥିପାଇଁ ସାମାଜିକ ଗଣମାଧ୍ୟମରେ ଏହାକୁ ଜବରଦସ୍ତ ଟ୍ରୋଲ୍ କରାଯାଇଥିଲା। 'ଆଦିପୁରୁଷ'ର ଟିଜର୍ ରିଲିଜ୍ ହେବା ପର ଠାରୁ ହିଁ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଫିଲ୍ମ ଆସିବା ପରେ ଦର୍ଶକେ ପୂରା ନିରାଶ ହୋଇ ଯାଇଥିଲେ। ତେଣୁ 'ରାମାୟଣ'କୁ ନେଇ ନୀତେଶ ସେମିତି କିଛି ଭୁଲ୍ କରିବାକୁ ଚାହୁଁନାହାନ୍ତି। ଜୁଲାଇ ୩ରେ ଏହାର ଟିଜର୍ ଆସିବ କି ନାହିଁ ଏହାର ନିର୍ମାତା ଏନେଇ ବିଧିବଦ୍ଧ ଭାବେ କିଛି କହିନାହାନ୍ତି।

## ଆଜି ଆସିଥିଲେ...

# ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ



ଓଡ଼ିଆ ସାହିତ୍ୟ ଇତିହାସରେ କାଳନ୍ଦୀ ଚରଣ ପାଣିଗ୍ରାହୀ ଜଣେ ବିରଳ ପ୍ରତିଭା। ସାହିତ୍ୟର ସବୁ ବିଭାଗକୁ ସେ ଋଦ୍ଧିମନ୍ତ କରିଛନ୍ତି। ସେ ଥିଲେ ଏକାଧାରରେ ଜଣେ ଯଶସ୍ୱୀ କବି, କଥାଶିଳ୍ପୀ, ପ୍ରାବନ୍ଧିକ, ସୁସମାଲୋଚକ, ନାଟ୍ୟକାର। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ ଓ ଅନ୍ୟମାନଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ନାମରେ ଏକ ନୂଆଯୁଗର ଆରମ୍ଭ କରିଥିଲେ। ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କର ଲେଖା 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମରାଚିତା', 'ମୁକ୍ତାଗଡ଼ର କ୍ଷୁଧା' ଆଦି ଉପନ୍ୟାସ। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ । କାଳିନ୍ଦୀ ଚରଣଙ୍କ ସର୍ବଶ୍ରେଷ୍ଠ କୃତି 'ମାଟିର ମଣିଷ' ଲାଗି ସେ ଘରେ ଘରେ ପରିଚିତ। ଯୌଥ ପରିବାରର ଏକ ଜୀବନ୍ତ ଆଲେଖ୍ୟ ହେଉଛି 'ମାଟିର ମଣିଷ'। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ "ନନସେନ୍ସ କ୍ଲବ୍" ଗଠନ କରିଥିଲେ । ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା । ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ । କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା । ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା । ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା । ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ । ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

# ସମ୍ଭାବନା



## ଚାଟ୍‌ଜିପିଟିରେ କ'ଣ ସେୟାର୍ କରିବେ ନାହିଁ

ଆଜିକାଲି ପ୍ରାୟ ସମସ୍ତେ ଚାଟ୍‌ଜିପିଟିର ବ୍ୟବହାର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କରୁଛନ୍ତି। ବେଳେ ବେଳେ ଏଥିରେ ଅଜଣାତରେ ବି ଲୋକମାନେ ବ୍ୟକ୍ତିଗତ ତଥ୍ୟ ସେୟାର୍ କରନ୍ତି। ଯାହାକି ଗୋପନୀୟତା ପ୍ରତି ବିପଦ ସୃଷ୍ଟି କରିଥାଏ। ତେବେ ଚାଟ୍‌ଜିପିଟି ସହିତ କ'ଣ ସବୁ ସେୟାର୍ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



- ଚାଟ୍‌ଜିପିଟିରେ ସୋସିଆଲ ମିଡିଆ ପାସ୍‌ୱାର୍ଡ ଏବଂ ଇମେଲ୍ ଆଦି ବାବଦରେ ସେୟାର୍ କରନ୍ତୁ ନାହିଁ।
- ଏଥିରେ ବ୍ୟାଙ୍କ ତଥା କ୍ରେଡିଟ୍ କାର୍ଡ ବିବରଣୀ ପ୍ରଦାନ କରନ୍ତୁ ନାହିଁ।
- ସେହିପରି ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ପ୍ୟାନ୍ କାର୍ଡ ତଥ୍ୟ ପ୍ରଦାନରୁ ଦୂରେଇ ରୁହନ୍ତୁ।
- କାମ କରୁଥିବା ସ୍ଥାନ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରନ୍ତୁ ନାହିଁ।
- ଚାଟ୍‌ଜିପିଟିରୁ ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ଭୟ ଥାଏ। ତେଣୁ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବା ଭଲ।
- ଚାଟ୍‌ଜିପିଟି ବ୍ୟବହାର କରିବା ସମୟରେ ପ୍ରାଇଭେସି ପଲିସିକୁ ଧ୍ୟାନରେ ପଢ଼ନ୍ତୁ। ଏହାର ବ୍ୟବହାର କେବଳ ଅଫିସିଆଲ ୱେବ୍‌ସାଇଟ୍ ଏବଂ ଆପ୍ ଦ୍ୱାରା କରନ୍ତୁ।

# ଜେନ୍-ଜିଙ୍କ କାର୍ଯ୍ୟ ଚାପ

**ଏବର ସମୟରେ ଜେନେରେସନ ଜେଡ୍ ବା ଜେନ୍-ଜିଙ୍କ ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଉଛି। ଏହି ପିଢ଼ିଙ୍କ ପାଖରେ ଅଧିକ ଉତ୍ସାହ, ଆତ୍ମବିଶ୍ୱାସ ଓ ଊର୍ଜା ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ବି ସେମାନେ କାର୍ଯ୍ୟ ଚାପକୁ ନେଇ ଚିନ୍ତିତ ରହୁଛନ୍ତି। ଏହି ପିଢ଼ିଙ୍କ କାମ କରିବା ତରିକା ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବେଳେ ସେମାନେ କାର୍ଯ୍ୟ ଚାପକୁ କିଭଳି ଭାବେ ନିୟନ୍ତ୍ରଣ କରିବେ, ସେ ସମ୍ପର୍କରେ ଜାଣିବା।**



**ଜରୁରି କାମକୁ ପ୍ରଥମେ କରନ୍ତୁ:** ୧୯୯୭-୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଢ଼ିକୁ ଜେନେରେସନ ଜି ବା ଜେନ୍-ଜି, ଜେଡ୍ ବୋଲି କୁହାଯାଏ। ସେମାନଙ୍କ ଚାଲିଚଳଣି ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଛି। ସେହିପରି ଉତ୍ସାହର ସହିତ କାମ କଲେ ବି ସେମାନେ କାମ ଚାପ ସମସ୍ୟାକୁ ସାମ୍ନା କରୁଛନ୍ତି। ତେବେ କାମ ଯେତେବେଳେ ଅଧିକ ଲାଗୁଛି, କେଉଁ କାମ ପ୍ରଥମେ କରିବା ଜରୁରି, ତାହା ପ୍ରଥମେ ସ୍ଥିର କରନ୍ତୁ। ଜରୁରି କାମକୁ ପ୍ରଥମେ ପୂରା କରନ୍ତୁ। ଏ ନେଇ କାର୍ଯ୍ୟ ତାଲିକା ପ୍ରସ୍ତୁତି କରିପାରିବେ। ଏହା ଦ୍ୱାରା କିଛି ମାତ୍ରରେ କାର୍ଯ୍ୟ ଚାପ ହ୍ରାସ ପାଇପାରେ।

**କାମ ମଝିରେ ବ୍ରେକ୍ ନିଅନ୍ତୁ:** ସେହିପରି ଲଗାତାର ବସି କାମ କରିବା ଦ୍ୱାରା କାର୍ଯ୍ୟ ଚାପ ବଢ଼ିପାରେ। ପ୍ରତି ଘଣ୍ଟାଏ ଏବଂ ଦୁଇ ଘଣ୍ଟା ମଧ୍ୟରେ ୫-୧୦ ମିନିଟ୍‌ରେ ଛୋଟ ବ୍ରେକ୍ ନିଅନ୍ତୁ। ଏହା ଦ୍ୱାରା ମନ ଖୁସି ରହିବ। କାମ କରିବାରେ ଆଗ୍ରହ ଆସିବ। ତେବେ କାମ ସରିବା ପରେ ଏବଂ ଛୁଟି ଦିନରେ କାମରୁ ସମ୍ପୂର୍ଣ୍ଣ ଭାବେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କୌଣସି କାମରେ ସମସ୍ୟା ଆସୁଥିଲେ କିମ୍ବା କାର୍ଯ୍ୟ ଭାର ଅଧିକ ଲାଗୁଥିଲେ, ସହକର୍ମୀ କିମ୍ବା ମାଲିକଙ୍କୁ ସାହାଯ୍ୟ ମାଗିବାକୁ ସଙ୍କୋଚ କରନ୍ତୁ ନାହିଁ।

**ମନକଥା ପ୍ରିୟଜନଙ୍କ ସହ ଆଲୋଚନା କରନ୍ତୁ:** ଅନ୍ୟପଟେ ଭଲ ନିଦ୍ରା ସହ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ବ୍ୟାୟାମ କରନ୍ତୁ। ଏହି ଅଭ୍ୟାସ ଚାପକୁ କମ୍ କରେ। ଏହାବାଦ୍ ଅଧିକ ଚାପ ଅନୁଭବ କରୁଥିଲେ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ଆଲୋଚନା କରନ୍ତୁ। ତେବେ କାମ ଚାପରେ କାର୍ଯ୍ୟରୁ ନ ଓହରି ଜୀବନରେ ଆଗକୁ ବଢ଼ିବାକୁ ଚେଷ୍ଟା କରନ୍ତୁ। ନୂଆ କଳା କୌଶଳ ଶିଖିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ମିଳେ।

# ଅଫିସ୍ ବନ୍ଧୁତା



ଅଫିସ୍ କେବଳ କାମ କରିବା ସ୍ଥାନ ନୁହେଁ, ବରଂ ଏଠାରେ ଏମିତି ବି କିଛି ସାଙ୍ଗ ମିଳନ୍ତି, ଯେଉଁମାନଙ୍କ ସହ ସୁଖ, ଦୁଃଖ ବଣ୍ଟା ଯାଏ। ଅଫିସ୍‌ରେ ଗୋଟିଏ ସମୟରେ ଯିବା ଆସିବା କରିବା ତଥା ଅନେକ ସମୟରେ ଗୋଟିଏ ପ୍ରୋଜେକ୍ଟରେ ଏକାଠି କାମ କରିବାକୁ ହୋଇଥାଏ। ଏହିପ୍ରକାରେ ଏଠାରେ ଜଣକୁ ଗୋଟିଏ ରୁଟିନ୍‌ରେ ପରସ୍ପରକୁ ଜାଣିବା ଏବଂ ବୁଝିବାର ସୁଯୋଗ ଜୁଟେ। ଫଳରେ ବନ୍ଧୁତା ଆପେଆପେ ଗଢ଼ି ଉଠେ। ଅଫିସ୍ ସାଙ୍ଗସାଥୀଙ୍କ ସହିତ ଦିନର ଏକ ବଡ଼ ଅଂଶ ସେୟାର୍ କରିବାକୁ ପଡ଼େ। ଏତେ ସମୟ ଜଣକ ସହ ଏକାଠି ଅତିବାହିତ କରିବା ଦ୍ୱାରା ଏକ ବିଶେଷ ପ୍ରକାର ସମ୍ପର୍କ ଗଢ଼ି ହୋଇଯାଏ। ଯାହାକି ପରବର୍ତ୍ତୀ ସମୟରେ ବନ୍ଧୁତାରେ ରୂପାନ୍ତରିତ ହୋଇଥାଏ। ଅନେକ ସମୟରେ ଅଫିସ୍ କାମ ଚାପପୂର୍ଣ୍ଣ ହୋଇଥାଏ। ତେଣୁ ଅଫିସ୍‌ରେ ଏମିତି ଜଣେ ସାଙ୍ଗ ହେବା ଦରକାର, ଯାହା ସହ ମନକଥା ଓ କାର୍ଯ୍ୟ ଚାପ ବାବଦରେ ଆଲୋଚନା କରି ହେଉଥିବ।

ସେହିପରି ଅଫିସ୍‌ରେ କିଛି ଜଣ ଏମିତି ମିଳନ୍ତି, ଯେଉଁମାନଙ୍କ ସହିତ କ୍ୟାରିୟର ଲକ୍ଷ୍ୟ ଓ ସଉକ ମଧ୍ୟ ମେଳ ଖାଏ। ଏହା ବନ୍ଧୁତାକୁ ଆହୁରି ମଜଭୁତ କରିବା ଦିଗରେ କାର୍ଯ୍ୟ କରେ। ଅନ୍ୟପଟେ ଅଫିସ୍‌ରେ କିଛି ସମସ୍ୟାରେ ସାହାଯ୍ୟର ହାତ ବଢ଼ାଉଥିବା ମଣିଷ ହିଁ ଅଫିସ୍‌ର ପ୍ରକୃତ ବନ୍ଧୁ ହୋଇଥାନ୍ତି। ସେହିପରି ଅଫିସ୍‌ରେ ଚା' ଓ କଫି ଭଳି ଛୋଟ ଛୋଟ ବ୍ରେକ୍‌ରେ ଗପସପ ଏବଂ ହସ ଖୁସି ବନ୍ଧୁତାକୁ ଅଧିକ ମଜଭୁତ କରେ। ଏହା ବାଦ୍ ଅଫିସ୍‌ରେ ସାଙ୍ଗସାଥୀଙ୍କଠାରୁ ନୂଆ ଜିନିଷ ଶିଖିବାକୁ ମିଳିଥାଏ। ଏହି ଶିଖି-ଶିଖେଇବାର ସମ୍ପର୍କ ବି ଏକପ୍ରକାର ବନ୍ଧୁତାରେ ପରିଣତ ହୋଇଥାଏ।

# ସ୍ମାର୍ଟ ଲୋକଙ୍କ ସ୍ମାର୍ଟ ଅଭ୍ୟାସ


**ପ୍ରତ୍ୟେକ ଲୋକଙ୍କ ସ୍ୱଭାବ, ଚାଲିଚଳଣି, ବ୍ୟବହାର ଏବଂ ଅଭ୍ୟାସ ଭିନ୍ନ ଭିନ୍ନ ଥାଏ। ଏହି କ୍ରମରେ କୌଣସି ବ୍ୟକ୍ତି ଜନ୍ମରୁ ସ୍ମାର୍ଟ ହୋଇ ନ ଥାନ୍ତି। ସେମାନଙ୍କର କିଛି ଅଭ୍ୟାସ ହିଁ ସେମାନଙ୍କୁ ସ୍ମାର୍ଟ କରିଥାଏ।**

- ତେବେ ସ୍ମାର୍ଟ ଲୋକଙ୍କ ସବୁଠୁ ଭଲ ଅଭ୍ୟାସ ହେଉଛି, ସେମାନେ ଅତ୍ୟନ୍ତ ଜିଜ୍ଞାସୁ ହୋଇଥାନ୍ତି।
- ସବୁବେଳେ ନୂଆ ନୂଆ ଜିନିଷ ବାବଦରେ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି।
- ସ୍ମାର୍ଟ ଲୋକଙ୍କର ପଢ଼ାପଢ଼ି ପ୍ରତି ରୁଚି ଥାଏ। ସେମାନେ ବିଭିନ୍ନ ବହି ପଢ଼ାକୁ ଗୁରୁତ୍ୱ ଦିଅନ୍ତି।
- କଥାବାର୍ତ୍ତା ସମୟରେ ସେମାନେ ଅନ୍ୟର କଥାକୁ ଧ୍ୟାନରେ ଶୁଣନ୍ତି। ସେମାନେ ଅନ୍ୟର ବିଚାର ଓ ଅଭିଜ୍ଞତାକୁ ବୁଝିବାକୁ ଚେଷ୍ଟା କରନ୍ତି।
- ସବୁବେଳେ ସକାରାତ୍ମକ ଦୃଷ୍ଟିକୋଣରେ ରହିବାକୁ ଭଲପାଆନ୍ତି ଏବଂ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରନ୍ତି।
- ସେମାନେ ସମୟ ପରିଚାଳନା ଠିକ୍ ଭାବେ କରନ୍ତି। କୌଣସି କାମକୁ ବିଳମ୍ବରେ କରି ନ ଥାନ୍ତି।

## ଏଜ୍‌ବାଷ୍ଟନରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଆଜିଠାରୁ

# ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତ

ଏଜବାଷ୍ଟନ,୧।୭ (ଏଜେନ୍ସି)





ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଅନୁଷ୍ଠିତ ହେବ। ସିରିଜ୍ ବରାବର କରିବାକୁ ଦୃଢ଼ ଆଶାୟୀ ଥିବା ଭାରତକୁ ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଅନ୍ୟ ପକ୍ଷରେ ଇଂଲଣ୍ଡ ମଧ୍ୟ ମ୍ୟାଚ୍ ଜିତି ୨-୦ରେ ସିରିଜ୍ ଅଗ୍ରଣୀ ନେବାକୁ ବଡ ଆଶା ରଖିଛି। ଏଥିଲାଗି ପ୍ରଥମ ଟେଷ୍ଟ ଜିତିଥିବା ଦଳରେ କୌଣସି ପରିବର୍ତ୍ତନ କରିନାହିଁ ଇଂଲଣ୍ଡ। କିନ୍ତୁ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ଭାରତ ଏଯାଏ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍ ଜିତିନାହିଁ। ଏଠାରେ ଦଳ ୮ଟି ମ୍ୟାଚ୍ ଖେଳି ୭ଟିରେ ହାରିଥିଲାବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିଛି। ଯାହା ଫଳରେ ଦଳ ଏଠାରେ ଓ ଚଳିତ ସିରିଜ୍‌ରେ ପ୍ରଥମ ଟେଷ୍ଟ ବିଜୟ ଲକ୍ଷ୍ୟରେ ରହିଛି। ସେହିପରି ଇଂଲଣ୍ଡ ଏଠାରେ ଖେଳିଥିବା ଶେଷ ୭ଟି ଟେଷ୍ଟ ମଧ୍ୟରୁ ଶେଷ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଉଭୟ ଦଳ ନିକଟରେ ମ୍ୟାଚ୍ ଜିତିବାକୁ ସମାନ ସୁଯୋଗ ରହିଛି।

କିନ୍ତୁ ଏଠାରେ ଟେଷ୍ଟ ମ୍ୟାଚ୍ ଜିତିବା ଭାରତ ଲାଗି ଏତେଟା ସହଜ ନୁହେଁ। ଦଳର ପ୍ରମୁଖ ବୋଲିଂ ଅସ୍ତ୍ର ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହୋଇନାହିଁ। ତାଙ୍କ ଅନୁପସ୍ଥିତିରେ ଭାରତ ଏଠାରେ କିପରି ମୁକାବିଲା କରିବ ତାହାକୁ ନେଇ ସୃଷ୍ଟି ହୋଇଛି ସଂଶୟ। ସେ ଏହି ସିରିଜ୍‌ରେ ୩ଟି ମ୍ୟାଚ୍ ଖେଳିବେ ବୋଲି କୁହାଯାଉଥିଲେ ମଧ୍ୟ ୱାର୍କଲୋଡ ଅନୁଯାୟୀ ବୁମ୍‌ରାଙ୍କୁ ଏହି ଟେଷ୍ଟରୁ ବାଦ୍ ଦେବା ଭାରତ ଲାଗି ବୁମେରାଂ ହୋଇପାରେ। ଏଣୁ ହରଡ଼ ଘଣାରେ ପଡ଼ିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ତାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ତାଙ୍କୁ ଯଦି ବାଦ୍ ଦିଆଯାଏ ତେବେ ଦଳ ସଂକଟରେ, ଯଦି ସେ ଖେଳନ୍ତି ତେବେ ସେ ନିଜେ ଅଡୁଆରେ ପଡ଼ି ପାରନ୍ତି। ଏଭଳି ସମୟରେ ଯଦି ସେ ନ ଖେଳନ୍ତି, ଅନ୍ୟତମ ଯୁବ ଫାଷ୍ଟ ବୋଲର ଆକାଶ ଦୀପ୍ ତାଙ୍କ ସ୍ଥାନରେ ଖେଳିବେ। ଆକାଶଙ୍କର ନିଜ ବୋଲିଂ ଉପରେ ଢ଼େର ନିୟନ୍ତ୍ରଣ ରହିଛି ଓ ଅଷ୍ଟ୍ରେଲିଆରେ ସେ ସୁନ୍ଦର ବୋଲିଂ କରିଥିଲେ। ସେହିପରି ଦଳ ଦ୍ୱିତୀୟ ଖେଳାଳି ବଦଳ କରିବ ବୋଲି ଆଶା ରଖିଛି। ସେହି ଖେଳାଳି ଜଣଙ୍କ ହେଲେ ଶାର୍ଦ୍ଦୁଳ ଠାକୁର। ଶାର୍ଦ୍ଦୁଳ ପ୍ରଥମ ଟେଷ୍ଟରେ ଆଦୌ ଉପଯୋଗୀ ସାବ୍ୟସ୍ତ ହୋଇ ପାରି ନ ଥିଲେ। ଏଣୁ ଭାରତୀୟ ଦଳ ତାଙ୍କୁ ଦ୍ୱିତୀୟ ସୁଯୋଗ ଦେବ ନାହିଁ ବୋଲି ଆଶା କରାଯାଉଛି।

### ■ ସୁନ୍ଦର ହୋଇ ପାରନ୍ତି ଦ୍ୱିତୀୟ ସ୍ପିନର

ଦ୍ୱିତୀୟ ଟେଷ୍ଟ ଖେଳାଯିବାକୁ ଥିବା ଏଜବାଷ୍ଟନ ପିଚ୍‌ରେ ଦୁଇ ଦିନ ପୂର୍ବରୁ ୧୧ ଏମଏମ ଘାସ ଥିଲା। କିନ୍ତୁ ଏବେ ତାହା ଦେଖିବାକୁ ମିଳୁ ନାହିଁ। ଅସହ୍ୟ ଗରମ ଯୋଗୁ ପଡ଼ିଆ ଶୁଷ୍କ ରହିଛି। ଏଭଳି ସ୍ଥିତିରେ ଭାରତ ଦୁଇଜଣ ସ୍ପିନରଙ୍କୁ ଖେଳାଇବ ବୋଲି ଆଶା କରାଯାଉଛି। ଗୋଟିଏ ଦିନ ଆଗରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦୁଇ ଜଣ ସ୍ପିନର ଖେଳାଇବା କଥା ସ୍ପଷ୍ଟ କରିଥିଲେ ସହକାରୀ କୋଚ୍ ରିୟାନ ଟେନ୍ ଡୋଏସ୍ଚେଟ୍। ସବୁଆଡୁ ଦେଖିଲେ ଏହି ଟେଷ୍ଟରେ ଭାରତ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବା ସମ୍ଭାବନା ବୃଦ୍ଧି ପାଇଛି। ରବୀନ୍ଦ୍ର ଜାଡେଜା ପ୍ରଥମ ପସନ୍ଦର ସ୍ପିନର ହୋଇଥିଲାବେଳେ କୁଲଦୀପ ଯାଦବ ଦ୍ୱିତୀୟ ସ୍ପିନର ଭାବେ ଖେଳନ୍ତୁ ବୋଲି ଅନେକ ପରାମର୍ଶ ଦେଇଥିଲେ। କିନ୍ତୁ କୁଲଦୀପ ନୁହଁନ୍ତି ଅଫ୍ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏଠାରେ ଖେଳିବାର ସମ୍ଭାବନା ଅଧିକ ରହିଛି। ଏହି ଗ୍ରାଉଣ୍ଡରେ ଅତୀତରେ ଅଫ୍ ସ୍ପିନର ମାନେ ଟେଷ୍ଟରେ ସଫଳତା ପାଇଛନ୍ତି। ଅଷ୍ଟ୍ରେଲିଆର ନାଥାନ ଲାୟନ, ଇଂଲଣ୍ଡର ମୋଇନ ଅଲି ଓ ୨୦୧୮ ରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ଏଠାରେ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଉଭୟ ରେକର୍ଡ ଓ ରଣନୀତି ଯୋଗୁଁ ସୁନ୍ଦରଙ୍କ ଏହି ଟେଷ୍ଟ ଖେଳିବା ସମ୍ଭାବନା ଶତପ୍ରତିଶତ ବୃଦ୍ଧି ପାଇଛି।

### ■ ଇଂଲଣ୍ଡ ଆତ୍ମବିଶ୍ୱାସୀ

ବାଜ୍‌ବଲ ଏରା (ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କଲମଙ୍କ ଖେଳ ଶୈଳୀ)ରେ ଟେଷ୍ଟ ମ୍ୟାଚ୍ ବେଶ ଆକର୍ଷଣୀୟ ହୋଇପାରିଛି। ଏହି ଶୈଳୀର ପ୍ରମୁଖ ଧାରା ହେଉଛି ଆକ୍ରମଣାତ୍ମକ ଖେଳିବା। ଏହି ରଣନୀତିରେ ଇଂଲଣ୍ଡ ବିଫଳତା ଅପେକ୍ଷା ଅଧିକ ସଫଳ ହୋଇଛି। ଏଭଳି ସ୍ଥିତିରେ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟ ଜିତିବାକୁ ଇଂଲଣ୍ଡର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଦଳର ଆତ୍ମବିଶ୍ୱାସ ଏତେ ବଢ଼ିଛି ଯେ, ଦଳ ପ୍ରଥମ ଟେଷ୍ଟ ଖେଳିଥିବା ଏକାଦଶ ଏହି ମ୍ୟାଚ୍ ଲାଗି ଅପରିବର୍ତ୍ତିତ ରଖିଛି। ବୋଲିଂରେ ଦଳ ଅନଭିଜ୍ଞ ଖେଳାଳିଙ୍କୁ ସାମିଲ କରି ମ୍ୟାଚ୍ ଜିତିନେଇଛି। ଏପରିକି ଭାରତ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୪୧ ରନ୍‌ରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩୧ ରନ୍‌ରେ ୬ଟି ୱିକେଟ ଅକ୍ତିଆର କରିବାରେ ଏହି ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦଳର ବ୍ୟାଟିଂ ଲାଇନ୍ ଶକ୍ତିଶାଳୀ ଥିଲାବେଳେ ଉତ୍ସାହୀ ବୋଲରଙ୍କୁ ନେଇ ଇଂଲଣ୍ଡ ଏହି ଟେଷ୍ଟ ଜିତିବ ବୋଲି ଅଧିନାୟକ ତଥା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଆଶା ପ୍ରକାଶ କରିଛନ୍ତି।

#### ଭାରତର ସମ୍ଭାବ୍ୟ ଏକାଦଶ

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ), କରୁନ ନାୟାର/ନୀତୀଶ ରେଡ୍ଡି, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା/ଆକାଶ ଦୀପ୍, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

#### ଇଂଲଣ୍ଡ ଏକାଦଶ

ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

#### ଖେଳ ସମୟ

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

#### ପ୍ରସାରଣ


ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ।

---

● ୱିମ୍ବଲଡନ ଦ୍ୱିତୀୟ ଦିନ

## ସିନ୍ନରଙ୍କ ଅଗ୍ରଗତି; ପେଗୁଲା ଆରମ୍ଭରୁ ଝୁଣ୍ଟିଲେ

ଲଣ୍ଡନ, ୧।୭ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୨ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ଏକ ନମ୍ବର ପୁରୁଷ ଖେଳାଳି ଇଟାଲୀର ଜାନିକ ସିନ୍ନର ସହଜ ବିଜୟ ସହ ଅଗ୍ରଗତି କରିଛନ୍ତି। କିନ୍ତୁ ମହିଳା ବିଭାଗରେ ଆମେରିକାର ୩ୟ ସିଡ୍ ଜେସିକା ପେଗୁଲା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।


ଏଲିସାବେଟ୍ଟା କୋକିଆରେଟୋ

ସ୍ଥାନୀୟ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବର କୋର୍ଟ-୧ରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ନର ୬-୪, ୬-୩, ୬-୦ ସେଟ୍‌ରେ ସାଥୀ ଇଟାଲୀ ଖେଳାଳି ଲୁକା ନାର୍ଡିଙ୍କୁ ସହଜରେ ହରାଇଥିଲେ। ସେହିଭଳି ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ୬-୭ (୬/୮), ୬-୭ (୮/୧୦), ୬-୪, ୭-୬ (୮/୬), ୬-୪ ସେଟ୍‌ରେ ଫ୍ରାନ୍ସର ଜିଓଭାନି ପେମ୍ପି ପେରିକାର୍ଡଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ୧୩ତମ ସିଡ୍ ଆମେରିକା ଟମି ପଲ୍, ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍ ମଧ୍ୟ ପ୍ରଥମ ରାଉଣ୍ଡରେ ସହଜ ବିଜୟ ସହ ଆଗେଇଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଆମେରିକାର ତାରକା ଖେଳାଳି ତଥା ୩ୟ ସିଡ୍ ଜେସିକା ପେଗୁଲାଙ୍କୁ ନିରାଶ ହେବାକୁ ପଡ଼ିଛି। ପ୍ରଥମ ରାଉଣ୍ଡରେ ଇଟାଲୀର ଏଲିସାବେଟ୍ଟା କୋକିଆରେଟୋ ୬-୨, ୬-୩ ସିଧାସଳଖ ସେଟ୍‌ରେ ମାତ୍ର ୫୮ ମିନିଟ୍‌ରେ ପେଗୁଲାଙ୍କୁ ହରାଇ ମଙ୍ଗଳବାର ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ତେବେ ୨୦୨୪ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଚାଇନାର କ୍ୱିନ୍‌ୱିନ ଝେଙ୍ଗ୍‌ଙ୍କୁ ୫-୭, ୬-୪, ୧-୬ ସେଟ୍‌ରେ ହରାଇ କାଟେରିନା ସିନିକୋଭା ଦିବସର ଅନ୍ୟ ବଡ଼ ବିପର୍ଯ୍ୟୟ ଘଟାଇଥିଲେ।

### ହାରିଲେ ଜ୍ୱେରେଭ୍

ୱିମ୍ବଲଡନ ପୁରୁଷ ଏକକର ପ୍ରଥମ ରାଉଣ୍ଡରେ ବଡ଼ ବିପର୍ଯ୍ୟୟ ଘଟିଛି। ଫ୍ରାନ୍ସର ଅଣସିଡେଡ ଖେଳାଳି ଆର୍ଥର ରିଣ୍ଡରନେଚ୍ ଚମତ୍କାର ଖେଳ ପ୍ରଦର୍ଶନ କରି ପ୍ରଥମ ରାଉଣ୍ଡରେ ତୃତୀୟ ସିଡ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭଙ୍କୁ ୩-୨ରେ ହରାଇ ଏହି ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଆର୍ଥର ଏହି ମୁକାବିଲାକୁ ୭-୬, ୬-୭, ୬-୩, ୬-୭, ୬-୪ ରେ ଜ୍ୱେରେଭଙ୍କୁ ହରାଇଥିଲେ।

---

## ୟୁନମ୍ ପର୍ବତାରୋହଣ କଲେ ଯୋଡାର ଦୀପକ

ଭୁବନେଶ୍ୱର,୧।୭ (ସମିସ): ଓଡ଼ିଶା ତଥା ଯୋଡାର ପର୍ବତାରୋହୀ ଦୀପକ ମହନ୍ତ ବିଶ୍ୱର ଅନ୍ୟତମ ଉଚ୍ଚ ଶୃଙ୍ଗ ମାଉଣ୍ଟ ୟୁନମ୍ ସଫଳତାର ସହ ଆରୋହଣ କରିବାରେ ସମର୍ଥ ହୋଇଛନ୍ତି।



ହିମାଚଳ ପ୍ରଦେଶର ଲାହୁଲ ଓ ସ୍ପିତିରେ ଅବସ୍ଥିତ ଏହି ପର୍ବତାରୋହଣରେ ୧୦ଜଣ ପର୍ବତାରୋହୀ ଥିଲେ। ଜୁନ୍ ୨୭ରେ ଏହି ସଫଳତ ପାଇବାରେ ଅଭିଯାତ୍ରୀଙ୍କ ମଧ୍ୟରେ ଏକା ଥିଲେ କେନ୍ଦୁଝର ଜିଲ୍ଲା ଯୋଡା ଅଧିବାସୀ ତଥା ରାଜ୍ୟର ଦୁଃସାହସିକ କ୍ରୀଡ଼ା ସଂଘର ସଦସ୍ୟ ଦୀପକ ମହନ୍ତ। ଏହି ସଫଳତା ପାଇବା ପରେ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଆସା (ଏଏସ୍‌ଏ)ର ସମ୍ପାଦକ ତଥା ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନା, ପୂର୍ବତନ ବରିଷ୍ଠ କ୍ରୀଡ଼ା ଅଧିକାରୀ ତଥା ଉପଦେଷ୍ଟା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ହରେଶ କୁମାର ମିଶ୍ର, ଶିବଶଙ୍କର ପଣ୍ଡା ଓ ବିକ୍ରମ କିଶୋର ଦାସ।


ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ଭୁବନେଶ୍ୱରର ସାତ୍ତ୍ୱିକ ସ୍ୱାଇଁଙ୍କୁ ଖୋର୍ଦ୍ଧା ଜିଲ୍ଲା ସଂଘ ପକ୍ଷରୁ ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂ ସମ୍ବର୍ଦ୍ଧିତ କରୁଛନ୍ତି।

## ୟୁରୋପ୍ ଗସ୍ତ : ଭାରତ-ଏ ହକି ଦଳରେ ଓଡ଼ିଶାରୁ ୪ ଖେଳାଳି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଆଗାମୀ ୟୁରୋପ୍ ଗସ୍ତ ଲାଗି ମଙ୍ଗଳବାର ହକି ଇଣ୍ଡିଆ ପକ୍ଷରୁ ୨୦ ଜଣିଆ ଭାରତ-ଏ ଦଳ ଘୋଷଣା କରାଯାଇଛି। ସଞ୍ଜୟଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୁଇ ଯୁବ ଡିଫେଣ୍ଡର ପ୍ରତାପ ଲାକ୍ରା ଓ ଅମନଦୀପ୍ ଲାକ୍ରା। ସେହିଭଳି ୩ଜଣିଆ ଷ୍ଟାଣ୍ଡବାଇ ତାଲିକାରେ ଓଡ଼ିଶାର ଡିଫେଣ୍ଡର ସୁନିଲ ଜୋଜୋ ଓ ଫର୍‌ୱାର୍ଡ ସୁଦୀପ ଚିର୍ମାକୋଙ୍କୁ ମଧ୍ୟ ସୁଯୋଗ ମିଳିଛି। ଫଳରେ ଏହି ୟୁରୋପ ଗସ୍ତରେ ଭାରତ-ଏ ସହ ଓଡ଼ିଶାର ୪ଜଣ ଖେଳାଳି ସାମିଲ ହୋଇଛନ୍ତି। ଭାରତ-ଏ ଏହି ଗସ୍ତରେ ଆୟର୍ଲାଣ୍ଡ, ଫ୍ରାନ୍ସ ଓ ନେଦରଲାଣ୍ଡସ ଦଳ ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବ।

● ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

## ଅଶୋକଙ୍କୁ ସ୍ୱର୍ଣ୍ଣ, ସୁସ୍ମିତାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୭ (ସମିସ): ଆମେରିକାରେ ଅନୁଷ୍ଠିତ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଦୁଇ ଓଡ଼ିଆ ଖେଳାଳି ପଦକ ସଫଳତା ପାଇଛନ୍ତି। ସେମାନେ ହେଲେ ଓଡ଼ିଶା ପୁଲିସର କନଷ୍ଟେବଲ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା। ପୁରୁଷ ୮୦୦ ମିଟର ରେସରେ ଅଶୋକ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ସମାନ ଇଭେଣ୍ଟର ମହିଳା ବିଭାଗରେ ସୁସ୍ମିତା ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତି ରାଜ୍ୟ ପୁଲିସ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଉଭୟ ଅଶୋକ ଓ ସୁସ୍ମିତା ରାଜ୍ୟ ଓ ଦେଶ ପାଇଁ ଆହୁରି ଗୌରବ ଆଣନ୍ତୁ ବୋଲି ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଅଶୋକ ଓ ସୁସ୍ମିତା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।





## ପ୍ରତି ମାସରେ ପତ୍ନୀ ଓ ଝିଅଙ୍କୁ ସାମି ଦେବେ ୪ ଲକ୍ଷ

କୋଲକାତା, ୧।୭ (ଏଜେନ୍ସି): ଭାରତୀୟ କ୍ରିକେଟର୍ ମହମ୍ମଦ ସାମିଙ୍କୁ ମଙ୍ଗଳବାର କୋଲକାତା ହାଇକୋର୍ଟରୁ ଜୋର୍‌ଦାର୍ ଝଟ୍‌କା ଲାଗିଛି। ସାମି ତାଙ୍କ ପତ୍ନୀ ହାସିନ ଜହାନ ଓ ଝିଅ ଆଇରାଙ୍କୁ ଭରଣପୋଷଣ ବାବଦକୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଦେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏହି ୪ ଲକ୍ଷରୁ ପତ୍ନୀ ହାସିନଙ୍କୁ ୧.୫ ଲକ୍ଷ ଓ ଝିଅ ଆଇରାଙ୍କୁ ୨.୫ ଲକ୍ଷ ଟଙ୍କା ଦେବାକୁ ଏଥିରେ କୁହାଯାଇଛି। ଏହି ଭରଣପୋଷଣ ରାଶି ୭ ବର୍ଷ ପଛରୁ ଆଦାୟ କରିବାକୁ କୁହାଯାଇଛି। ଅର୍ଥାତ୍ ମାସକୁ ୪ ଲକ୍ଷ ହିସାବରେ ୭ ବର୍ଷକୁ ୩.୩୬ କୋଟି ଟଙ୍କା ସାମି ଆଗାମୀ ୬ ମାସ ମଧ୍ୟରେ ତାଙ୍କ ପତ୍ନୀ ଓ ଝିଅଙ୍କୁ ଦେବେ। ଉଲ୍ଲେଖଯୋଗ୍ୟ, ସାମି ଓ ହାସିନ ୨୦୧୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହାର ବର୍ଷକ ପରେ ଉଭୟଙ୍କ ଔରସରୁ ଏକ ଝିଅ ଜନ୍ମ ହୋଇଥିଲା। କିନ୍ତୁ ପରେ ଜଣାପଡ଼ିଥିଲା ଯେ ହାସିନ ପୂର୍ବରୁ ବିବାହ କରିଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା।

## ୨୪ ବର୍ଷ ପରେ ବଦଳିଲା ଜାତୀୟ କ୍ରୀଡ଼ା ନୀତି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ଜାତୀୟ କ୍ରୀଡ଼ା ନୀତିକୁ ଅନୁମୋଦନ କରିଛି। ଦେଶରେ କ୍ରୀଡ଼ା କ୍ଷେତ୍ରକୁ ରୂପାନ୍ତରିତ କରିବା ଲକ୍ଷ୍ୟରେ ଜାତୀୟ କ୍ରୀଡ଼ା ନୀତି (ଏନ୍‌ଏସ୍‌ପି)କୁ ଅନୁମୋଦନ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଏଠାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ପ୍ରଚଳିତ ଜାତୀୟ କ୍ରୀଡ଼ା ନୀତି-୨୦୦୧ର ସ୍ଥାନ ନେଇଛି। ଏହାର ଅର୍ଥ ୨୪ ବର୍ଷ ପରେ ବଦଳିଛି। ଭାରତକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଶକ୍ତିଶାଳୀ ଦେଶ ଭାବରେ ପ୍ରତିଷ୍ଠା କରିବା ପାଇଁ ଏକ ଦୂରଦୃଷ୍ଟିପୂର୍ଣ୍ଣ ଓ ରଣନୈତିକ ରୋଡ୍‌ମ୍ୟାପ୍ ଏଥିରେ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଉପଲବ୍ଧି ହାସଲ କରିବା ଅନ୍ତର୍ଭୁକ୍ତ ରହିଛି। ଏନ୍‌ଏସ୍‌ପି-୨୦୨୫କୁ ପ୍ରସ୍ତୁତ କରିବାରେ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ନୀତି ଆୟୋଗ, ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍) ଓ କିମ୍ବଦନ୍ତୀ ଖେଳାଳିମାନେ ସହଯୋଗ କରିଛନ୍ତି। ଜାତୀୟ କ୍ରୀଡ଼ା ନୀତି-୨୦୨୫ର ମୂଳ ଲକ୍ଷ୍ୟ ହେଉଛି, ଭାରତକୁ ଏକ ଅଗ୍ରଣୀ କ୍ରୀଡ଼ା ରାଷ୍ଟ୍ର ହେବା ପାଇଁ ଏକ ପରିବର୍ତ୍ତନଶୀଳ ପଥ ଉପରେ ସ୍ଥାପନ କରିବା। ଏହା ଅଧିନରେ ଭାରତରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ରୀଡ଼ା ବିଷୟରେ ସଚେତନ କରାଯିବ। ମହିଳାମାନଙ୍କ ପାଇଁ କ୍ରୀଡ଼ାରେ ଅଂଶଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସେହିଭଳି ନୂତନ ନୀତି ଅଧିନରେ କ୍ରୀଡ଼ା ଲିଗ୍ ସଂଗଠନକୁ ମଧ୍ୟ ପ୍ରୋତ୍ସାହିତ କରାଯିବ। ଯାହା ଦ୍ୱାରା ଅଧିକରୁ ଅଧିକ ଖେଳାଳି ସୁଯୋଗ ପାଇବେ।

## ଫିଫା କ୍ଲବ୍ ବିଶ୍ୱକପ୍‌ରେ ବିପର୍ଯ୍ୟୟ

# ଅଲ୍-ହିଲାଲ୍‌ଠୁ ହାରିଲା ମାଞ୍ଚେଷ୍ଟର ସିଟି

ଡଲାସ,୧।୭ (ଏଜେନ୍ସି)

ଆମେରିକାରେ ଚାଲିଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡର ମାଞ୍ଚେଷ୍ଟ ସିଟିକୁ ୪-୩ ଗୋଲରେ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ମାର୍କୋସ ଲିଓନାର୍ଡୋଙ୍କ ଡବଲ ଗୋଲ ବଳରେ ଅଲ-ହିଲାଲ ଏହି ବିପର୍ଯ୍ୟୟ ସୃଷ୍ଟିକରିବାରେ ସମର୍ଥ ହୋଇଛି। ସେହିପରି ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍‌ସେ ୨-୦ ଗୋଲରେ ଇଟାଲୀର ଚାମ୍ପିଅନ କ୍ଲବ୍ ଇଣ୍ଟର ମିଲାନକୁ ହରାଇ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୁଇ ବିପର୍ଯ୍ୟୟସୃଷ୍ଟିକାରୀ ଟିମ୍ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଅର୍ଲାଣ୍ଡୋରେ ଶୁକ୍ରବାର ଖେଳାଯିବ। ଏବେ ଶେଷ କ୍ୱାର୍ଟର ଫାଇନାଲ ମୁକାବିଲା ଲାଗି ମ୍ୟାଚ୍ ଖେଳାଯିବ। ପ୍ରତମ ପ୍ରି-କ୍ୱାର୍ଟରରେ ଆଜି ରାତିରେ ରିଅଲ ମାଡ୍ରିଦ୍ ସହ ଜୁଭେଣ୍ଟସର ଓ ଆସନ୍ତାକାଲି ସକାଳେ ମୋଣ୍ଟେରୀ ସହ ଡର୍ଟମଣ୍ଡର ମୁକାବିଲା ହେବ। ପୂର୍ବରୁ କ୍ୱାର୍ଟର ଫାଇନାଲରେ ପିଏସ୍‌ଜି ସହ ବେୟର୍ଣ୍ଣ ମ୍ୟୁନିକ୍, ପାଲମେଇରାସ ସହ ଚେଲସୀର ମୁକାବିଲା ଚୂଡାନ୍ତ ହୋଇଛି।



ବିଶ୍ୱର ଅନ୍ୟତମ ପ୍ରସିଦ୍ଧ କ୍ଲବ୍ ଇଟାଲୀର ଜୁଭେଣ୍ଟସ ସହ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଆସିଥିଲା। କିନ୍ତୁ କ୍ୟାମ୍ପିଙ୍ଗ୍ ୱାର୍ଲ୍ଡ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁକାବିଲାରେ ଖେଳର ୯ମ ମିନିଟ୍‌ରେ ମାଞ୍ଚେଷ୍ଟର ସିଟି ବର୍ଣ୍ଣାଡୋ ସିଲ୍‌ଭାଙ୍କ ଗୋଲରେ ଅଗ୍ରଣୀ ନେଇଥିଲା। ପୂର୍ବତନ ବାର୍ସିଲୋନା ଖେଳାଳି ମାଲକମ୍ ଏହି ଗୋଲଟିକୁ ଶୁଝାଇ ଦେଇଥିଲେ। ଦଳ ପକ୍ଷରୁ ଜୋଆଓ କାନସେଲୋ ଆଉ ଏକ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ନିର୍ଦ୍ଧାରିତ ସମୟ ଖେଳ ଶେଷ ପୂର୍ବରୁ ଏର୍ଲିଙ୍ଗ ହଲାଣ୍ଡ ଆଉ ଏକ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଯାହା ଫଳରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ଅଲ ହିଲାଲ ପକ୍ଷରୁ କାଲିଡୋଉ କୌଲିବାଲି ଗୋଲ ଦେଇ ପୁଣି ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାର ୧୦ ମିନିଟ୍ ପରେ ଫିଲ ଫୋଡେନ୍ ଗୋଲ ଶୁଝାଇ ୩-୩ରେ ଖେଳକୁ ସମାନ ସ୍ତରକୁ ନେଇଆସିଥିଲେ। ଖେଳର ୧୧୨ତମ ମିନିଟ୍‌ରେ ସର୍ଗେଜ୍ ମିଲିଙ୍କୋଭିଚ୍ ସାଭିଚ୍‌ଙ୍କ ହେଡରକୁ ଗୋଲ ରକ୍ଷକ ଏଡରସନ ଅଟକାଇବା ଫଳରେ ବଲଟି ବାହାରକୁ ଆସିଯାଇଥିଲା। ଏହି ସୁଯୋଗର ସଦ୍‌ବ୍ୟବହାର କରି ଲିଓନାର୍ଡୋ ଦଳ ଲାଗି ଦ୍ୱିତୀୟ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଫଳରେ ଅଲ ହିଲାଲ ନିର୍ଦ୍ଧାରିତ ସମୟ ପରେ ୪-୩ ଗୋଲରେ ବିଜୟୀ ହୋଇଥିଲା।

ଅନ୍ୟ ଏକ ମ୍ୟାଚ୍‌ରେ ବ୍ରାଜିଲୀୟ କ୍ଲବ୍ ପ୍ରାଧାନ୍ୟ ବିସ୍ତାର କରି ୨-୦ ଗୋଲରେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଜର୍ମାନ ଖେଳାଳି କାନୋ ଓ ବଦଳ ଖେଳାଳି ହର୍କ୍ୟୁଲେସ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଇଣ୍ଟର ମିଲାନ ଏହି ମ୍ୟାଚ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିଲା। ବିଶେଷ କରି ଲୌଟାରେ ମାର୍ଟିନେଜ୍ ଓ ଫେଡେରିକୋ ଦିମାର୍କୋ ଗୋଲ ଦେବାର ଦୁଇଟି ସହଜ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ। ସେହିପରି ବ୍ରାଜିଲର ଦୁଇ କ୍ଲବ୍ ଫ୍ଲୁମିନେନ୍‌ସେ ଓ ପାଲମେଇରାସ ସେମାନଙ୍କ ଶକ୍ତିଶାଳୀ ୟୁରୋପୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ଲବ୍‌ସ୍ତରରେ ବିଶ୍ୱର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ୟୁରୋପୀୟ ଦଳ ଅଧିକ ସଫଳତା ହାସଲ କରିବାରେ ସମର୍ଥ ହୋଇପାରି ନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS